

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୮ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 18 NOVEMBER 2020

Vol.No. 30 ■ No. 291 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବ୍ରିକ୍ସ ସମ୍ମିଳନୀରେ ପାକ୍ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ ,୧୭।୧୧ (ନି.ପ୍ର): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶଗୁଡିକୁ ଉତରଦାୟୀ କରାଯାଉ ବୋଲି ଦାବି କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବ୍ରିକ୍ସ ସମ୍ମିଳନୀରେ ଉଦବୋଧନ ଦେଇ ସେ କହିଛନ୍ତି ଯେ ଆତଙ୍କବାଦ ହେଉଛି ବିଶ୍ୱ ସମ୍ମୁଖୀନ ହେଉଥିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ମଧ୍ୟରୁ ଅନ୍ୟତମ। ଆତଙ୍କବାଦକୁ ସମର୍ଥନ ଦେଉଥିବା ଦେଶମାନଙ୍କ ବିରୁଦ୍ଧରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରମାନେ ଏକଜୁଟ ହୁଅନ୍ତୁ ବୋଲି ସେ ଦାବି କରିଛନ୍ତି। ପାକିସ୍ତାନକୁ ଇଙ୍ଗିତ କରି ସେ ଏକଥା କହିଛନ୍ତି। ମୋଦି କହିଛନ୍ତି ଯେ ମିଳିତ ଜାତିସଂଘର ସଂସ୍କାର ପାଇଁ ସମୟ ଆସିଯାଇଛି। ବ୍ରିକ୍ସ ସଦସ୍ୟ ଦେଶଗୁଡିକର ନେତାମାନଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଏଥର ଜାତିସଂଘ ବଦଳିବା ଆବଶ୍ୟକ। କରୋନା ମହାମାରୀ ସମୟରେ ଭାରତ ସମଗ୍ର ବିଶ୍ୱ ସମୁଦାୟକୁ ସହାୟତାର ହାତବଢ଼ାଇଛି। ଲକଡାଉନ ସମୟରେ ଭାରତ ପ୍ରାୟ ୧୫୦ ଟି ଦେଶକୁ ଔଷଧ ଓ ଡାକ୍ତରୀ ସାମଗ୍ରୀ ଯୋଗାଇଛି। ଟିକା ଉତ୍ପାଦନ ଓ ଯୋଗାଣ କ୍ଷେତ୍ରରେ ଭାରତର କ୍ଷମତା ଦିନେ ସମଗ୍ର ମାନବ ଜାତିର କାମରେ ଆସିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଋଷିଆ, ଭାରତ, ଚୀନ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାକୁ ନେଇ ବ୍ରିକ୍ସ ସଂଗଠନ ଗଠିତ। ଏଥରର ବ୍ରିକ୍ସ ସମ୍ମିଳନୀ ଋଷିଆ ଆୟୋଜନ କରୁଛି। ତେବେ କରୋନା ପାଇଁ ଏଥର ଏହି ସମ୍ମିଳନୀ ଭର୍ଚୁଆଲ ମାଧ୍ୟମରେ ହେଉଛି। ଏଥରର ସମ୍ମିଳନୀର ବିଷୟ ହେଉଛି- ବିଶ୍ୱ ସ୍ଥିରତା, ମିଳିତ ନିରାପତା ଓ ଉଦ୍ଭାବନଭିତିକ ଅଭିବୃଦ୍ଧି।

## ଡିସେମ୍ବର ତୃତୀୟ ସପ୍ତାହରେ ଭକ୍ତଙ୍କ ପାଇଁ ଖୋଲିପାରେ ଶ୍ରୀମନ୍ଦିର



ଭୁବନେଶ୍ୱର,୧୭/୧୧(ଓଡ଼ିଶା ଖବର) : ଡିସେମ୍ବର ତୃତୀୟ ସପ୍ତାହରେ ଭକ୍ତଙ୍କ ପାଇଁ ଖୋଲିପାରେ ଶ୍ରୀମନ୍ଦିର। ଏଥିସହ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ଶୃଙ୍ଖଳିତ ଭାବେ ଶେଷ କରିବାକୁ ଚାଲିଛି ପ୍ରସ୍ତୁତି। ତେବେ କରୋନା ଯୋଗୁଁ ପ୍ରଭାବିତ ହୋଇଛି ଶ୍ରୀମନ୍ଦିରର ଆୟ। ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହେବାସହ ୧୫୪କୋଟି ଟଙ୍କାର ବଜେଟ ପାରିତ ହୋଇଛି। କରୋନା ହେତୁ ଶ୍ରୀମନ୍ଦିର ପ୍ରଶାସନର ଖର୍ଚ୍ଚ ବୃଦ୍ଧି ସହ ଆୟ କମ ରହିଛି। ଯାହାଫଳରେ ଶ୍ରୀମନ୍ଦିର ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଂଜ ସୃଷ୍ଟି ହୋଇଥିବାବେଳେ ଏହାକୁ ଭୋରଣ ପୋଷଣ କରିବା ଏବଂ ଅଧିକ ଆୟ ପାଇଁ ସ୍ୱତନ୍ତ୍ର ପାଣ୍ଠି ଅନଲାଇନ ମାଧ୍ୟମରେ ସଂଗ୍ରହ କରାଯିବାକୁ କରାଯିବ ଉଦ୍ୟମ।

▶▶ପୃଷ୍ଠା ୭

## ଆହାର ଯୋଜନା ପାଇଁ ୨୦ କୋଟି ଦେଲା ଓଏମସି

ଭୁବନେଶ୍ୱର,୧୭।୧୧ (ନି.ପ୍ର): ଓଡ଼ିଶା ଖଣି ନିଗମ ଆହାର ଯୋଜନା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୦ କୋଟି ଟଙ୍କା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଗମକୁ ପ୍ରଶଂସା କରିଛନ୍ତି । ପୌରାଂଚଳଗୁଡ଼ିକରେ ଅଭାବୀ ଲୋକମାନଙ୍କୁ ଭୋଜନ ସୁବିଧା ଯୋଗାଇବାରେ ଆହାର ଏକ ଫଳପ୍ରଦ କାର୍ଯ୍ୟକ୍ରମ ଭାବରେ ଆଦୃତ ହୋଇଛି ବୋଲି ଦର୍ଶାଇ ଏହି ଅଭିଯାନକୁ ଖଣି ନିଗମର ଅବଦାନ ଅଧିକ ସଶକ୍ତ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଲେଖାଶ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ : ସୁର ରାଉତରାୟ

ଭୁବନେଶ୍ୱର,୧୭।୧୧ (ନି.ପ୍ର): ଜଗତର ନାଥ ଜଗନ୍ନାଥ ସମ୍ବିତ ପାତ୍ରଙ୍କ ପାଇଁ ବିଶ୍ୱଦରବାରରେ ପରିଚିତ ହୋଇପାରିଲେ ବୋଲି ବିଜେପିର ନେତ୍ରୀ ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାର ଯେଉଁ ମନ୍ତବ୍ୟ ଦେଇଛନ୍ତି ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେବଳ ଓଡ଼ିଆ ଜାତି ନୁହେଁ ଏହା ବିଶ୍ୱର ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଅପମାନ ବୋଲି ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ କହିଛନ୍ତି। ବିଜେପି ଦଳ ଜଗତର ନାଥ ଜଗନ୍ନାଥଙ୍କୁ କେଉଁ ଦୃଷ୍ଟିରେ ଦେଖେ ତାହା ଶ୍ରୀମତୀ ସାମନ୍ତସିଂହାରଙ୍କ ମନ୍ତବ୍ୟରୁ ଜଣାପଡୁଛି। ଶ୍ରୀମତୀ ସାମନ୍ତସିଂହାରଙ୍କ କହିବା ଅନୁଯାୟୀ ସମ୍ବିତ ପାତ୍ର ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନରେ

▶▶ପୃଷ୍ଠା ୭

## ବିବାଦୀୟ ମନ୍ତବ୍ୟ ପାଇଁ ଲେଖାଶ୍ରୀଙ୍କ ନାଁରେ ଏତଲା



ଭୁବନେଶ୍ୱର,୧୭।୧୧ (ନି.ପ୍ର): ପୁରୀକୁ ନେଇ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେ ଭାରତୀୟ ଭାଷା ଆପଣାନ୍ତୁ ଅଭିଯାନ ପକ୍ଷରୁ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ପୁରୀକୁ ନେଇ ଲେଖାଶ୍ରୀଙ୍କ ବିଭ୍ରାନ୍ତିକର ଓ ଅପମାନସୂଚକ ମନ୍ତବ୍ୟ ରାଜ୍ୟ ବିରୋଧୀ। ସେ ଯେଉଁଭଳି ଭାବେ ପୁରୀକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି, ସେହିଭଳି ଭାବେ ବଡ଼ଦାଣ୍ଡ ଯାଇ ପ୍ରଭୁ ଜଗନ୍ନାଥଙ୍କୁ ଭୁଲ ମାଗନ୍ତୁ, ନହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଭାରତୀୟ ଭାଷା ଆପଣାନ୍ତୁ ଅଭିଯାନ ପକ୍ଷରୁ କୁହାଯାଇଛି।

## ବିଧାନସଭା ପୂର୍ବରୁ ବିଧାୟକଙ୍କ କରୋନା ଟେଷ୍ଟ ଆରମ୍ଭ



ଭୁବନେଶ୍ୱର,୧୭।୧୧ (ନି.ପ୍ର): ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ପୂର୍ବରୁ ମଙ୍ଗଳବାରଠାରୁ ମନ୍ତ୍ରୀ, ବିଧାୟକ, ମନ୍ତ୍ରୀଙ୍କ କର୍ମଚାରୀ , ବିଧାନସଭା କର୍ମଚାରୀ ଓ ସାମ୍ବାଦିକମାନଙ୍କ କରୋନା ଟେଷ୍ଟ ଆରମ୍ଭ ହୋଇଛି। ଏଥିଲାଗି ବିଧାନସଭା ପରିସରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରଥମ ଦିନରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପ୍ରଥମେ ନିଜର କରୋନା ପରୀକ୍ଷା କରାଇଛନ୍ତି। ଏହି ଟେଷ୍ଟ ୩ ଦିନ ଧରି ଚାଲିବ । ଯେଉଁମାନଙ୍କ ରିପୋର୍ଟ ନେଗେଟିଭ ଆସିବ ସେମାନଙ୍କୁ ଅଧିବେଶନରେ ବସିବାକୁ ସୁଯୋଗ ଦିଆଯିବ।

▶▶ପୃଷ୍ଠା ୭

## ସ୍ୱାଭିମାନ ଅଂଚଳବାସୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

### ମାଓବାଦୀମାନଙ୍କୁ ହିଂସା ଛାଡି ମୁଖ୍ୟଧାରାକୁ ଫେରି ଆସିବାକୁ କଲେ ଆହ୍ୱାନ



ଭୁବନେଶ୍ୱର,୧୭।୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାମପନ୍ଥୀ ଉଗ୍ରବାଦର କ୍ୟାଡର ମାନଙ୍କୁ ଆହ୍ୱାନ କରିଛନ୍ତି ଯେ ସେମାନେ ହିଂସା ଛାଡି ମୁଖ୍ୟଧାରାକୁ ଫେରି ଆସନ୍ତୁ ଏବଂ ବିକାଶ କାମକୁ ଆଗେଇ ନେବାରେ ସହଯୋଗ କରନ୍ତୁ । ସ୍ୱାଭିମାନ ଅଂଚଳରେ ମୋବାଇଲ ଫୋନ ବଂଟନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ସେଠାକାର ସ୍ଥାନୀୟ ଲୋକ ମାନଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ସେ କହିଛନ୍ତି ଯେ ଖୁସିର କଥା ସ୍ୱାଭିମାନ ଅଂଚଳରେ ୪ଟି ମୋବାଇଲ ଟାୱାର ହୋଇଥିବା ବେଳେ ୪ଏ ସୁବିଧା ସହ ଆଉ ତିନୋଟି ଟାୱାର କରିବାକୁ ଆମର ଯୋଜନା ରହିଛି । ସେ କହିଛନ୍ତି ଯେ ସ୍ୱାଭିମାନ ଅଂଚଳର ସବୁ ପରିବାରକୁ ରାଜ୍ୟ ସରକାର ମାଗଣାରେ ସ୍ମାର୍ଟ ମୋବାଇଲ ଫୋନ ଯୋଗାଇଦେବେ । ଆଜି ଆପଣଙ୍କ ଅଂଚଳ ରେ ମୋବାଇଲ ଫୋନ ବଂଟନ କାମ ଆରମ୍ଭ କରି ମୁଁ ବହୁତ ଖୁସି । । ଏହା ଆପଣମାନଙ୍କୁ ଆହୁରି ଭଲ ଭାବରେ ଅନ୍ୟ ଅଂଚଳ ସହ ଯୋଡିପାରିବ । ପିଲାମାନଙ୍କ ପାଠ ପଢାରେ ବି ସୁବିଧା ହେବ । ସେ କହିଛନ୍ତି ଯେ ସ୍ୱାଭିମାନ ଅଂଚଳ ସବୁବେଳେ ମୋ ହୃଦୟରେ ରହିଛି । ଏ ଅଂଚଳକୁ ରାଜ୍ୟର ଏକ ଆଗୁଆ ଅଂଚଳ ଭାବରେ ଗଢି ତୋଳିବା ପାଇଁ ମୋ ଉଦ୍ୟମ ଜାରି ରହିବ । ସ୍ୱାଭିମାନ ଅଂଚଳର ବିକାଶ କାମକୁ ଆଗେଇ ନେବାକୁ ମୁଁ ସେତେବେଳେ ସେତୁ ଯୋଜନାରେ ୧୦୦ କୋଟି ଟଙ୍କାର ବିଶେଷ ପ୍ୟାକେଜ ଘୋଷଣା କରିଥିଲି । ପରେ ଏହାକୁ ୨୧୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିରେ ଶିକ୍ଷା ଠାରୁ ଆରମ୍ଭ କରି ଜୀବିକା ସ୍ୱାସ୍ଥ୍ୟ ସେବା, ଯୋଗାଯୋଗ, ପିଇବା ପାଣି, ଜଳସେଚନ, ଘର, ବ୍ୟାଙ୍କ ସେବା ଆଦି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ମିଶନ ଶକ୍ତିର ମା ମାନଙ୍କ ପାଇଁ ଏକ୍ସପୋଜର ଭିଜିଟର ମଧ ବ୍ୟବସ୍ଥା କରାଯାଇଛି ।ସ୍ୱାଭିମାନ ଅଂଚଳରେ ଭଲ ହଳଦୀ ଚାଷ କରାଯାଏ । ଏହାର ମଧ ବହୁତ ଆଦର ରହିଛି ।

▶▶ପୃଷ୍ଠା ୭

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଭେଟିଲେ ଛତିଶଗଡ ମୁଖ୍ୟମନ୍ତ୍ରୀ

### ପେଟ୍ରୋଲିୟମ ପ୍ରକଳ୍ପର ଅଗ୍ରଗତି ନେଇ ନୂଆଦିଲ୍ଲୀ ସ୍ଥିତ ଶାସ୍ତ୍ରୀଭବନରେ ଆଲୋଚନା



ନୂଆଦିଲ୍ଲୀ/ ଭୁବନେଶ୍ୱର,୧୭।୧୧ (ନି.ପ୍ର): ଛତିଶଗଡର ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ମଙ୍ଗଳବାର ନୂଆଦିଲ୍ଲୀ ସ୍ଥିତ ଶାସ୍ତ୍ରୀଭବନ ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ଏହି ଅବସରରେ ଉଭୟ ନେତା ଛତିଶଗଡ଼ରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧୀନରେ କ୍ରିୟାନ୍ୱିତ ହେଉଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଉପରେ ଆଲୋଚନା କରିଥିବା ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି । ଏହି ଆଲୋଚନା କାଳରେ ଛତିଶଗଡ଼ର ଅଭିବୃଦ୍ଧି ଏବଂ ଲୋକଙ୍କ ବିକାଶ ନେଇ ଉଭୟ ନେତା ଚର୍ଚ୍ଚା କରିଥିଲେ । ଛତିଶଗଡରେ ଜୈବଇନ୍ଧନ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି । ଜୈବଇନ୍ଧନ କ୍ଷେତ୍ରରେ ଥିବା ସମ୍ଭାବନାକୁ ଉପଯୋଗ କରି ରାଜ୍ୟରେ କିପରି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ ଏବଂ ରାଜ୍ୟର ବିକାଶ ହୋଇପାରିବ ସେ ଦିଗରେ ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ ଟ୍ୱିଟ୍ କରି ସୂଚନା ଦେଇଛନ୍ତି ।

## ଭୁବନେଶ୍ୱରରେ ୫୦ ତଳକୁ ଖସିଲା ପଜିଟିଭ୍ଙ୍କ ସଂଖ୍ୟା

ଭୁବନେଶ୍ୱର,୧୭।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ଦୀର୍ଘ ଦିନ ପରେ ୫୦ ତଳକୁ ଖସିଛି । ମଙ୍ଗଳବାର ରାଜଧାନୀରୁ ଆଉ ୪୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୧୧ ଜଣ ସଂଗରୋଧ ଓ ୩୭ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୬୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୨୨୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୯,୩୫୮ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୬୫୦ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୯୮ ଜଣଙ୍କର ମୃତ୍ୟୁ ହୋଇଛି। ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଲକ୍ଷ୍ମୀସାଗରରୁ ୫ ଜଣ, ଚନ୍ଦ୍ରଶେଖରପୁରରୁ ୪ ଜଣ, ନୟାପଲ୍ଲୀ ,ଟଙ୍କପାଣିରୋଡ୍ , ବାପୁଜୀନଗର ଓ ପଟିଆରୁ ୩ ଜଣ ଲେଖାଏଁ, ବରମୁଣ୍ଡା, ବମିଖାଲ, ରସୁଲଗଡ, ଆଇଆରସି ଭିଲେଜ ଓ ଓଲ୍ଡ ଟାଉନରୁ ୨ ଜଣ ଲେଖାଏଁ ରହିଛନ୍ତି।

## ୮ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ୍: ଦୁଇ ମହିଳା ଗିରଫ



ବାଲେଶ୍ୱର,୧୭।୧୧ (ନି.ପ୍ର): ସହଦେବଖୁଣ୍ଟା ଥାନା ପୁଲିସ ଅରଡ଼ବଜାର ଅଞ୍ଚଳରେ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ ସହ ଦୁଇଜଣ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ଦୁଇଜଣ ହେଲେ ଅରଡ଼ବଜାର ଅଞ୍ଚଳର ରୋଜତିବା ବିବି ଓ ସୋହେଲା ବିବି। ସେମାନେ ବ୍ରାଉନସୁଗାର ପୁଡ଼ିଆ ବିକ୍ରି କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସହଦେବଖୁଣ୍ଟା ଥାନା ପୁଲିସ ଟିମ୍ ଅତର୍କିତ ଚଢ଼ଉ କରିବା ସହ ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୮୫ ଗ୍ରାମ ବ୍ରାଉନସୁଗାର ଓ ନଗଦ ୧୮ ହଜାର ୭ଶହ ଟଙ୍କା ପୁଲିସ ଜବଦ କରିଛି। ତେବେ ଜବତ୍ ହୋଇଥିବା ୮୫ ଗ୍ରାମ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୁଲିସ ପ୍ରକାଶ କରିଛି। ଏନେଇ ୩୧୩ ଓ ୩୧୪ ଦୁଇଗୋଟି ମାମଲା ରୁଜୁ ସହ ୨୧ (ବି) ଏନଡିପିଏସ ଆକ୍ଟ ମୂଳେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ରାଜ୍ୟରେ ଆଉ ୧୭ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୫୬୦ ହେଲା

ଭୁବନେଶ୍ୱର,୧୭।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୫୬୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୪ ଜଣ ଓ ସମ୍ବଲପୁର ଜିଲ୍ଲାର ୩ ଜଣ ଅଛନ୍ତି। ସେହିପରି ଜଗତସିଂହପୁର ଓ ସୁବର୍ଣ୍ଣପୁର ଜିଲ୍ଲାର ୨-୨ ଜଣ ଅଛନ୍ତି। ସେହିପରି ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, ଭଦ୍ରକ, ବରଗଡ, ଗଂଜାମ, ପୁରୀ ଓ କଟକ ଜିଲ୍ଲାରୁ ଜଣେ ଜଣେ ଅଛନ୍ତି। ବରଗଡ ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ଭଦ୍ରକ ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି। ଭଦ୍ରକ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। କଟକ ଜିଲ୍ଲାର ଜଣେ ୮୧ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି। ଗଂଜାମ ଜିଲ୍ଲାର ଜଣେ ୫୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଗଂଜାମ ଜିଲ୍ଲାର ଜଣେ ୫୦ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଜଗତସିଂହପୁର ଜିଲ୍ଲାର ଜଣେ ୫୪ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ହୋଇଛି। ଜଗତସିଂହପୁର ଜିଲ୍ଲାର ଜଣେ ୭୩ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ନୟାଗଡ ଜିଲ୍ଲାର ଜଣେ ୪୯ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୪୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲାର ଜଣେ ୭୨ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ୭୧ ବର୍ଷୀୟ ପୁରୁଷ

▶▶ପୃଷ୍ଠା ୭

# ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଭଦ୍ରକ ଶାଖାର ଗଣଧାରଣା ଓ ପ୍ରତିବାଦ ସଭା




ଭଦ୍ରକ,୧୭।୧୧ (ହି.ସ): ଭାରତବର୍ଷର ସାଂସଦ ଓ ବିଧାୟକମାନେ ସେବକ ଥାଇ ମାସକୁ ଯଥାକ୍ରମେ ୬୦ ହଜାର ଓ ୩୫ ହଜାର ଟଙ୍କା ପେନସନ ପାଉଥିବାବେଳେ କେନ୍ଦ୍ର ସରକାର ସମଗ୍ର ଦେଶର ଇପିଏଫ୍ ପେନସନରସମାନଙ୍କ ପ୍ରତି ଅବିଚାର କରିବା ଘଟଣାର ପ୍ରତିବାଦରେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଭଦ୍ରକ ଶାଖା ପକ୍ଷରୁ ଆଜି ଭଦ୍ରକ ମୁଖ୍ୟ ଡାକଘର ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି କୁଞ୍ଜବିହାରୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଗଣଧାରଣା ଓ ପ୍ରତିବାଦ ସଭାରେ ଶତାଧିକ ସଭ୍ୟ ଯୋଗଦେଇଥିବାବେଳେ ବିଶିଷ୍ଟ ଶ୍ରମିକ ନେତା ଅଧିବକ୍ତା ଦିବ୍ୟସିଂହ ନାୟକ, ଡାଃ ରମେଶ ଚନ୍ଦ୍ର ନାୟକ, ସଂପାଦକ ଅକ୍ଷୟ ମହାପାତ୍ର, ରାମଚନ୍ଦ୍ର ପଣ୍ଡା, ଅଧିବକ୍ତା ରାଧା ଦାଶ, ବିନୟ ନାୟକ, ଆନନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିର ପ୍ରତିବାଦ କରି ଆସନ୍ତା ନଭେମ୍ବର ୨୬ ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଅଧିବକ୍ତା ଦିବ୍ୟସିଂହ ନାୟକ ନିଜ ବକ୍ତବ୍ୟରେ ସମଗ୍ର ଦେଶରେ କୋଟି କୋଟି ଶ୍ରମିକମାନଙ୍କର ବେତନରୁ ଇପିଏଫ୍ ପାଇଁ କାଟି ଯେଉଁ ଟଙ୍କା ସରକାରୀ ତହବିଲରେ ଜମା ହୋଇଥିଲା, ଓଡ଼ିଶାରେ ୧ ଲକ୍ଷ ୬୬ ହଜାର କର୍ମଚାରୀଙ୍କ ୯ ଶହରୁ ଆରମ୍ଭ କରି ୩ ହଜାର ଟଙ୍କା ପର୍ଯ୍ୟନ୍ତ ପେନସନ ପାଉଥିବାର ସୂଚନା ଦେଇଥିଲେ। ତେବେ ବର୍ତ୍ତମାନ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ମୂଲ୍ୟବୃଦ୍ଧି ଘଟୁଥିବାବେଳେ ସରକାର ପେନସନରମାନଙ୍କୁ ମାସକୁ ୯ ହଜାର ଟଙ୍କା ପେନସନ ଦାବି କରି ମାନ୍ୟବର ଉଚ୍ଚତମ ନ୍ୟାୟାଳୟରେ ଦରଖାସ୍ତ ଆଗତ କରିଥିବାବେଳେ ସେ ପେନସନରମାନଙ୍କ ସାମାଜିକ ସୁରକ୍ଷା ପାଇଁ ତାହା ଦେବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ତେବେ ଦେଶର ଜଣେ ସାଂସଦ ଓ ବିଧାୟକ ଦେଶ ସେବକ ନାମରେ ମାସକୁ ଯଥାକ୍ରମେ ୬୦ ଓ ୩୫ ହଜାର ଟଙ୍କା ପେନସନ ପାଇବା କେତେଦୂର ସମୀଚିନ, ତାହା କେନ୍ଦ୍ର ସରକାର ବିଚାର କରିବାର ସମୟ ଆସିଛି ବୋଲି ସେ କହିବା ସହ ଏ ଦିଗରେ କୌଣସି ପରିବର୍ତ୍ତନ ନହେଲେ ଦେଶବ୍ୟାପୀ ଯେଉଁ ଜନ ଆନ୍ଦୋଳନ ତେଜିବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଥିଲେ।

# ସବୁଜ ଭାରତ ପକ୍ଷରୁ ଜାତୀୟ ଗଣମାଧ୍ୟମ ଦିବସ ପାଳିତ : ସାମ୍ବାଦିକତା, ସାହିତ୍ୟ ଓ ସମାଜସେବା ପାଇଁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୭।୧୧ (ନି.ପ୍ର): ସବୁଜ ଭାରତ ପକ୍ଷରୁ ଜାତୀୟ ଗଣମାଧ୍ୟମ ଦିବସ ୨୦୨୦ ସ୍ଥାନୀୟ ୟୁନିଟ୍ -୯ ସ୍ଥିତ ଜନକଲ୍ୟାଣ ଭବନଠାରେ ସାମାଜିକ ଦୂରତ୍ୱ ରକ୍ଷା କରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଯୁବ ସାମ୍ବାଦିକ ୰ ପ୍ରବୀର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ମାନ୍ୟବର ପୂର୍ବତନ ଅର୍ଥମନ୍ତ୍ରୀ ତଥା ଅର୍ଥନୀତି ବିଶାରଦ ପଂଚାନନ କାନୁନ୍‌ଗୋ ଓ ମୁଖ୍ୟ ଅତିଥି ଏବଂ ଅଧକ୍ଷ ଭାବେ ଯୋଗଦାନ କରି ବରିଷ୍ଠ ସାମ୍ବାଦିକ, ଅଧକ୍ଷ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପ୍ରଦ୍ୟୁମ୍ନ ଶତପଥୀ, ସମ୍ମାନିତ ଅତିଥି ଭାବେ ବିନୋଭା ସ୍ମାରକ ଟ୍ରଷ୍ଟ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ଆର୍ଯ୍ୟଭଟ୍ଟ ମହାନ୍ତି, ସଭାପତି ସତ୍ୟବ୍ରତ ଜେନା ଯୋଗଦାନ କରି ଗଣମାଧ୍ୟମ କଂଟକିତ ପଥ ମଧ୍ୟରେ ଗତି କରୁଛି ଏବଂ ସତ୍ୟତା, ନିଷ୍ଠା ତଥା ଅଙ୍ଗୀକାରବଦ୍ଧ ହେବା ପ୍ରତ୍ୟେକ ସାମ୍ବାଦିକଙ୍କ କର୍ତବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୌଣସି ପରିସ୍ଥିତିରେ ସାମ୍ବାଦିକର ମୌଳିକ ଅଧିକାର ଓ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯାଇପାରିବ ନାହିଁ ମତ ରଖିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଚିତ୍ର ଉତୋଳକ ସାମ୍ବାଦିକ ଚନ୍ଦ୍ରଶେଖର ସାହୁ (କରୋନା ଯୋଦ୍ଧା ସମ୍ମାନ), ଯୁବ ସାମ୍ବାଦିକା ରୁପାଲି ମହାପାତ୍ର(କରୋନା ଯୋଦ୍ଧା ସମ୍ମାନ), ସ୍ୱତନ୍ତ୍ର ଅନୁବାଦ (ତୁ ମୋ ମନ ପାରା) ପାଇଁ ଜୟଶ୍ରୀ ଦାସ, ଦିବ୍ୟାଙ୍ଗ ସେବା ପାଇଁ ସୁରେଶ ଚନ୍ଦ୍ର ବେହେରା, ସମାଜସେବା ପାଇଁ ବାଲ୍ ରାଜୁ ଆଚାରୀ, ନାରାୟଣ ଖୁଂଟିଆ, ସାମ୍ବାଦିକ ବିଜୟ କୁମାର ପଣ୍ଡା(କରୋନା ଯୋଦ୍ଧା ସମ୍ମାନ), ଉମେଶ ଚନ୍ଦ୍ର ନାୟକ (କରୋନା ଯୋଦ୍ଧା ସମ୍ମାନ)ଙ୍କୁ ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ସାମ୍ବାଦିକ ଓ ମୁଖପାତ୍ର ଅରବିନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା ଓ ଅତିଥି ପରିଚୟ ପୂର୍ବକ ମତ ରଖିଥିଲେ ଯେ ସରକାର ଅବା ଅନ୍ୟ ଯେ କେହି ହୁଅନ୍ତୁ ନା କାହିଁକି ସମ୍ବିଧାନକୁ ସମସ୍ତେ ମାନି କାର୍ଯ୍ୟ କରିବା ଉଚିତ୍। ସମାଜସେବିକା ତଥା ନାରାୟଣ ସେବା ଫାଉଣ୍ଡେସନର ସମ୍ପାଦିକା ସମିତା ମହାରଣା ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମକୁ ପ୍ରମୁଖ ସହଯୋଗ କରିଥିଲେ ଏସ୍.ଏମ୍.ଜି ଟିଭି ଖୋର୍ଦ୍ଧା, ଶହୀଦ୍ ରଘୁ-ଦିବାକର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ନାରାୟଣ ସେବା ଫାଉଣ୍ଡେସନ, ରୀନା ମହାନ୍ତି, ସିତାଂଶୁ ଶେଖର ମହାରଣା, ଶଶିକଳା ପ୍ରଧାନ ପ୍ରମୁଖ।

# ନେଉଳପୁର ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତଙ୍କ ଧାରଣା

ଧର୍ମଶାଳା,୧୭।୧୧ (ନି.ପ୍ର): ବିଦ୍ୟୁତ ବିଭାଗର ମନମୁଖୀ କାର୍ଯ୍ୟକୁ ନେଇ ଆଜି ଯାଜପୁର ଜିଲା ଧର୍ମଶାଳା ବ୍ଲକ ନେଉଳପୁରସ୍ଥ ନେସ୍କୋ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ବିଦ୍ୟୁତ ଉପଭୋକ୍ତା। ଏହି ଅଂଚଳରେ ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ କାଟ କରାଯିବା ସହ ଦୁର୍ବଳ ତାର ଓ ଖୁଂଟିକୁ ନ ବଦଳାଇବା, ବିଲ୍ ଠିକ୍ ସମୟରେ ବାହାର ନ କରିବା, ଲୋ-ଭୋଲଟେଜ୍ ଆଦି ସମସ୍ୟାକୁ ନେଇ ପୂର୍ବରୁ ଉପଭୋକ୍ତାମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ତେବେ ଦୀର୍ଘ ଦିନ ପରେ ସେମାନଙ୍କ ସମସ୍ୟା ସମାଧାନ ନ ହେବାରୁ ଆଜି ଉପଭୋକ୍ତାମାନେ ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିବା ସହ ସେମାନଙ୍କ ଦାବି ଉପସ୍ଥାପନ କରିଛନ୍ତି। ଏହି ଧାରଣା ଚାଲିଥିବା ବେଳେ ଖବର ପାଇ ବିଦ୍ୟୁତ କାର୍ଯ୍ୟାଳୟ ୧୧ଟା ପର୍ଯ୍ୟନ୍ତ ଖୋଲାଯାଇ ନ ଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହାକୁ ନେଇ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପକୁ ସାଧାରଣରେ ନାପସନ୍ଦ କରାଯାଇଛି।

# ଫୁଲବାଣୀ ନେହେରୁ ଯୁବା କେନ୍ଦ୍ର ପକ୍ଷରୁ ସୁସ୍ଥ ଗାଁ ସବୁଜ ଗାଁ ଅଭିଯାନ

କନ୍ଧମାଳ,୧୭।୧୧ (ନି.ପ୍ର): ଫୁଲବାଣୀ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସୁସ୍ଥ ସବୁଜ ଗାଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର କାର୍ଯ୍ୟାଳୟ ପରିଷରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ପ୍ରାୟ ୪୦ ଜଣ ଯୁବକ ଯୁବତୀ ଯୋଗ ଦେଇ ସେହି ଅଂଚଳକୁ ସ୍ୱଛ ରଖିବା ଦିଗରେ ସେହି ଅଂଚଳ ଏବଂ ଡାକ୍ତରଖାନା ସମେତ ବିଭିନ୍ନ ଅଂଚଳରେ ସଫେଇ କାର୍ଯ୍ୟ କରିଥିଲେ। ଏହା ସହିତ ସେଠାରେ ରହୁଥିବା ଲୋକଙ୍କୁ ପରିବେଶ ସ୍ୱଛତା ବାବଦରେ ବୁଝାଇଥିଲେ। ପରେ କାର୍ଯ୍ୟାଳୟ ପରିଷରରେ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କୀତ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ଜୀତେନ୍ଦ୍ର କୁମାର ମହାକୁଡ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ମୁଳ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିରେ ସ୍ୱେଚ୍ଛାସେବୀ ଅନୁପ ବିକ୍ରମ ପାତ୍ର ସ୍ୱାଗତ ଅଭିଭାଷଣ ରଖିଥିଲେ। ଅନ୍ୟତମ ଅତିଥି ଭାବରେ ବିଶ୍ୱାସ କଲେଜର ଅଧ୍ୟକ୍ଷ ପ୍ରସନ୍ନ କୁମାର ବିଷୋଇ, ଆଇନଜିବୀ ମନୋଜ କୁମାର ପଟ୍ଟନାୟକ, ଅନୁଷ୍ଠାନର ସହକର୍ମୀ ସତ୍ୟବାନ ଦଳବେହେରା ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନଙ୍କର ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ୱେଚ୍ଛାସେବୀ ମାନେ ସହାୟତା କରିଥିଲେ। ନେହେରୁ ଯୁବା କେନ୍ଦ୍ର ପକ୍ଷରୁ ଜିଲ୍ଲାର ସମସ୍ତ ୧୨ଟି ବ୍ଲକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏହି କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଂଚଳର ଲୋକଙ୍କୁ ସ୍ୱଛତା ଏବଂ ସବୁଜତାର ଉପକାରିତା ବିଷୟରେ ସଚେତନ କରାଯିବ ବୋଲି ସହକର୍ମୀ ସତ୍ୟବାନ ଦଳବେହେରା କହିଥିଲେ।

# ପଦ୍ମଶ୍ରୀ ସୁନୀତା ନାରାୟନ୍ ବିଂଶତମ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମାରକୀ ବକ୍ତୃତା ପ୍ରଦାନ କରିବେ

ଭୁବନେଶ୍ୱର,୧୭।୧୧ (ନି.ପ୍ର): ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି କମିଟି ଆନୁକୂଲ୍ୟରେ ୧୭ ତାରିଖ ମଙ୍ଗଳବାର ସନ୍ଧ୍ୟା ୫ ଘଟିକା ସମୟରେ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୮୭ତମ ଜୟନ୍ତୀ ୱେବିନାର ମାଧ୍ୟମରେ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ପ୍ରତିଷ୍ଠିତ ପରିବେଶବିତ୍, ବିଶିଷ୍ଟ ସମାଜସେବୀ ତଥା ଲେଖିକା ପଦ୍ମଶ୍ରୀ ସୁନୀତା ନାରାୟନ୍ ମୁଖ୍ୟବକ୍ତା ଭାବେ ବିଂଶତମ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମାରକୀ ବକ୍ତୃତା ପ୍ରଦାନ କରିବେ। ଉକ୍ତ ଜୟନ୍ତୀ ସଭାରେ ବିଶିଷ୍ଟ ସମାଜସେବୀ ଡ. ସେବା ମହାପାତ୍ରଙ୍କୁ ସମାଜସେବା ଓ ଦେବବ୍ରତ ସାନାଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷତା ପାଇଁ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସମ୍ମାନରେ ସମ୍ମାନୀତ କରାଯିବ। ଉକ୍ତ ଉତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥି, ସାଂସଦ ସୁରେଶ ପୂଜାରୀ ସମ୍ମାନୀତ ଅତିଥି, ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋ ସଭାପତିତ୍ୱ କରିବେ।

# ଆକସ୍ମିକ ଭାବେ ସମ୍ପୂର୍ଣ୍ଣ ଭସ୍ମିଭୁତ ହୋଇଗଲା ଦୁଇ ବଖରା ଘର

ହରିଚନ୍ଦନପୁର,୧୭।୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ବଡପଳାଶପାଳ ଗ୍ରାମପଂଚାୟତ ଅନ୍ତର୍ଗତ ଗରଗଡବାହାଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଖବର ଅନୁଯାୟୀ ରବିବାର ସନ୍ଧ୍ୟା ସମୟରେ ଗ୍ରାମର ପାଣି ମୁଣ୍ଡାଙ୍କ ୨ ବଖରା ଘର ଆକସ୍ମିକ ଭାବରେ ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖିବାକୁ ମିଳିଛି। କୌଣସି କାରଣରୁ ଘରେ କେହି ନଥିବା ସମୟରେ ହଠାତ୍ ନିଆଁ ଲାଗିଯିବାର ଦୃଶ୍ୟ ସ୍ଥାନୀୟ ଲୋକେ ଦେଖି ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରିଥିବା ସହ ହରିଚନ୍ଦନପୁର ଅଗ୍ନିଶମ ବିଭାଗକୁ ଫୋନ୍ ଯୋଗେ ଜଣାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚିବା ପୂର୍ବରୁ ଘରର ଦୁଇ ବଖରା ସମ୍ପୂର୍ଣ୍ଣ ଜଳି ଯାଇଥିଲା, ହେଲେ ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲେ। ତେବେ ସୌଭାଗ୍ୟ ନିଆଁ ଲାଗିବା ସମୟରେ ଘର ମଧ୍ୟରେ ସେତେବେଳେ କେହି ନଥିଲେ। ପରିବାର ଲୋକଙ୍କ କହିବା ଅନୁସାରେ ଘର ମଧ୍ୟରେ ଥିବା ଆସଅବା ପତ୍ର, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ପ୍ରମାଣପତ୍ର ଓ ୧୫ ହଜାର ଟଙ୍କା ସବୁ ପୋଡ଼ି ଭସ୍ମିଭୂତ ହୋଇଯାଇଛି। ତେଣୁ ଉକ୍ତ ପରିବାରକୁ ଯଥା ସମ୍ଭବ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପରିବାର ଓ ଗ୍ରାମବାସୀଙ୍କ ଦାବି ହୋଇଛି।

# ଏକାମ୍ର କାନନ ଓ ତତ୍‌ସଂଲଗ୍ନ ଜଙ୍ଗଲ ଜମି ବିକ୍ରି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୧୭।୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ୍ ଦାଶଙ୍କ ମିଳିତ ନେତୃତ୍ୱରେ ଆଜି ଏକାମ୍ର କାନନ ଓ ତତ୍‌ସଂଲଗ୍ନ ଜଙ୍ଗଲ ଜମି ବିକ୍ରି, ଭୁବନେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଗ୍ରାମର ଖେଳପଡ଼ିଆ, ମଶାଣି ଓ ମେଳଣ ପଡ଼ିଆ, ସ୍କୁଲ ପଡିଆକୁ ରାଜ୍ୟ ସରକାରଙ୍କ ଦ୍ୱାରା ବଳପୂର୍ବକ ଦଖଲ ପ୍ରତିବାଦରେ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଏକାମ୍ରକାନନ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅବଦାନ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ୨୦ ବର୍ଷ ଧରି ଏହି ପାର୍କକୁ ଅବହେଳା କରିଆସିଛନ୍ତି ଏବଂ ଶେଷରେ ପୁଞ୍ଜିପତିଙ୍କ ହାତରେ ଏହି ପାର୍କ ଏବଂ ଏହାର ପାର୍ଶ୍ୱବର୍ତୀ ଜଙ୍ଗଲକୁ ଟେକି ଦେବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି। ନବୀନ ଶାସନରେ ଜମି ଦୁର୍ନୀତି ସୀମା ଟପିଛି। ଘଙ୍ଗାପାଟଣା ଜମି ଦୁର୍ନୀତି, ଜଗନ୍ନାଥଙ୍କ ଅମୃତମଣୋହୀ ଜମି ଦୁର୍ନୀତି, ବଗଲା ଧର୍ମଶାଳା ଜମି ଦୁର୍ନୀତି ପ୍ରଭୃତି ରାଜ୍ୟରେ ହୋଇଥିବା ବହୁ ଜମି ଦୁର୍ନୀତିର କେତେକ ଉଦାହରଣ ମାତ୍ର। କଂଗ୍ରେସ ଦଳ ଏହାର ପ୍ରତିବାଦ କରିବା ସହ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରଖିବ। ଶ୍ରୀ ସୁରେଶ କୁମାର ରାଉତରାୟ କହିଥିଲେ ଯେ ରାଜ୍ୟ ସରକାର ଯେତେ ଦୁର୍ନୀତି କରିଛନ୍ତି ସବୁଠାରୁ ବଡ ଜମି ଦୁର୍ନୀତି। ଏହା ୨ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ। ସରକାରୀ ଦଳର କେତେକ ଦୁର୍ନୀତିଗ୍ରସ୍ତ ନେତା, ସରକାରରେ ଥିବା କେତେକ ଅସାଧୁ ଉଚ୍ଚପଦସ୍ଥ ଅଫିସର ସିଧାସଳଖ ଭାବରେ ଏହି ଦୁର୍ନୀତିରେ ସଂପୃକ୍ତ। ଶ୍ରୀ ରାଉତରାୟ କହିଥିଲେ ପ୍ରସଙ୍ଗ ଏହିକି ଯେ ୧୯୮୦ ମସିହାରେ ସ୍ୱର୍ଗତଃ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକାମ୍ର ପାର୍କ (ଫାର୍ମ) ପ୍ରତିଷ୍ଠା କରି ଏଥିରେ ୩୦ ହଜାରରୁ ଉର୍ଦ୍ଧ ପ୍ରକାରର ଉନ୍ନତ ମାନର ବିଭିନ୍ନ ଫୁଲ, ଫଳ ଯଥା ଆମ୍ବ, କାଜୁ, ପଣସ, ସପେଟା, ଡାଳିମ୍ବ ଓ ଗୋଲାପ ଆଦି ଗଛ ଲଗାଇଥିଲେ। □ଷୀଙ୍କୁ ସୁଲଭ ମୂଲ୍ୟରେ ଫୁଲ ଓ ଫଳର □ରା ଯୋଗାଇ ଦେବାପାଇଁ ବ୍ୟବସ୍ଥା ହୋଇଥିଲା। ଏହାର □ରିପଟକୁ ବନିକରଣ କରାଯାଇଥିଲା। ନିକଟରେ ଏକାମ୍ର ପାର୍କ ଏବଂ ଏହାର ଚତୁଃପାର୍ଶ୍ୱରେ ଥିବା ଜଙ୍ଗଲକୁ ଧ୍ୱଂସ କରି ରାଜ୍ୟ ସରକାର ସେଠାରେ ବ୍ୟବସାୟିକ ପ୍ରତିଷ୍ଠାନ କରିବା ପାଇଁ ଚକ୍ରାନ୍ତ କରିଛନ୍ତି। ଏହି ଜମିକୁ ଜି.ଏ. ଡିପାର୍ଟମେଂଟକୁ ହସ୍ତାନ୍ତର କରାଯାଇଛି। ଏଥିପାଇଁ ଭୁବନେଶ୍ୱରବାସୀ ମର୍ମାହତ। ଏଥିରେ ବିଜେଡ଼ି ଦଳକୁ ସାହାଯ୍ୟ କରୁଥିବା କିଛି କର୍ପୋରେଟ ହାଉସ, ଅସାଧୁ ଅଫିସର ଏବଂ ରାଜନେତା ଉପକୃତ ହେବାର ଯୋଜନା ରହିଛି। ସମସ୍ତ ଆଇନକୁ ଉଲଙ୍ଘନ କରି ଏକ୍ରାମ ପାର୍କ ଏବଂ ଏହାର ଚତୁଃପାର୍ଶ୍ୱର ଜଙ୍ଗଲ ଜମିକୁ ବିକ୍ରି କରିବାପାଇଁ ଯେଉଁ ହୀନଉଦ୍ୟମ ହେଉଛି ତାହାକୁ କଂଗ୍ରେସ ଦଳ ବରଦାସ୍ତ କରିବ ନାହିଁ। ଅନ୍ୟ ପକ୍ଷରେ ଖୋର୍ଦ୍ଧା ଓ ଭୁବନେଶ୍ୱର ସ୍ଥିତ ଗ୍ରାମ ଗୁଡ଼ିକର ଖେଳପଡ଼ିଆ, ମେଳଣ ପଡ଼ିଆ, ସ୍କୁଲ ପଡ଼ିଆ ଓ ମସାଣି ଜାଗାକୁ ମଧ ଦଖଲ କରିବାପାଇଁ ସରକାର ଗ୍ରାମବାସୀଙ୍କ ଉପରେ ପୋଲିସ୍ ବଳ ପ୍ରୟୋଗକରି ଦମନଲୀଳା ଆରମ୍ଭ କରିଦେଇଛନ୍ତି। ଇଡ୍‌କୋ ଏମଡି, ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଏସ୍‌ଡିଓ ଏବଂ ପୋଲିସ୍ ଗ୍ରାମବାସୀଙ୍କୁ ଧମକ ଚମକ ଦେଇ ବଳପୂର୍ବକ ଜମି ଦଖଲ କରୁଛନ୍ତି। ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଜିଲ୍ଲାର ଥିବା ଅନ୍ଧାରୁଆ, ଦାରୁଠେଙ୍ଗ, ଚନ୍ଦକା, କୁଜିମଲ, ଦାସପୁର, କଂଟାବାଡ଼, ଗିରିଙ୍ଗାପୁର, ମେଣ୍ଢାଶାଳ, ପାଇକରାପୁର, ଛତାବର, ବେଲପଡ଼ା, ତରାବୋଇ, କୁମାରବସ୍ତ, ତମାଣ୍ଡୋ, ପାତ୍ରପଡ଼ା, ଯାଁଳା, ଅରୁଗୁଳ, ଉତରମୁଣ୍ଡ ମୁହାଣ, ଡମଣା, ପଟିଆ, ଗାଡ଼କଣ, କଳାରାହାଙ୍ଗ, ଚକେଇସିଆଣି, ରସୁଲଗଡ଼, ସୁନ୍ଦରପଦା, ପୋଖରୀପୁଟ, ଜାଗମରା ଓ ବରମୁଣ୍ଡା ପ୍ରଭୃତି ଗ୍ରାମର ବାସିନ୍ଦାଙ୍କ ମଧ୍ୟରେ ଏହି ହିଟଲରୀ ନିଷ୍ପତି ବିରୁଦ୍ଧରେ ପ୍ରବଳ ଜନଅସନ୍ତୋଷ ଦେଖାଦେଇଛି। ଏହି ଜମିଗୁଡ଼ିକ ଉପରେ ସେହି ଦୁର୍ନୀତିଗ୍ରସ୍ତ ନେତା ଓ ଅସାଧୁ ଉଚ୍ଚପଦସ୍ଥ ଅଫିସରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କର ସମର୍ଥନ ଓ ସହଯୋଗ ରହିଛି। ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଖୁଂଟିଆ, ଶିବାନନ୍ଦ ରାୟ, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ମନୋରଞ୍ଜନ ଦାଶ, ସଂଗ୍ରାମ କେଶରୀ ଜେନା, ମନ୍ମଥ ରାଉତରାୟ, ରଶ୍ମି ମହାପାତ୍ର, ପ୍ରକାଶ ଜେନା, ମାନସ ଆଚାର୍ଯ୍ୟ, ଲିଙ୍ଗରାଜ ସାହୁ, ରାଜୀବ ପଟ୍ଟନାୟକ, ରଂଜିତ ପାତ୍ର, ସ୍ୱାଗତ କର, ୟାସିର ନୱାଜ, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରଣତୀ ମିଶ୍ର, ଶ୍ରିୟା ମହାନ୍ତି, ଅମୀୟ ପାଣ୍ଡବ ପ୍ରମୁଖ ଅଭିଭାଷଣ ଦେଇଥିଲେ। ଶ୍ରୀ ସଂଗ୍ରାମ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରସିକ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ପ୍ରକାଶ ମହାନ୍ତି, କୈଳାସ ସାହୁ, ଦୀପକ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ବିଜୟ ଦ୍ୱିବେଦୀ, ସୁଧାଂଶୁ ମହାନ୍ତି, କାଳୁ ବଡୁ, ନିଳମଣି ମିଶ୍ର, କୁନା ମୁଦୁଲି, କପିଳ ପଣ୍ଡା, ନୈଷଦୀ ଅଲ୍ଲୀ, ତପନ ଚକ୍ରବର୍ତୀ, ଧନେଶ୍ୱର ରାଉତରାୟ, ପିଂଟୁ ରାଉତରାୟ, ଚାଲୁ ମଙ୍ଗରାଜ, ଦୀପକ ସାହୁ, ଜଟାଧାରୀ ପ୍ରଧାନ, କଳିଙ୍ଗ ସାହୁ, ଚାଇନା ପ୍ରଧାନ, ରମେଶ ସାହୁ, ଡଲୁ ପାତ୍ର, ସମ୍ବିତ ମଙ୍ଗରାଜ, ମନୋରଞ୍ଜନ ବଡଜେନା, ମନୋଜ କୁମାର ମହାନ୍ତି, ମିହିର ଆଚାର୍ଯ୍ୟ, ତାପସ ସେଠୀ, ସୁବାସ ପ୍ରଧାନ, ଶଶି ମହାପାତ୍ର, ମୋହନ ଜେନା, କ୍ଷୀରୋଦ ବେହେରା, ଅକ୍ଷୟ ଦାସ, ଶ୍ରିୟା ପଣ୍ଡା, କୁସୁମ ପ୍ରଧାନ, ଦେବରାଜ ମିଶ୍ର, ପ୍ରମେଶ ସାହୁ, ସୌମେନ୍ଦ୍ର ମହାନ୍ତ, ଶେଖ୍ ଅଫତାବ୍ ଅଲ୍ଲୀ, ଶେଖ୍ ତକ୍ୱିମ୍ ଅହମ୍ମଦ, କାର୍ତିକ କାଣ୍ଡି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଖଡିଆଳ କରଣ ସମାଜର ଚିତ୍ରଗୁପ୍ତ ପୂଜା

ନୂଆପଡା,୧୭।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରର ପଟ୍ଟନାୟକପଡା ସ୍ଥିତ ରାମସ୍ୱାମୀ ମନ୍ଦିର ପରିସର ମଧ୍ୟରେ କରଣ ସମାଜର ଇଷ୍ଟ ଦେବତା ଶ୍ରୀଶ୍ରୀ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତିବର୍ଷ କାର୍ତିକ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଏହି ପୂଜା ପାଳିତ ହୋଇଥାଏ। କରଣ ସମାଜ ଦ୍ୱାରା ଆୟୋଜିତ ଏହି ପୂଜାରେ କୋଭିଡ ନୀୟମାବଳୀ ପାଳନ କରାଯାଇଥିଲା। ପୂଜାରେ କର୍ତା ଭାବରେ ସୋମେଶ ପଟ୍ଟନାୟକ ଏବଂ ତାଙ୍କ ସହଧର୍ମିଣୀ ଜ୍ୟୋତ୍ସ୍ନା ପଟ୍ଟନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ। ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ରହି ସମାଜରେ ଭିନ୍ନତା ଦୂର କରି ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଥିବା ପରିବାରଙ୍କୁ ସହଯୋଗ କରିବାକୁ ଗୁରୁତ୍ୱ ଦିଆଯାଇଥିଲା।

# ୨୬ ନଭେମ୍ବର ଧର୍ମଘଟକୁ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୭।୧୧ (ନି.ପ୍ର): କେନ୍ଦ୍ରୀୟ ଟ୍ରେଡ ୟୁନିୟନ ସମୁହ ଓ ସ୍ୱାଧିନ ଫେଡେରେଶନ ମାନଙ୍କ ମିଳିତ ଆହ୍ୱାନରେ ଚଳିତ ମାସ ୨୬ ତାରିଖରେ ହେବାକୁ ଥିବା ଦେଶବ୍ୟାପୀ ଧର୍ମଘଟକୁ କେନ୍ଦ୍ରାପଡା ରେ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ଆଇ ଟିୟୁସି ର ନେତା ବାବାଜୀ ଧଳଙ୍କ ଅଧକ୍ଷତା ରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସିପିଆଇ ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ, ଅସ୍ଥାୟୀ ମେଳା କମିଟି ସଭାପତି ତଥା ସାମ୍ବାଦିକ ମହମ୍ମଦ ଇଲିଆସ , ନିର୍ମାଣ ଶ୍ରମିକ ସଂଘ ନେତା ରତ୍ନାକର ଦାସ, ପାଚିକା ସଂଘ ନେତା ଗଜେନ୍ଦ୍ର ନାୟକ, ରଜନୀଗନ୍ଧା ପଲାଇ, ସସ୍ମିତା ବାରିକ, ଚିତ ରଞ୍ଜନ ମହାନ୍ତି, ଦିଲିପ ବେହେରା ପ୍ରମୁଖ ଉପସ୍ଥିତ ରହି ଧର୍ମଘଟ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶ୍ରମ କୋଡ ଓ କୃଷି ଆଇନକୁ ପ୍ରତ୍ୟାହାର କରିବା ସମସ୍ତ ଗରିବ ପରିବାରକୁ ୭୫୦୦ ଟଙ୍କା ବାର୍ଷିକ ଓ ୧୦ କେଜି ଚାଉଳ ଯୋଗାଇବା, ଗ୍ରାମାଂଚଳରେ ୨୦୦ ଦିନର କାମ ଓ ୫୦୦ ଟଙ୍କା ମଜୁରୀ ମନରେଗା ରେ ବ୍ୟବସ୍ଥା କରିବା , ସରକାରୀ କର୍ମଚାରୀ ଓ ପେନଶନ ଭୋଗି ମାନଙ୍କ ମହଙ୍ଗା ଭତା ପ୍ରଦାନରେ ଥିବା କଟକଣା ଉଠାଇବା , ବ୍ୟାଙ୍କ ବୀମା ଓ ରାଷ୍ଟ୍ରାୟତ ଉଦ୍ୟୋଗକୁ ଘରୋଇକରଣ ନକରିବା, ନିର୍ମାଣ ଶ୍ରମିକ ମାନଙ୍କୁ କରୋନା ଭତା ଦେବା ଆଦି ଦାବି ଗୁଡିକ ପୁରଣ ପାଇଁ ଧର୍ମଘଟ ଆହ୍ୱାନ ଦିଆଯାଇଛି।

# ଉଦଳାରେ ଜାତୀୟ ପ୍ରେସ ଦିବସ ପାଳିତ




ଉଦଳା,୧୭।୧୧ (ନି.ପ୍ର): ଉଦଳା ପ୍ରେସ କ୍ଲବ ପରିସରରେ ଆଜି ଜାତୀୟ ପ୍ରେସ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆଜିର ଦିବସ ପାଳନ କରାଯିବାର ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ କ୍ଲବର ସଦସ୍ୟ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ଫକୀରମୋହନ ସାହିତ୍ୟ ପରିଷଦ ବାଲେଶ୍ୱରର ସମ୍ପାଦକ ଡ଼. ଗୋପାଲ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସାମ୍ବାଦିକତାର ଜୀବନ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। କ୍ଲବର ସଭାପତି ଅରୁଣ କୁମାର ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ସାମ୍ବାଦିକତା ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ସାମ୍ବାଦିକ ହିମାଦ୍ରୀ ଶେଖର ପାଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆଲୋଚନାରେ ଆନନ୍ଦ ଦାଶ, କୃଷ୍ଣ ଚୈତନ୍ୟ ସଦୁଆଳ, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି କରୋନା ପରିସ୍ଥିତିକୁ ମୁକାବଇଲା କରିବା କ୍ଷେତ୍ରରେ ଗଣମାଧ୍ୟମ କିପରି ଭୂମିକା ନେଇଥିଲା ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଯାଦବ ଘୋଷ, ସୁରେଶ୍ୱର ଜେନା, ରବିନ ମହାନ୍ତି, ସାଲାଇ ମାର୍ଣ୍ଡି, ସନ୍ତୋଷ ବେହେରା, ଅମୀୟ କୁମାର ବଳ, ସୁବ୍ରତ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। କ୍ଲବର ସଂପାଦକ ଜଗବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

ଭଦ୍ରକ,୧୭।୧୧ (ହି.ସ): ଭଦ୍ରକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଭର୍ଚୁଆଲ ପଦ୍ଧତିରେ ପାଳିତ ହୋଇଯାଇଅଛି। ଉକ୍ତ ଦିବସରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚଳିତ ବର୍ଷର ଆଲୋଚ୍ୟ ବିଷୟ 'କୋବିଡ୍-୧୯ ସମୟରେ ଗଣାମାଧ୍ୟମର ଭୂମିକା' ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। କରୋନା ମହାମାରୀ ସମୟରେ ଲୋକେ ଯେତେବେଳେ ଘରେ ନିଜକୁ ସୁରକ୍ଷିତ ରଖିଥିଲେ ସେତେବେଳେ ଗଣମାଧ୍ୟମର ପ୍ରତିନିଧିମାନେ ନିଜ ଜୀବନକୁ ତୁଚ୍ଛ ମଣି ଖବର ପ୍ରସାରଣ କରିବାକୁ ଗୁରୁତ୍ୱଦେଇ କାର୍ଯ୍ୟ ନିର୍ବାହ କରିଛନ୍ତି। ରାଜ୍ୟ ସରକାର ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କରୋନା ଯୋଦ୍ଧା ଭାବେ ପରିଗଣିତ କରିଛନ୍ତି। କ୍ୱାରେଣ୍ଟାଇନ ସେଣ୍ଟରରେ ବହୁ କରୋନା ଆକ୍ରାନ୍ତ ରହିଥିବା ଜାଣି ମଧ ଗଣମାଧ୍ୟମର ପ୍ରତିନିଧିମାନେ କେନ୍ଦ୍ର ଭିତରକୁ ଯାଇ ଖବର ସଂଗ୍ରହ କରିଛନ୍ତି। ବାସ୍ତବରେ ସେମାନେ ପ୍ରଶଂସାର ପାତ୍ର ବୋଲି ଡ. ଦାସ କହିଥିଲେ। କରୋନା ସମୟରେ ମୁଦ୍ରିତ ଗଣମାଧ୍ୟମ ବହୁ କ୍ଷତି ସହିଛି। ବହୁ ଅଞ୍ଚଳକୁ ଖବରକାଗଜ ପଠାଇବା ସେମାନଙ୍କ ପକ୍ଷେ ସମ୍ଭବ ହୋଇ ପାରି ନାହିଁ। ବାଧ ହୋଇ ବହୁ ଖବର କାଗଜ ମାଲିକ ସ୍ୱଳ୍ପ କର୍ମଚାରୀଙ୍କୁ ନେଇ କାଗଜ ପ୍ରକାଶ କରିଛନ୍ତି। କେତେକ ଗଣମାଧ୍ୟମ ପ୍ରତିନିଧି ନିଜ ଜୀବନକୁ ଜଳାଞ୍ଜଳି ଦେଇ ପରଲୋକ ଗମନ କରିଛନ୍ତି। କରୋନା ସବୁ କିଛି ବିଗାଡି ଦେଇଛି। ତେବେ ଗଣମାଧ୍ୟମ ଦାୟିତ୍ୱର ସହ ଜନସାଧାରଣଙ୍କୁ ଉଚିତ ସଚେତନ କରି ପାରିଥିବାରୁ କରୋନା ସାମାନ୍ୟ ନିୟନ୍ତ୍ରଣକୁ ଆସି ପାରିଛି। କରୋନା ଦ୍ୱିତୀୟ ପର୍ଯ୍ୟାୟ ଆମ୍ଭମାନଙ୍କ ପ୍ରତି ଏକ ଚ୍ୟାଲେଞ୍ଜ ହୋଇଥିବାରୁ ଏହାର ପ୍ରଚାର ପ୍ରସାରକୁ ଅଧିକ ଶାଣିତ କଲେ ଜନସାଧାରଣ ଅଧିକରୁ ଅଧିକ ସଚେତନ ହେବା ସହିତ ଏହି ମହାମାରୀରୁ ନିଜକୁ ସୁରକ୍ଷିତ ରଖି ପାରିବେ ବୋଲି ମୁଖ୍ୟବକ୍ତା ଭାବେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ରଙ୍କ ପୌରୋହିତ୍ୟ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲେଖ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଭର୍ଚୁଆଲ ମିଟିଂରେ ସାମ୍ବାଦିକ ଗୌରହରି ନାୟକ, ତପନ କୁମାର ମିଶ୍ର, ଅଶୋକ କୁମାର ନାୟକ, ଚାରୁଦତ୍ତ ନାୟକ ପ୍ରମୁଖ ଭାଗ ନେଇ ବକ୍ତବ୍ୟ ରଖିଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପୀତାମ୍ବର ସାମଲ ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫ରୁ ଅଧିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ବୁଧବାର, ନଭେମ୍ବର ୧୮, ୨୦୨୦

# ବାର୍ଦ୍ଧକ୍ୟ ହେବ ସୁସ୍ଥ ଓ ସୁନ୍ଦର



ବୃଦ୍ଧାବସ୍ଥା ମଣିଷର ଏକ ଅବସ୍ଥା । ଏହି ବୟସ ଆସିଗଲେ ଶାରୀରିକ ଦୁର୍ବଳତା ଏବଂ ରୋଗଗ୍ରସ୍ତ ହେବାର ଆଶଙ୍କ ବଢ଼ିଯାଏ । ବୟସ ବଢ଼ିବା ସହ ମନୋବୈଜ୍ଞାନିକ ସମସ୍ୟା ମଧ୍ୟ ଆକ୍ରାନ୍ତ କରେ । ନିଃସଙ୍ଗତା ଅନୁଭବ କରିବା ସବୁଠାରୁ ବଡ଼ ସମସ୍ୟା ପାଲଟେ । ଏସବୁ ବାଦ ସଠିକ ମାତ୍ରାରେ ପୁଷ୍ଟିକର ଖାଦ୍ୟ ନଖାଇବା ଯୋଗୁ ଦୃଷ୍ଟିହୀନତା, ମେଦବହୁଳତା, ହୃଦରୋଗ, ମଧୁମେହ ସହିତ ଅସ୍ଥି ସୁଶୀରତା ବା ଅଷ୍ଟିଓପୋରୋସିସ ଆଦିରେ ଆକ୍ରାନ୍ତ ହେବାର ଆଶଙ୍କା ମଧ୍ୟ ବଢ଼ିଯାଏ । ଅସଲରେ ବାର୍ଦ୍ଧକ୍ୟବସ୍ଥାରେ ଏସବୁ ସମସ୍ୟାର ମୁଖ୍ୟ କାରଣ ହୋଇଥାଏ ଖାଦ୍ୟପେୟ । ହଜମ ନହେବା ଭୟରେ ଅନେକେ ଖାଦ୍ୟ ପ୍ରତି ବିମୁଖ ହୋଇପଡ଼ନ୍ତି । ତେବେ ଖାଦ୍ୟ ଖାଇବାର ସଠିକ୍ ଉପାୟ ଅବଲମ୍ବନ କଲେ ସୁସ୍ଥ ଜୀବନ ଉପଭୋଗ କରିପାରିବେ ।

### ପ୍ରୋଟିନ:

ଶରୀରର ଓଜନ ଅନୁସାରେ ପ୍ରୋଟିନ ଆବଶ୍ୟକ ହୋଇଥାଏ । ଯଦି କୌଣସି ବୃଦ୍ଧ ବ୍ୟକ୍ତିଙ୍କ ଓଜନ ୫୦କିଲୋଗ୍ରାମ ହୁଏ, ତେବେ ସେ ପ୍ରତିଦିନ ୫୦ଗ୍ରାମ ପୁଷ୍ଟିସାର ଖାଇବା ଆବଶ୍ୟକ । ଏମିତିରେ ଭୋକ କମ ହେବା ଏବଂ ହଜମଶକ୍ତି ଦୁର୍ବଳ ହୋଇପଡୁଥିବା ଯୋଗୁ ଏହାଠାରୁ ଅଧିକ ପ୍ରୋଟିନ ଖାଇବା ଠିକ ହୋଇନଥାଏ । ପ୍ରୋଟିନରେ ଭରପୂର ଅଣ୍ଡା, ମାଛ, ଦହି, ପନିର, ଡାଲି ଆଦି ନିଜ ସ୍ୱାସ୍ଥ୍ୟର ସ୍ଥିତି ଅନୁସାରେ ଖାଇପାରିବେ । ଫ୍ୟାଟ୍



ବାର୍ଦ୍ଧକ୍ୟାବସ୍ଥାରେ ଫ୍ୟାଟ୍ ହଜମ କରିବା । ତେବେ ଶରୀର ପାଇଁ ଫ୍ୟାଟ୍ ଆବଶ୍ୟକ ଥିବାରୁ ପ୍ରତିଦିନ ଖାଦ୍ୟରେ ୨୦-୧୫ ଗ୍ରାମ ଫ୍ୟାଟ ରହିବା ଆବଶ୍ୟକ । ବୟସାଧିକ୍ୟ ଯୋଗୁ ଅନସାଚୁରେଟେଡ ଫ୍ୟାଟ ଥିବା ସୂର୍ଯ୍ୟମୁଖୀ ତେଲ, ଅଲିଭ ତେଲ ଆଦି ବ୍ୟବହାର କରନ୍ତୁ।

### କ୍ୟାଲସିୟମ:

ବୃଦ୍ଧାବସ୍ଥାରେ ହାଡ଼ ଦୁର୍ବଳ ହୋଇ ଅଷ୍ଟିଓପୋରୋସିସ ରୋଗର ଆଶଙ୍କା ବଢ଼ିଯାଏ । ଏହା ସାଧାରଣତଃ କ୍ୟାଲସିୟମ ଅଭାବରୁ ହୋଇଥାଏ । ପୁଣି ୫୦ବର୍ଷରୁ ଅଧିକ ବୟସର ମହିଳା, ଯେଉଁମାନେ ଅଧିକାଂଶ ସମୟ ଘରେ ରହିଥାନ୍ତି, ସେମାନଙ୍କର ଭିଟାମିନ -ଡି ଅଭାବ ହୋଇ ଅଷ୍ଟିଓପୋରୋସିସ ଆକ୍ରାନ୍ତ କରେ । କ୍ଷୀର, ଦହି, ପନିର, ମାଣ୍ଡିଆ ଆଦି କ୍ୟାଲସିୟମର ମୁଖ ଉତ୍ସ । ସକାଳୁ ସୂର୍ଯ୍ୟକିରଣରେ ବସିଲେ ମଧ ଭିଟାମିନ ଡି ମିଳିଥାଏ । ଶରୀର କ୍ୟାଲସିୟମ ଅବଶୋଷଣ ପାଇଁ ଭିଟାମିନ -ଡି ଆବଶ୍ୟକ ।




### ଜଳୀୟ ଅଂଶ:




ପର୍ଯ୍ୟାପ୍ତ ପରିମାଣରେ ପ୍ରାଣି ଏବଂ ଅନ୍ୟ ତରଳ ଖାଦ୍ୟ ଖାଇବା ଆବଶ୍ୟକ । ଶାରୀରିକ ସ୍ଥିତି ଏବଂ ପାଣିପାଗକୁ ଦେଖି ବୃଦ୍ଧାବସ୍ଥାରେ ଅତି କମରେ ୧୫୦୦ ମିଲିଟିରେ ବା ଦେଢ଼ ଲିଟର ଜଳୀୟ ଅଂଶ ପ୍ରତିଦିନ ଗ୍ରହଣ କରିବା ଉଚିତ ବୋଲି କୁହାଯାଇଛି । ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇଲେ କୋଷ୍ଠକାଠିନ୍ୟ ହୁଏନାହିଁ । ତରଳ ଖାଦ୍ୟଭାବେ ଲସି, ଫଳରସ, ସୁପ ଗ୍ରହଣ କରାଯାଇପାରେ ।

### ଆଇରନ:




ପ୍ରତିଦିନ ୨୫-୩୦ ମିଲିଗ୍ରାମ ଆଇରନ ବା ଲୌହସାର ବୃଦ୍ଧାବସ୍ଥାରେ ଆବଶ୍ୟକ । ଯଦି ଏନିମିଆରେ ପୀଡ଼ିତ ଥାନ୍ତି, ତେବେ ଆଉ ୧୦ ମିଲିଗ୍ରାମ ଲୌହସାର ବୃଦ୍ଧାବସ୍ଥାରେ ଆବଶ୍ୟକ । ଲୌହସାର ଅଭାବରେ ଅନ୍ତନଳୀ ସଂକ୍ରାନ୍ତ ସମସ୍ୟା ମଧ ଆକ୍ରାନ୍ତ କରିପାରେ । ଗୁଡ଼, ଶର୍କରା, ବାଜରା, ଡାଲି, ପାଳଙ୍ଗ ଆଦି ଲୌହସାରର ପ୍ରମୁଖ ଉତ୍ସ । ଭିଟାମିନ ସି ଯୁକ୍ତ ଖାଦ୍ୟ ଖାଇଲେ ଶରୀର ସଠିକ୍ ଭାବେ ଲୌହସାର ଅବଶୋଷଣ କରିପାରେ । ଭିଟାମିନ ବାର୍ଦ୍ଧକ୍ୟବସ୍ଥାରେ ଭିଟାମିନ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ରଖେ । ବିଶେଷକରି ବି କମ୍ପଲେକ୍ସ ଭୋକ ବଢ଼ାଇବା ସହ ହଜମକ୍ରିୟା ସୁସ୍ଥ ରଖିଥାଏ । ଅନ୍ୟାନ୍ୟ ଭିଟାମିନ ଶରୀରର ବିଭିନ୍ନ କ୍ରିୟା ସଠିକ୍ ପରିଚାଳିତ ହେବାରେ ସହାୟକ ହୁଏ।

### ବାର୍ଦ୍ଧକ୍ୟରେ ସ୍ମୃତି ବିଭ୍ରମ:

ବୃଦ୍ଧାବସ୍ଥାରେ ନାନାଦି ସ୍ୱାସ୍ଥ୍ୟ ସମସ୍ୟା ସହ ସ୍ମୃତି ବିଭ୍ରମ ବା ସ୍ମରଣ ଶକ୍ତି ହ୍ରାସ ପାଇବା ଆଉ ଏକ ପ୍ରମୁଖ ସମସ୍ୟା । ଆଲଜାଇମର, ଡିମେନସିଆ ଆଦି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସଙ୍କଟର ରୂପ ନେଇଛି । ବୟସାଧିକ୍ୟ ସ୍ଥିତିରେ ସହଜ କାମ କରିବାରେ କଷ୍ଟ ଅନୁଭବ କରିବା, ସମସ୍ୟାର ସମାଧାନ କରି ନପାରିବା, ମନଃସ୍ଥିତି ଏବଂ ବ୍ୟକ୍ତିତ୍ୱରେ ପରବର୍ତ୍ତନ, ଫଟୋ ଚିହ୍ନିବା କଠିନ ହେବା, ନାମ ସହିତ ନମ୍ବର ଓ ଠିକଣା ଭୁଲିଯିବା, କେଉଁଠି ଜିନିଷ ରଖି ମନେ ପକାଇ ନପାରିବା ସାମାଜିକ କାର୍ଯ୍ୟରେ ରୁଚି ନରହିବା, ବାହାର କାର୍ଯ୍ୟକଳାପରୁ ଦୂରେଇ ଆସିବା ଆଦି ଏପରି ସମସ୍ୟାର ଲକ୍ଷଣ ହୋଇଥାଏ ।

### ଏଥିରୁ ସୁରକ୍ଷିତ ରହିବା ଲାଗି ବିଶେଷଜ୍ଞମାନେ ନିମ୍ନ ପରାମର୍ଶ ଦେଇଛନ୍ତି:

- ବୟସ ବଢ଼ିବା ସହିତ ମସ୍ତିଷ୍କ ସକ୍ରିୟ ରଖନ୍ତୁ । ନୂଆନୂଆ କଥା ଶିଖିବାର ଚେଷ୍ଟା କରନ୍ତୁ । ମଧୁମେହ, ରକ୍ତଚାପ ନିୟନ୍ତ୍ରଣରେ ରଖିବା ଜରୁରୀ ।
- ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ସହ ଖାଦ୍ୟରେ ଫଳ, ସଜ ପନିପରିବା, ଡ୍ରାଏଫ୍ରୁଟସ ଆଦି ସାମିଲ କରନ୍ତୁ ।
- ଟେନସନରୁ ଦୂରେଇ ରହିଲେ ବଢ଼ନ୍ତା ବୟସର ରୋଗରୁ ନିଜକୁ ସୁରକ୍ଷିତ ରଖିପାରିବେ । ନିଜ ସମ୍ପୂର୍ଣ୍ଣ କରନ୍ତୁ । ଅଧିକ ଚିନି କିମ୍ୱା ଲୁଣ ଖାଆନ୍ତୁ ନାହିଁ ।
- ବ୍ୟାୟାମ ସ୍ମୃତିଶକ୍ତି ସମ୍ବନ୍ଧୀୟ ଆନୁବଂଶିକ ରୋଗର ଆଶଙ୍କା କମ୍ କରେ । ନିୟମିତ ବ୍ୟାୟମ କରିବା ଦ୍ୱାରା ଏହି ରୋଗରୁ ସୁରକ୍ଷିତ ରହିପାରିବେ ।
- ବୟସ ବଢ଼ିଲେ ମଧ ଜୀବନଶୈଳୀ ସକ୍ରିୟ ରଖିବା ଆବଶ୍ୟକ ଶାରୀରିକ ସକ୍ରିୟତା ମସ୍ତିଷ୍କ ଉପରେ ପ୍ରଭାବ ପକାଏ ଏବଂ ଏହାକୁ ସକ୍ରିୟ ରଖେ ।

# ଶୀତଦିନେ ଖଜୁରି ଖୁବ୍ ଜରୁରୀ



- ଖଜୁରିରେ ଫାଇବର, କ୍ୟାଲିସିୟମ, ଆଇରନ୍, ଭିଟାମିନ୍ସ ଏବଂ ମ୍ୟାଗ୍ନସିୟମ୍ ଭରପୂର ମାତ୍ରାରେ ରହିଛି । ତେଣୁ ଶୀତଦିନେ ଖଜୁରି ଖାଇଲେ ଶରୀରକୁ ଉଷ୍ମ ରଖେ ।
- ଯଦି ଆପଣଙ୍କୁ ଥଣ୍ଡା ହୋଇଛି ତେବେ ୩ଟି ଖଜୁରି, ୨ରୁ ୪ଟି ଗୋଟା ଗୋଲମରିଚ ଏବଂ ଗୋଟେ ଗୁଜୁରାତି ଖଣ୍ଡକୁ ପାଣିରେ ଫୁଟାଇ ଏହି ଫୁଟା ପାଣିକୁ ରାତିରେ ଶୋଇବା ପୂର୍ବରୁ ପିଇ ଶୋଇଲେ ଥଣ୍ଡା ସମସ୍ୟା ଦୂର ହୋଇଥାଏ ।
- ଶୀତ ଋତୁରେ ଶ୍ୱାସ ରୋଗୀଙ୍କ ଠାରେ ଥଣ୍ଡା ସମସ୍ୟା ବେଶୀ ଦେଖାଯାଏ । ଯଦି ଆପଣ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ୨ଟି ଲେଖାଏଁ ଚାରୋଟି ଖଜୁରି ଖାଇଲେ ଶ୍ୱାସ ସମସ୍ୟାରୁ ମୁକ୍ତି ମିଳିଥାଏ ।
- ବହୁ ସମୟ ଧରି ଉପାସ ରହିବା ପରେ ଅନ୍ୟ କିଛି ଖାଇବା ପୂର୍ବରୁ ଖଜୁରି ୪ରୁ ୫ଟି ଖାଆନ୍ତୁ । କାରଣ ଏହା ଆପଣଙ୍କୁ ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ । ଯେଉଁମାନେ ଶରୀର ଓଜନ ହ୍ରାସ କରିବାକୁ ଚାହାନ୍ତି ସେମାନେ ସକାଳ ଜଳଖିଆରେ ୫ରୁ ୬ଟି ଖଜୁରି ଖାଇଲେ ଭୋକ ଲାଗିବ ନାହିଁ ଓ ତା' ସହ ଶରୀରକୁ ଦରକାର ମୁତାବକ ଶକ୍ତି ମିଳିଥାଏ ।
- କୋଷ୍ଠକାଠିନ୍ୟ ସମସ୍ୟା ଥିଲେ କିଛି ଖଜୁରିକୁ ରାତିସାରା ପାଣିରେ ଭିଜାଇ ରଖନ୍ତୁ ସକାଳେ ଏହାକୁ ଗ୍ରାଇଣ୍ଡିଙ୍ଗ କରି ଖାଲି ପେଟରେ ପିଅନ୍ତୁ ।
- ହୃତ୍‌ପିଣ୍ଡ ଜନିତ ସମସ୍ୟା ଥିଲେ ପ୍ରତିଦିନ ଖଜୁରି ଖାଆନ୍ତୁ । ଏଥିରେ ଥିବା ଫାଇବର ହୃତ୍‌ପିଣ୍ଡକୁ ସୁସ୍ଥ ରଖେ ଓ ହୃତ୍‌ସ୍ପନ୍ଦନରେ ନିୟନ୍ତ୍ରଣ ରୁହେ ।

# ଉଗ୍ ଜୋତା

ଜୋର୍ ଥଣ୍ଡା ପଡ଼ିଲେ ପାଦକୁ ଖାଲି ଚପଲ ତ ସୁରକ୍ଷା ଦେଇପାରେନି, ବେଳେବେଳେ ଜୋତା ବି କାମ ଦିଏନି । ଯଦି ନିଜ ଅଞ୍ଚଳରେ ଜୋର୍ ଥଣ୍ଡା ହେଉଥାଏ କିମ୍ବା କୌଣସି ଅଧିକ ଥଣ୍ଡା ଅଞ୍ଚଳକୁ ଯାଉଥାନ୍ତି ତେବେ ଉଗ୍ ଜୋତା ଭଲ କାମ ଦେବ । ଏହି ବ୍ରାଣ୍ଡର ଜୋତା ପାଦକୁ ଉଷ୍ମମ ଦେବା ସହିତ ଫେସନ୍‌ରେ ମଧ ଆଗୁଆ ରଖେ । ଅନ୍‌ଲାଇନ୍‌ରେ ଏହାର ଭଲ ବଜାର ରହିଛି ।



ନବେ ଦଶକ ପର୍ଯ୍ୟନ୍ତ ଉଗ୍ ଜୋତା ଫେସନ୍ ତାଲିକାରେ ରହିଥିଲା । ସେତେବେଳେ ଡେନିମ୍ ପୋଷାକ ଏବଂ ସନ୍‌ଗ୍ଲାସ ସହ ଏହାକୁ ପିନ୍ଧାଯାଉଥିଲା । ପରେ ଯେପରି ଉଭେଇଗଲା ଏହି ଜୋତା । ଏବେ ପୁଣି ବଜାରକୁ ଫେରିଛି । ପ୍ରାୟ ୨୦୦୭ ମସିହାରେ ହଲିଉଡ୍ ଅଭିନେତ୍ରୀ ପାମେଲା ଆଣ୍ଡର୍ସନ ଏହାକୁ ପିନ୍ଧିବା ପରେ ଚର୍ଚ୍ଚାକୁ ଫେରିଥିଲା ଉଗ୍ ଜୋତା । ୨୦୧୮ରେ ଏହି ଜୋତାର ବଜାର ଜୋର୍ ଧରିଲା । ଉଭୟ ଯୁବକ-ଯୁବତୀ ଏହାକୁ ପିନ୍ଧିପାରୁଥିବା ବେଳେ ଶୀତରେ ପ୍ରମୁଖ ଫେସନ୍ ପାଲଟିଛି ଉଗ୍ ଜୋତା । ଏହାକୁ ଓଭରକୋଟ୍, ଜିପର, ଉଲ୍ ସ୍ୱେଟର ଆଦି ଶୀତକାଳୀନ ପୋଷାକରେ ପିନ୍ଧିହେବ । ଆକର୍ଷଣୀୟ ଦେଖାଯିବା ସହିତ ଏହା ଆରାମଦାୟକ ହୋଇଥାଏ । ଉଗ୍ ପ୍ରତିଷ୍ଠା ହେବାର ୪୦ବର୍ଷରୁ ଅଧିକ ସମୟ ହୋଇଯାଇଥିଲେ ବି ଏହ ନାମଟି ଏବେ ମଧ ପ୍ରଶଂସକଙ୍କୁ ଆକୃଷ୍ଟ କରେ । ଏହାର ପ୍ରତିଷ୍ଠାତା ବ୍ରିଆନ୍ ସ୍ମିଥ୍ । ଏହି ଅଷ୍ଟ୍ରେଲୀୟ ସର୍ଫିଙ୍ଗ ଖେଳାଳି ୧୯୭୮ରେ ୫୦୦ ଡଲାରରେ ଉଗ୍ର ବୁଟ୍ ନମରେ ଏକ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିଥିଲେ । ତେବେ ଉଗ୍ ଶବ୍ଦଟି ୧୯୫୦ ମସିହା ବେଳର ବୋଲି ଅନୁମାନ କରନ୍ତି ସ୍ମିଥ୍ । ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ମେଣ୍ଢା ଚମଡ଼ାରେ ତିଆରି ଜୋତାକୁ ଉଗ୍ ବୋଲି କୁହାଯାଉଥିଲା ।

# ପିଲାଙ୍କ ସହ ବନ୍ଧୁତା

ନିଜ ପିଲାର ଉଭୟ ଉତ୍ତମ ଆଚରଣ ଓ ବଦ୍‌ଭ୍ୟାସ ନିମନ୍ତେ ପ୍ରଥମେ ଅଭିଭାବକଙ୍କୁ ଦାୟୀ କରାଯାଇଥାଏ । ଏହା କୌଣସି ଆଶ୍ଚର୍ଯ୍ୟଚକିତ ପ୍ରସଙ୍ଗ ନୁହେଁ । ପିଲାଙ୍କ ବନ୍ଧୁହେବା ସହ ସେମାନଙ୍କୁ ଯଥୋଚିତ ଶିକ୍ଷା ଦେବାରେ ହେଳା କରନ୍ତୁନାହିଁ । ଏହା ଆଦୌ ଭାବନ୍ତୁନାହିଁ ଯେ ଯଥା ସମୟ ଆସିଲେ ପିଲା ସବୁ ଶିଖିଯିବ । ବରଂ ଉଭୟ ବାପା ଓ ମା' ସେମାନଙ୍କ ସହ ବନ୍ଧୁ ଭଳି ଆଚରଣ କରିବା ଉଚିତ ।



- ପିଲା ସ୍କୁଲରୁ ଆସିବା ପରେ ମା'ମାନେ ସପ୍ତାହରେ ୨-୩ ଥର ସେମାନଙ୍କୁ ସପିଂ ମଲ୍ କିମ୍ବା ପରିବା ଦୋକାନ ଆଡେ ନେଇଯିବା ଆବଶ୍ୟକ । ଏପରି କଲେ ସେମାନଙ୍କ ସହ ବିଭିନ୍ନ ପରିବାର ଆବଶ୍ୟକତା ବୁଝିପାରିବେ । ଏହା ସହ ବିଭିନ୍ନ ଜିନିଷ କିଣିବାର ଜିଦ୍‌ରୁ ମଧ ପିଲାର ମନୋଭାବ ପରିବର୍ତ୍ତନ କରିପାରିବେ । ଯଦି କୌଣସି ଖେଳନା କିମ୍ବା ଅନ୍ୟ ଜିନିଷ ସେ କିଣିବାକୁ । ଚାହୁଁଛି, ତେବେ ତାହାର ଆବଶ୍ୟକତା ବୁଝାନ୍ତୁ । ଦେଖିବେ, କିଛି କ୍ଷଣରେ ଆପଣଙ୍କ ପିଲା ବୁଝିଯିବ ।
- ରୋଷେଇ ଘରେ କାମ କରୁଥିବାବେଳେ ନିଜ ପିଲାକୁ ବିଭିନ୍ନ ପରିବା ଫ୍ରିଜ୍‌ରୁ ଆଣିବାକୁ ବରାଦ୍ ଦିଅନ୍ତୁ । ଅନ୍ୟ ଏକ କଥା ଧ୍ୟାନରେ ରଖନ୍ତୁ, ଆପଣଙ୍କ ପିଲାର ବୟସ ଅତିକମ୍‌ରେ ୭ବର୍ଷରୁ ଅଧିକ ହୋଇଥିବ । ଅତି କୁନି ପିଲାକୁ ଏସବୁ କାମରେ ଲଗାଇଲେ କୌଣସି ଲାଭ ମିଳେନାହିଁ, ବରଂ ସେମାନଙ୍କ ପ୍ରତି ବିପଦ ସୃଷ୍ଟି କରେ । କେଉଁ ପରିବା ଖାଇଲେ ଶରୀର ଉପରେ କିଭଳି ପ୍ରଭାବ ପକାଇଥାଏ, ତାହା ପିଲାକୁ ବାରମ୍ବାର କହି ଚାଲନ୍ତୁ ।
- ପାଠ ପଢ଼ିବାର ଏକ ନିର୍ଦ୍ଦିଷ୍ଟ ସମୟ ଧରି ଆଗକୁ ବଢ଼ାନ୍ତୁ । ନିୟମିତ ୩୦-୪୦ ମିନିଟ୍ ସେ ପଢ଼ିବା ଜରୁରୀ, ଏହି କଥାର ମର୍ମ ଆପଣଙ୍କ ପିଲା ମଧ ବୁଝିବା ଉଚିତ ।
- ସବୁ କଥାରେ ବିରକ୍ତ ନ ହୋଇ ବରଂ ଠିକ୍ ଓ ଭୂଲର ତଫାତ୍ ପିଲାକୁ ଜଣାଇଦେବା ଉଚିତ ।







## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିତୀଶ ଯୁଗ ଆରମ୍ଭ...

ନିକଟରେ ସମାପ୍ତି ବିଧାନସଭା ନିର୍ବାଚନ ପରେ ବିହାର ରାଜନୀତି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ପନ୍ଦର ବର୍ଷ କ୍ଷମତାରେ ରହି ଆସିଥିବା ନୀତୀଶ କୁମାର ସପ୍ତମ ଥର ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି । ବିଭିନ୍ନ ପର୍ଯ୍ୟାୟରେ ମତଦାନ ହେବା ପରେ ଦଶ ତାରିଖ ଦିନ ଫଳ ପ୍ରକାଶ ପାଇବା ପରେ ରାଜ୍ୟ ରାଜନୀତିରେ ହଲ୍‌ଚଲ୍ ସୃଷ୍ଟି ହୋଇଥିଲା । ଏକପକ୍ଷରେ ଭାରତୀୟ ଜନତା ପାର୍ଟି ଓ ଜନତା ଦଳ (ସଂ)କୁ ନେଇ ଏନ୍‌ଡିଏ ଏବଂ କଂଗ୍ରେସ ଓ ବାମପନ୍ଥୀଙ୍କୁ ଧରି ରାଷ୍ଟ୍ରୀୟ ଜନତା ଦଳ ମହାଗଠ୍‌ବନ୍ଧନ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ । ସ୍ୱର୍ଗତ ରାମବିଳାସ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି ଏକରକମ ବିଜେପିର ବି-ଟିମ୍ ରୂପେ ଭୋଟ୍ ଲଢ଼ି ନୀତୀଶଙ୍କ ବିରୋଧରେ ବିଷୋଦ୍‌ଗାରପୂର୍ବକ ଭୋଟ୍ ଲଢ଼ିଥିଲେ । ହାଇଦରାବାଦ୍‌ଭିତ୍ତିକ ଏଆଇଏମ୍‌ଏମ୍ ବିହାରରେ ସ୍ୱଳ୍ପ ପରିଚିତ ଥିଲେ ହେଁ ତାହାର ନେତା ଓ୍ୱାଇସି ପାଞ୍ଚଟି ସ୍ଥାନ ଜିତିବାକୁ ସକ୍ଷମ ଏଥର ନିର୍ବାଚନର ଉଲ୍ଲେଖଯୋଗ୍ୟ ଦିଗ । ବହୁ ଦିନ ଧରି ନୀତୀଶ କୁମାର ଲାଲୁ ଯାଦବଙ୍କ କାରଣରୁ ନୀତୀଶ ଲାଲୁଙ୍କ ହାତ ଛାଡ଼ି ପାରମ୍ପରିକ ବିରୋଧୀ ଭାରତୀୟ ଜନତା ପାର୍ଟିର ହାତ ଧରି କେଇଘଣ୍ଟା ପରେ ପୁଣି ମୁଖ୍ୟମନ୍ତ୍ରୀ ପଦରେ ଅସୀନ ହେଲେ । କେନ୍ଦ୍ର ସରକାର ଓ ବିହାର ସରକାର ଡବଲ ଇଂଜିନ୍ ସରକାର ଚାଲିଲେ ତାହା ବିହାରର ବିକାଶ ରଥକୁ ଅଧିକ ଗତି ଦେବ ବୋଲି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉକ୍ତିକୁ ରାଜ୍ୟବାସୀ ଯଥାର୍ଥରେ ବୁଝିପାରି ଏନ୍‌ଡିଏ ସରକାରର ନିରନ୍ତରତାକୁ ସମର୍ଥନ ଦେଇଥିବା ଭଳି ମନେ ହେଉଛି । ବିପରୀତ ପକ୍ଷରେ ଲାଲୁ-ପୁତ୍ର ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ମହାଗଠ୍‌ବନ୍ଧନ ଚମତ୍କାର ପ୍ରଦର୍ଶନ ଦେଖାଇଥିଲେ ହେଁ କ୍ଷମତା-ବିନ୍ଦୁଠାରୁ ଅଳ୍ପକେ ବଂଚିତ ହେଲା । କଂଗ୍ରେସର ପ୍ରଦର୍ଶନ ସେତେ ବେଶୀ ଉତ୍ସାହଜନକ ହୋଇଥିଲେ ହେଁ ମୁଖ୍ୟ ଅଂଶୀଦାର ଆର୍‌ଜେଡି ଓ ବାମପନ୍ଥୀଙ୍କ ପ୍ରଦର୍ଶନ ଉତ୍ସାହଜନକ ରହିଛି । ତାହାରି ଭିତରେ ତେଜସ୍ୱୀଙ୍କ ଦଳ ଓ କଂଗ୍ରେସ ଭୋଟ ଗଣତିରେ ଗଫ୍‌ଲତି କରାଯାଇଥିବାର ଅଭିଯୋଗ କରିଛନ୍ତି । ଏଥର ନିର୍ବାଚନରେ ଭାରତୀୟ ଜନତା ପାର୍ଟି ଆଉ ଦ୍ୱିତୀୟ ବୃହତ୍ତମ ଦଳ ହୋଇ ରହିନାହିଁ । ନୀତୀଶଙ୍କ ଦଳ ସହ ମିଶି ଭୋଟ୍ ଲଢ଼ିବା ଭିତରେ ଭାରତୀୟ ଜନତା ପାର୍ଟି ଜେଡି (ୟୁ)କୁ ପଛରେ ପକାଇ ଦେଇଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ବୋଲି କୁହାଯାଇପାରିବ । ପ୍ରଥମେ ନୀତୀଶ ମୁଖ୍ୟମନ୍ତ୍ରୀ ହେବାକୁ ମଙ୍ଗୁ ନଥିଲେ । ମାତ୍ର ବ୍ୟାପକ ବିଚାର ବିମର୍ଶ ପରେ ତାଙ୍କ ଉପରେ ସପ୍ତମ ଥର ପାଇଁ ହାତୀ ସୁନାକଳସ ଢାଳିଲା । ଏଇଥର ପନ୍ଦର ବର୍ଷ ଭିତରେ ନୀତୀଶଙ୍କ ଦଳ ବିହାରରେ ତୃତୀୟ ସ୍ଥାନକୁ ଖସିଆସିଛି । ଦ୍ୱିତୀୟରେ ରହିଛି ତେଜସ୍ୱୀଙ୍କ ଦଳ । ଭୋଟ୍ ପ୍ରଚାର ଶେଷ ପର୍ଯ୍ୟାୟରେ ନୀତୀଶ ଏହା ତାଙ୍କର ଶେଷ ଲଢ଼େଇ କହି ଜଣାଇଥିଲେ; ଅନ୍ତ ଭଲା ତ' ସବ୍ ଭଲା । ତାଙ୍କର ନିବେଦନକୁ ମତଦାତାମାନେ ଯେମିତି ଗ୍ରହଣ କରିଥାନ୍ତୁ ପଛେ, ଏଥର ବିହାର ରାଜନୀତିରେ କେନ୍ଦ୍ରୀୟ ଦଳ ଭାରତୀୟ ଜନତା ପାର୍ଟିର ଦବ୍‌ଦବା ବହୁଗୁଣ ବଢ଼ିପାରିଛି । ଏହାପରେ କେନ୍ଦ୍ରୀୟ ଦଳ ଚାହିଁବ ପଶ୍ଚିମବଙ୍ଗରେ ତାହାର ପ୍ରଭାବ ଓ ପ୍ରତିପତ୍ତି ଜାହିର ରଖିବାକୁ ଚେଷ୍ଟିତ ହେବ । ସେହି ଦିଗରେ ବିହାର ଭୋଟ ଫଳ ସହାୟକ ପଥ ଦେଖାଇଛି ବୋଲି ଧରି ନିଆଯାଇପାରେ । ଜାତୀୟ ରାଜନୀତିରେ ଭାରତୀୟ ଜନତା ପାର୍ଟିର ପ୍ରଭାବ ଦିନକୁ ଦିନ ବ୍ୟାପକ ହେଉଥିବାବେଳେ ଅନ୍ୟମାନଙ୍କୁ ତାହା ପରାଭୂତ କରିବା ପାଇଁ ଯାବତୀୟ ରଣନୀତି ଆପଣାଇବାରେ ଲାଗିଛି । ଦେଶର ଅଧିକାଂଶ ରାଜ୍ୟରେ ଦଳୀୟ ଶାସନ ବହୁକାଳ ଯାଏଁ ଚାଲିଆସିଛି । ଦ୍ୱିତୀୟ ସ୍ଥାନରେ ରହିଆସିଥିବା ଦଳ ବିହାରରେ ପ୍ରଥମ ହେବାକୁ ଯେତିକି ସମୟ ଲାଗିଲା, ହୁଏତ ସହଯୋଗୀ ଜନତା ଦଳ (ସଂ)କୁ ଅଣଦେଖା ନକରି ଆଗକୁ ରାଜ୍ୟ ଶାସନକୁ ବଢ଼ାଇ ନେବାପାଇଁ ସଂକଳ୍ପ ଦୋହରାଇବ, ସେହି ବିଶ୍ୱାସ ତଦ୍‌ବିଦ୍ ମହଲରେ ରହିଛି । ରାଜନୈତିକ ଉତ୍‌ଥାନ-ପତନ ଭିତରେ କେବଳ ବିହାର ନୁହେଁ, ଏହିଭଳି ପରୀକ୍ଷା ନିରୀକ୍ଷା ବହୁବାର ଦେଖିବାକୁ ମିଳିପାରେ ବୋଲି ମତ ପ୍ରକାଶ ପାଉଛି ।






## କାଗଜଫୁଲ...

ରତିକାନ୍ତି ମିଶ୍ର

ବାସ ନାହିଁ ମୋର ବୋଲି
କେହି ମୋତେ କରେନା ଆଦର,
ଭଲ ପାଏ ସଭିଙ୍କୁ ମୁଁ
ଏ ସଂସାର ଯେଣୁ ଆପଣାର ॥
ଗୋଲାପ ରଙ୍ଗଟି ମୋର
ସୁଶୋଭିତ ତିନି ପାଖୁଡ଼ାରେ
ପୁଲକେ ଭରଇ ଛାତି
ଖେଳେ ଯେବେ ପବନ ସାଥିରେ ॥
ଅନ୍ୟର ରୂପକୁ ଦେଖି
କରିନାହିଁ ଈର୍ଷା କେବେ ମୁହିଁ
ଈଶ୍ୱର ଗଢ଼ିଛି ମୋତେ
ଖୁସି ଟିକେ ବାଣ୍ଟି ଦେବା ପାଇଁ ॥
ହସୁଛି ମୁଁ ସବୁଦିନ
ହସୁଥିବି ଝଡିଯିବା ଯାଏ
କରେନା ହିସାବ କେବେ
କିଏ ମୋତେ କେତେ ଭଲ ପାଏ ॥
କରିନି ପ୍ରକାଶ କେବେ
ଦୁନିଆର ଅନାଦର ଭାବ
ଜୀବନ ଉତ୍ସର୍ଗ ମୋର
ପରହିତେ ସଦା ରହିଥିବ ॥
ଈଶ୍ୱରଙ୍କ ସୃଷ୍ଟି ପାଇଁ
ପୂର୍ଣ୍ଣ ପ୍ରାଣେ ହୋଇଛି ବୋଧିତ
ଯାହାକିଛି ଦେଇଛନ୍ତି
ଆଦରିଛି କରି ମଥାନତ ॥
ପ୍ରଭୁ ପାଦେ ମୋ ବିନତି
ଆର ଜନ୍ମେ କରନ୍ତୁ ସୁମନ
ତାଙ୍କରି ଚରଣେ ଲାଗି
ଧନ୍ୟ ହେବ ମୋର ଏ ଜୀବନ ॥

+ ଆଳି, କେନ୍ଦ୍ରାପଡ଼ା

# ନାଗଲ ଚତୁର୍ଥୀ

ବିଦ୍ୟୁତ ଲତା ପଣ୍ଡା



ଭାରତୀୟ ସଂସ୍କୃତି ହିଁ ଏକମାତ୍ର ସଂସ୍କୃତି ଯେଉଁଥିରେ ସମସ୍ତ ଚର, ଅଚର , ଜଡ, ଚେତନଙ୍କୁ ସମ ଗୁରୁତ୍ୱ ଦିଆ ଯାଇଆସିଅଛି । ଭାରତୀୟ ସଂସ୍କୃତିରେ ପଶୁପକ୍ଷୀ, ବୃକ୍ଷଲତାଙ୍କୁ ପୂଜାର୍ଚ୍ଚନା କରିବାର ବିଧି ପ୍ରଚଳିତ । ସେହି କ୍ରମରେ ବିଭିନ୍ନ ପଶୁପକ୍ଷୀଙ୍କ ପୂଜାଭଳି ସର୍ପ ଆରାଧନା ଆମ ସଂସ୍କୃତିରେ ବହୁ ପୁରାକାଳରୁ ଚଳିଆସିଛି । ସର୍ପର ମହତ୍ୱ ପ୍ରକଟ କରିବାକୁ ଯାଇ ଭଗବାନ ବିଷ୍ଣୁ ତା' ଉପରେ ଶୋଇଥିବା ସମୟରେ ଭଗବାନ ଶିବଙ୍କର ଗଳାରେ ଶୋଭା ପାଉଛନ୍ତି । ଏପରିକି ନାଗମାତା ବାସୁକୀ ନିଜ ମସ୍ତକରେ ବିଶ୍ୱ ବ୍ରହ୍ମାଣ୍ଡକୁ ଧାରଣ କରିଛନ୍ତି । ଶେଷନାଗ ବା ଶେଷଦେବ ଭଗବାନଙ୍କ ଅବତାର ହୋଇଥିବା ବେଳେ ନାଗଦେବତା ଏବଂ ଦେବୀଙ୍କର ପୂଜାର୍ଚ୍ଚନା ନିମନ୍ତେ ଭାରତର ବିଭିନ୍ନ ସ୍ଥାନରେ ମନ୍ଦିରମାନ ଦେଖାଯାଏ । ଓଡିଶାର ମଧ ନାଗପୂଜା ବହୁଳମାତ୍ରାରେ ହେଉଥିବା ଦେଖାଯାଏ ।ନାଗ ପୂଜା ନିମନ୍ତେ ନାଗଲ ଚତୁର୍ଥୀ ଏକ ବିଶିଷ୍ଟ ଦିନ । କାର୍ତ୍ତିକମାସ ଶୁକ୍ଳପକ୍ଷ ଚତୁର୍ଥୀ ଦିନ ଏହା ପାଳିତ ହୁଏ । ବିଶେଷ କରି ତେଲଗୁ ସମ୍ପ୍ରଦାୟରେ ଏହା ବିଶେଷ ଭାବେ ପାଳିତ ହୋଇଥାଏ ।

ଏଥିନିମନ୍ତେ ଗାଁ ପାଖରେ ଥିବା ଉଇହୁଙ୍କା ନିକଟରେ ପୂଜା ଆୟୋଜନ କରାଯାଏ କରାଣ ଉଇହୁଙ୍କା ନିକଟରେ ସର୍ପ ବାସ କରିଥିବା ଲୋକ ବିଶ୍ୱାସରେ ପ୍ରଚଳିତ ଅଛି । ଏହାର ବ୍ରତ ନିୟମାନୁସାରେ ବ୍ରତୀ ପ୍ରାତଃ ସ୍ନାନ କରି ଶୁଦ୍ଧପୂତ ଅନ୍ତରରେ ଧୂପ, ଦୀପ, ପୁଷ୍ପ ଆଦି ନେଇ ଶିବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଫେରି ଚଉଁରାମୂଳେ ବାର ଅଙ୍ଗୁଳି ଗଭୀର ପୋଖରୀଟିଏ ଖୋଳିବେ । ସେଥିରେ ଜଳ ଭରିବା ସହିତ ସୁଗନ୍ଧ ପୁଷ୍ପ ଓ ଚନ୍ଦନ ପକାଇବେ । ପୋଖରୀଠୁ ପାଞ୍ଚ ଆଙ୍ଗୁଳି ଛାଡି ମଣ୍ଡଳ କାଟି, ଚନ୍ଦନ ପାଣି ସିଞ୍ଚି ଫୁଲ ପକାଇ ଦୀପ ଜାଳିବେ । ଚାରୋଟି କଦଳୀ ଗଛ ଚାରିଦିଗରେ ଲଗାଇ ଦୂବ, ପତ୍ର ଓ ଫୁଲମାଳ ବାନ୍ଧିବେ । ହୁଙ୍କାକୁ ତ୍ରିଶାଖା କରିବେ । ତା'ପରେ ପାଟବେଢାଇ ତମ୍ବା, ସୁନା, ରୁପାରେ ନାଗଫେଣୀ ରଖି ପଞ୍ଚାମୃତ ଜଳରେ ସ୍ନାନ କରାଇବେ । ଫଣାକୁ ଛାଡି ମୂର୍ତ୍ତିସାରା ଫୁଲ, ଗନ୍ଧ ଓ ଚନ୍ଦନରେ ମଣ୍ଡିତ କରିବେ । ସିନ୍ଦୁର କଜ୍ଜଳ ଲଗାଇ ବେଶ କରିବେ । ଅଁଳା ଡାଳ ଓ ବେଲପତ୍ର ରଖି ପୂଜା କରିବେ । ରାଶି, ପିଠା, ଖଜା, ସର, ଛେନା, କାକୁଡି, ସାକର, ଗଜାମୁଆଁ, ବସାଦହି ଓ ଉଖୁଡା ରଖି ପୂଜା କରିବେ । ଚୂଡା, କଦଳୀ, ପାଚିଲାଫଳ, ନଡିଆ, ଅଦା, ଲବଙ୍ଗରେ କ୍ଷୀର ମିଶାଇ ମିଠା ପ୍ରସ୍ତୁତ କରିବେ ଓ ଧୂପ, ଦୀପ, ଚନ୍ଦନ, ଫୁଲରେ ଆରାଧନା କରିବେ । ଏ ବ୍ରତ ପାଳନରେ ବ୍ରତୀର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବ୍ରତକଥାରେ ଉଲ୍ଲେଖ ଅଛି ।

ନିଷ୍ଠା, ପବିତ୍ରତା ଓ ଶୁଦ୍ଧପୂତ ଅନ୍ତରରେ ବ୍ରତ କଳାପରେ ବ୍ରତୀ ବ୍ରତକଥାକୁ ମନଧ୍ୟାନ ଦେଇ ଶୁଣିବ ଓ ଅନ୍ୟମାନଙ୍କୁ ଶୁଣାଇବ । ବ୍ରତ କଥାଟି ଏହିପରି- ଅବନ୍ତୀନଗରର ବାସ କରୁଥିବା ସାଧବର ସାତପୁଅ ଓ ସାତବୋହୂ । ଦିନେ ନାଗନାଗୁଣୀର ସାତପୁଅ ନଦୀରେ ଗଡିଶା ମାଛ ହୋଇ ଖେଳୁଥିଲେ । ସେହି ନଦୀକୁ ସାଧବାଣି ଓ ତାର ସାନବୋହୂ ଗାଧୋଇବାକୁ ଯାଇଥାନ୍ତି । ସେଠାରେ ମାଛଗୁଡିକ ସାଧବାଣୀ ଧରି ବୋହୂଙ୍କୁ ଦେବା ସହିତ ଘରେ ପହଞ୍ଚି ଶୀଘ୍ର ରାନ୍ଧିବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ସାନବୋହୂ ପରେ ରାନ୍ଧିବ କହି ଚାଳରେ ମାଛଗୁଡିକୁ ରଖିଦେଲା । ଶାଶୁ ସମୟ କ୍ରମେ ମାଛ ମାଗିବାରୁ ସାନବୋହୂ ଦେଖିଲା ମାଛ ନାହାନ୍ତି ବରଂ ଘରର ଐଶାନ୍ୟ କୋଣରେ ସାତଟି ନାଗସାପ ଖେଳୁଛନ୍ତି । ସାନବୋହୂ ସେମାନଙ୍କୁ ଖାଇବାକୁ ଦେବା ସହିତ ଯତ୍ନ ନେବାରୁ ନାଗଛୁଆଗୁଡିକ ସାପରେ ପରିଣତ ହେଲେ ଏବଂ ସାନବୋହୂ ସେମାନଙ୍କୁ ନେଇ ଏକ ଉଇହୁଙ୍କା ନିକଟରେ ଛାଡିଦେଇଆସିଲା ।

ନାଗଛୁଆମାନେ ପାତାଳପୁରକୁ ଫେରିଯାଇ ସମସ୍ତ କଥା କହିଲେ ଏବଂ ସେମାନେ ଖୁସିହୋଇ ସାନବୋହୂକୁ ପାତାଳପୁରକୁ ନିମନ୍ତ୍ରଣ କରିବା ସହ ସେମାନଙ୍କ ଝିଅ କରିନେଲେ । ସାନବୋହୂ ଖୁସିରେ ସମୟ କାଟୁଥିବା ସମୟରେ ଦିନେ ଭୁଲ ବସତଃ ଏକ ଅପରାଧ କରିଦେଲା ଏବଂ ନାଗନାଗୁଣୀଙ୍କ ପରାମର୍ଶରେ ନାଗଲ ଚତୁର୍ଥୀ ବ୍ରତ କରି ଦୋଷମୁକ୍ତ ହେବା ସହ ଧନଧାନ୍ୟରେ ନିଜ ଘରକୁ ପରିପୂର୍ଣ୍ଣ କଲା ।

ଓଡିଶାରେ ପ୍ରଚଳିତ ନାଗଲ ଚତୁର୍ଥୀ କଥାମାନଙ୍କରେ ଭିନ୍ନ ଭିନ୍ନ କଥାବସ୍ତୁ ପରିଲକ୍ଷିତ ହେଉଥିଲେ ହେଁ ବିଧିବିଧାନ ପ୍ରାୟତଃ ସମାନ । ଏସବୁ ପଛରେ କେବଳ ଲୋକମାନଙ୍କୁ ଏକ ଧର୍ମୀୟ ଡୋରୀରେ ବାନ୍ଧିବାର ପ୍ରୟାସ କରିଛି । ଏହି ବ୍ରତ ବ୍ରତୀମାନଙ୍କୁ ଏକ ଡୋରୀରେ ବାନ୍ଧିରଖିବାର ସକ୍ଷମ ହୋଇଛି ।

+ କପ୍ତିପଦା, ମୟୂରଭଞ୍ଜ
ମୋ.୯୯୩୮୧୨୨୮୨୬

# ସୁପର ପ୍ୟାରେ[ ସିଣ୍ଡ୍ରୋମ୍

ଡାକ୍ତର ସମ୍ରାଟ କର

ଶ୍ରୀକାନ୍ତ ମୋର ସ୍କୁଲ ବେଳର ସାଙ୍ଗ, ମୁଁ ବାହାରେ ପାଠ ପଢ଼ିବା ପାଇଁ ଗାଁ ଛାଡ଼ିଦେଲି ହେଲେ ସିଏ ସେ ଗାଁରେ ପଢ଼ାପଢ଼ି କରି ପରେ ବ୍ୟବସାୟ କ୍ଷେତ୍ରରେ ବେଶ ଆଗେଇ ପାରିଛି। ବହୁଦିନ ପରେ ତାର ମୋର ଭେଟଭାଟ ହୋଇଗଲା, ତାର ବଡ଼ପୁଅ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଛି ଆଉ ସାନପୁଅ ଏକ ବୋର୍ଡ଼ର ଫାଇନାଲ ପରୀକ୍ଷା ଦେଇଛି। ଶ୍ରୀକାନ୍ତ ମୋ ସାଙ୍ଗରେ କଥାବାର୍ତ୍ତା ହେବାବେଳେ ଲକ୍ଷ୍ୟ କଲି ସେ ଅସ୍ୱାଭାବିକ ଭାବରେ ତା ପିଲାମାନଙ୍କ ପରୀକ୍ଷା ଫଳକୁ ନେଇ ଉଦ୍‌ବିଗ୍ନ ହୋଇପଡୁଛି। ମୁଁ ସବୁକଥା ଶୁଣି ତାକୁ କହିଲି ତୁ କାହିଁକି ଅଯଥା ବ୍ୟସ୍ତ ହେଉଛୁ, ତୁ ପିଲାମାନଙ୍କ ରେଜଲ୍ଟ ଓ ଭଲ ମାର୍କ କଥା ଚିନ୍ତାକରି ଆଦୌ ବ୍ୟସ୍ତ ହୁଅନା ଦେଖିବୁ ତୋ ପିଲାମାନେ ଭଲ ରେଜଲ୍ଟ କରିବେ। ଆପଣମାନେ ହୁଏତ ଜାଣିନଥିବେ ଏହା ସାଧାରଣରେ ଏକ ମାମୁଲି କଥା ବୋଲି କେହି କେହି ଭାବୁଥିବାବେଳେ ମନସ୍ତାତ୍ତ୍ୱିକ ଓ ମନବୈଜ୍ଞାନିକ କ୍ଷେତ୍ରରେ ଏହା ଏକ ପ୍ରକାର ରୋଗ ଯାହା ନାଁ ହେଉଛି ସୁପର ପ୍ୟାରେଣ୍ଟ ସିଣ୍ଡ୍ରୋମ୍। ବର୍ତ୍ତମାନ ପରୀକ୍ଷା ସିଜିନ୍ ଚାଲିଥିବାରୁ ପିଲମାନେ, କେବଳ ପିଲାମାନେ ନୁହେଁ ତାଙ୍କ ଅଭିଭାବକମାନେ ମଧ ରେଜଲ୍ଟ ଓ ଭଲ ମାର୍କକୁ ନେଇ ଚିନ୍ତାଗ୍ରସ୍ତ ହୋଇପଡ଼ନ୍ତି। କେହି କେହି ପିଲାମାନଙ୍କ ଉପରେ ଭଲ ରେଜଲ୍ଟ ପାଇଁ ଯେଉଁ ଚାପ ପକାଇଥାନ୍ତି ତାହା ପରବର୍ତ୍ତୀ ସମୟରେ ପିଲାଟିର ମାନସିକତାକୁ ଗଭୀର ଆଘାତ ଦେଇଥାଏ। ପିଲାମାନଙ୍କର ଦେହ ଖରାପ ନଥିଲେ ମଧ ପିଲାଟି ଯଦି ଏଇ ଯେପରି ପେଟ କାଟୁଛି, ଜରୁଆ ଜରୁଆ ଲାଗୁଛି, ମନ କିଛି ଭଲ ଲାଗୁନି ଏହିପରି ବାହାନା କରି ଯଦି ଚିନ୍ତାଗ୍ରସ୍ତ ବା ଉଦାସ ରୁହନ୍ତି ଏହିସବୁ ସମସ୍ୟା ଦେଖାଯାଉଥିଲେ ବୁଝାଯିବ ପିଲାଟି ତା ଅଭିଭାବକର ସୁପର ପ୍ୟାରେଣ୍ଟ ସିଣ୍ଡ୍ରୋମ୍‌ର ଶିକାର ହୋଇଛି। ଏହିପରି କ୍ଷେତ୍ରର ଅଭିଭାବକମାନେ ସବୁବେଳେ ନିଜ ପିଲାଟିକୁ ତା ସାଙ୍ଗସାଥୀଙ୍କ ଠାରୁ ପାଠସାଠରେ ଆଗୁଆ ହେବା ଚାହାଁନ୍ତି। କେବଳ ପାଠସାଠ ନୁହେଁ ଖେଳକୁଦ ବା ତାଙ୍କ ଅନ୍ୟାନ୍ୟ ପ୍ରତିଭା ସବୁଥିରେ ପିଲା ଯେପରି ଆଗୁଆ ରହେ ତା ଉପରେ ଏକ ପ୍ରକାର ଚାପ ସୃଷ୍ଟି କରନ୍ତି। ଯଦି ଆପଣଙ୍କ ପିଲାଟି ଏହି ସୁପର ପ୍ୟାରେଣ୍ଟ ସିଣ୍ଡ୍ରୋମର ଶିକାର ହୋଇଥାଏ ତେବେ ତୁରନ୍ତ ଏହାକୁ ହାଲ୍‌କା ନଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଓ ଚିକିତ୍ସାକୁ ଆଣନ୍ତୁ। ଆଜିକାଲିର ତୀବ୍ର ପ୍ରତିଦ୍ୱନ୍ଦିତା ମୂଳକ ଯୁଗରେ ପିଲାମାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାଗ୍ରସ୍ତ, ଅସୁରକ୍ଷିତ ମନେକରିବା ସ୍ୱାଭାବିକ। ତେବେ ଅଭିଭାବକମାନେ ପିଲାଟିର ମନରେ ଭୟ ସଞ୍ଚାର କରିଦେଲେ ଏପରି କ୍ଷେତ୍ରରେ ପିଲାମାନେ ନିଜ ଉପରୁ ଆଶା ଭରଷା ହରାଇ ଦିଅନ୍ତି। ଯେଉଁ ବୟସରେ ସେମାନେ ହସି ଖେଳିବୁଲି ଆନନ୍ଦ ମନରେ ସାଙ୍ଗସାଥୀଙ୍କ ସହ ପାଠପଢ଼ା ବା ଖେଳକୁଦ କରିବା କଥା ଅଭିଭାବକଙ୍କ ଚାପ ସେମାନଙ୍କୁ କେତେକ କ୍ଷେତ୍ରରେ ବିପଦଗାମୀ ବି କରିଦିଏ।

ଆପଣମାନେ ସବୁବେଳେ ମନେରଖନ୍ତୁ ପିଲାମାନଙ୍କ ସୁଖଦ ଓ ଆନନ୍ଦମୟ ଭବିଷ୍ୟତ ପାଇଁ ପ୍ରଚୁର ପରିମାଣର ସ୍ନେହ ଓ ଭଲପାଇବା ଦିଅନ୍ତୁ। ତା ଭିତରେ ଗଭୀର ଆତ୍ମବିଶ୍ୱାସ ବଢ଼ାଇ ତାର ସାଥୀଟିଏ ହୋଇ ତା ଭିତରର ସୁଖ, ଦୁଃଖ ବୁଝିବାକୁ ଚେଷ୍ଟା କରନ୍ତୁ। ଆପଣଙ୍କ ପିଲା ତାର କୌଣସି ପରୀକ୍ଷା ବା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସେ ତାଙ୍କ ସାଙ୍ଗସାଥୀଙ୍କ ଠାରୁ ଯଦି ପଛୁଆ ରହିଯାଏ ବା ଆଶାନୁରୂପ ଫଳ ନପାଏ ତେବେ ଏ କ୍ଷେତ୍ରରେ ଅନ୍ୟମାନଙ୍କ ସହ ତାକୁ ତୁଳନା କରନ୍ତୁନାହିଁ ବରଂ ତାକୁ ଭରପୁର ସ୍ନେହ ଦେଇ ଉତ୍ସାହ ଦିଅନ୍ତୁ ସେ ପୁନର୍ବାର ଚେଷ୍ଟ କଲେ ସଫଳତା ନିଶ୍ଚୟ ପାଇବ, ଏହା ପିଲାଟିର ଆତ୍ମସମ୍ମାନ ଓ ଭରଷାକୁ ବଢ଼ାଇ ପାରିବ। ପିଲାଟି ସହ ତାର ସବୁକଥା ଶୁଣି ତା ସହ କଥାବର୍ତ୍ତା ହୁଅନ୍ତୁ କିନ୍ତୁ ତାକୁ ଘଣ୍ଟା ଘଣ୍ଟା ଧରି ବାରମ୍ବାର ଗୋଟିଏ କଥାକୁ ଚାପ ସୃଷ୍ଟି କଲାପରି କୁହନ୍ତୁ ନାହିଁ। ଆଜିକାଲି ପିଲାମାନଙ୍କର ପାଠ୍ୟ ଖସଡ଼ା ଯାହା ତା ଉପରେ କୌଣସି ଚାପ ଦିଅନ୍ତୁ ନାହିଁ ଯେପରି ଏହା ତା ମୁଣ୍ଡକୁ ଭାରାକ୍ରାନ୍ତ କରିଦେବ। ପିଲାଟିର କ୍ଷମତା, ସାମର୍ଥ୍ୟ ତାକୁ ଦେଖି ପରାମର୍ଶ ଦିଅନ୍ତୁ। ଅନୁଶାସନ ଓ ଆଜ୍ଞାବହତା ଏକ ମହତ୍ତ୍ୱପୂର୍ଣ୍ଣ ଗୁଣ। କିନ୍ତୁ ନିଜ ପିଲାଟି ପ୍ରତି କଠୋର ବା ରୁକ୍ଷ ନହୋଇ ସ୍ନେହଶୀଳ ଭାବରେ ତା ପ୍ରତି ଉଦାର ମନୋଭାବ ପୋଷଣ କରନ୍ତୁ। ତାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇ ଧୀରେ ଧୀରେ ତା ବ୍ୟକ୍ତିଗତ ନିଷ୍ପତ୍ତି ନେବାରେ ଯେପରି ସକ୍ଷମ ହେବ ଏହାକୁ ଦୃଷ୍ଟି ଦିଅନ୍ତୁ। ପିଲାଟି ଭୁଲ କଲେ ଯେପରି ଗାଳି ବା ଦଣ୍ଡ ପାଏ ଠିକ୍ ସେହିପରି ଭଲ କାମ କଲେ ତାକୁ ସ୍ନେହ ଓ ପ୍ରଶଂସା ଅଜାଡ଼ି ଦିଅନ୍ତୁ। କେତେକ ଅଭିଭାବକ ନିଜ ପିଲାଙ୍କର କୌଣସି ପରିସ୍ଥିତିରେ ମଧ ସାମାନ୍ୟ ପଛୁଆ ବା ପରାଜୟକୁ ଗ୍ରହଣ କରିପାରନ୍ତିନି। ସବୁବେଳେ ଯେ ପିଲାଟି ସବୁକ୍ଷେତ୍ରରେ ଜିତି ପାରିବ ତାହା ତ ଠିକ୍ ନୁହେଁନା ତେଣୁ ଯଦି ଆପଣଙ୍କ ପିଲାଟି ହାରି ଯାଇଛି ତେବେ ତାକୁ ପ୍ରୋତ୍ସାହିତ କରନ୍ତୁ ଏହାକୁ ଆଉଥରେ ସାମ୍ନା କରିବାପାଇଁ। ଆପଣ ଭୁଲିଯାଆନ୍ତୁ ନାହିଁ ଯେ, ବିଜୟ ଓ ପରାଜୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଆପଣମାନେ ଭାବୁଥିବେ ପିଲାଟି ସ୍କୁଲ ଯାଉଛିମାନେ ଆଉ କିଛି ଚିନ୍ତା ନାହିଁ। ଆପଣ ଭୁଲି ଯାଆନ୍ତୁ ନାହିଁ ଯେ ପିଲାଟିର ତା ନିଜ ଘର ହେଉଛି ପ୍ରଥମ ସ୍କୁଲ। ତା ବାପା-ମାଆ ହେଉଛନ୍ତି ତାର ପ୍ରଥମ ଗୁରୁ ଓ ଭରଷାଯୋଗ୍ୟ ବନ୍ଧୁ ମଧ। ବାପାମାଆଙ୍କ ଗୁଣ, ଚରିତ୍ର, ଆତ୍ମ ବିଶ୍ୱାସ, ସ୍ୱଷ୍ଟବାଦୀତା, ଦୃଢ଼ଶକ୍ତି ଓ ସାହାସ ପିଲାମାନଙ୍କ ଠାରେ ପ୍ରତିଫଳିତ ହୁଏ ଏବଂ ଆପଣଙ୍କ ଅଜାଣତରେ ପିଲାମାନେ ଏ ଶିକ୍ଷା ପାଇଥାନ୍ତି। ତେବେ ଘରେ ଯଦି ଅଭିଭାବକମାନେ ତାକୁ ଅପମାନିତ କରନ୍ତି ସାମାନ୍ୟ ଛୋଟ ଛୋଟ କଥାକୁ ନେଇ ଗାଳି ଗୁଲଜ ବା ଘରେ ଝଗଡ଼ା ସୃଷ୍ଟି ହୁଏ କିମ୍ବା ବାପା-ମାଆଙ୍କ କୌଣସି ଖରାପ ଅଭ୍ୟାସ ଥାଏ ତେବେ ଏହା ପିଲାଟିର କୋମଳ, ନିଷ୍କପଟ ଓ ଶୁଦ୍ଧମନକୁ ଗଭୀର ଭାବେ ପ୍ରଭାବିତ କରିଥାଏ। ଆଉଗୋଟିଏ କଥା ଦୃଷ୍ଟିରେ ରଖନ୍ତୁ ପିଲାଟି ବିଦ୍ୟାଳୟରେ ବା ଟ୍ୟୁସନରେ କୌଣସି ଘଟଣାକୁ ସାମ୍ନା କରିଥିଲେ ତା ଭିତରେ ସୁଯୋଗ ସୃଷ୍ଟି କରନ୍ତୁ ସେ ଯେପରି ଆପଣଙ୍କୁ ସବୁକଥା ଖୋଲିକରି କହିବ ଏବଂ ଏହା ସହ ଆପଣଙ୍କ ଠାରୁ ସମାଧାନର କୌଣସି ବାଟ ପାଇବ। ସେହିପରି ଅଭିଭାବକମାନେ ନିଜ ପରିବାର ବା କର୍ମକ୍ଷେତ୍ରର ଟେନ୍‌ସନ୍, ଅଭାବୀପଣ, ଦୁଃଖଦ ପରିସ୍ଥିତି ଯେପରି ପିଲାମାନଙ୍କ ସମ୍ମୁଖରେ ଆଲୋଚନା ନକରନ୍ତୁ। କାରଣ ଏହା ପିଲାଟିର କୋମଳମତି ମନ ଉପରେ ବେଶ ଗୁରୁତର ଭାବେ ପ୍ରଭାବ ପକାଏ। ଆପଣଙ୍କର ଅଫିସର କୌଣସି ଚାପ ବା ବୋଝ ପିଲାଟିକୁ ଭାରାକ୍ରାନ୍ତ ନକରେ। ଆପଣଙ୍କର ପିଲାଦିନର ଘଟଣା ନିଜ ପିଲାମାନଙ୍କୁ କୁହନ୍ତୁ ଯେପରି ତା ଭିତରେ କୌଣସି ଉତ୍ସାହ ଓ ପ୍ରେରଣା ଯେପରି ସୃଷ୍ଟି କରିବ। ଆଉ ଗୋଟିଏ ବଡ଼କଥା ହେଉଛି ଯଦିବା ଆପଣ ପିଲାଦିନେ କୌଣସି ପୁରସ୍କାର, ଶ୍ରେଷ୍ଠତା ପାଇଛନ୍ତି ଏହାକୁ ନିଜ ପିଲାଙ୍କ ଠାରେ ଜୋର ଜବରଦସ୍ତ ଆଶାନୁରୂପେ ପାଇବା ପାଇଁ ତାକୁ ବାଧ କରନ୍ତୁନାହିଁ। ଆପଣ ଜଣେ ଗୋଲଡ଼ ମେଡାଲିଷ୍ଟ ହୋଇପାରିଥାନ୍ତି ହେଲେ ଏହାର ମାନେ ନୁହେଁ ଯେ ଆପଣଙ୍କ ପିଲାଟି ଗୋଲଡ୍ ମେଡ଼ାଲ ପାଇବ। ମାଆଟି ଯଦି ଭଲ ଗୀତ ଗାଉଥାଏ ତେବେ ଝିଅ ଯେ ଗୀତ ଗାଇବା ପାଇଁ ବାଧ, ବା ତା ଗୀତ ନଗାଇପାରିବା ଏକ ଦୁର୍ଭାଗ୍ୟ ଏହାକୁ ଭାବନା ଭିତରକୁ ଆଣନ୍ତୁ ନାହିଁ। ପିଲାମାନଙ୍କ ଉପରେ ଆବଶ୍ୟକତା ଠାରୁ ଅଧିକ ଭରଷା ଅନୁଚିତ। ଅନ୍ୟ ସାଙ୍ଗସାଥୀଙ୍କ ସଫଳତାର ଉଦାହରଣ ଦେଇ ନିଜ ପିଲାମାନଙ୍କୁ ସର୍ବଗୁଣ ସମ୍ପନ୍ନ କରିଦେବା ପାଇଁ ବାଧ କରାନ୍ତୁନାହିଁ। ତେବେ ସେପରି କୌଣସି ଚାପଗ୍ରସ୍ତ ଅବସ୍ଥା ପିଲାଟିର ଦେଖିଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ।

+ ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩




## ପଥି ଓ ପଥିକ...

ଶରତ କୁମାର ଦାସ

ବିଶ୍ୱାସକୁ ଧରି ଥାପିଲି ମୁଁ ପାଦ
ବାନ୍ଧିଲି ଯେବେ ମୁଁ ନୀଡ଼,
ହଜାଇ ଦେଲି ମୁଁ ନିଜକୁ ସେଦିନ
ଦେଖିଲି ଚୌହଦି ଭିଡ ।
ଭୂମିରୁ ଭୂମାକୁ ଛୁଇଁଲା ନିଃଶ୍ୱାସ
ଗଢ଼ିଲି ଉଚ୍ଚାଙ୍ଗ ଦୁର୍ଗ,
ହାତ ପାପୁଲିରେ ଜାବୁଡ଼ିଧରିଲି
ଆକାଶ, ପାତାଳ, ସ୍ୱର୍ଗ ।
ଉତ୍ତାଳ ତରଙ୍ଗେ ସମୁଦ୍ର ମନ୍ଥିଲି
ଖୋଜିଲି ଶୁକ୍ତିରୁ ମୁକ୍ତା,
ବିଷରୁ ପୀୟୁଷ ସାଉଁଟି ଆଣିଲି
ହେଲି ମୁଁ ଜଗତଜିତା ।
ଝଡ଼ର ସାଥିରେ ବସିଲି ମୁଁ ମିତ
ଅନଳେ ଖୋଜିଲି ପଥ,
ଭୂକମ୍ପନ ଶବ୍ଦ ପାରିଲାନି ରୋଧି
ତୀବ୍ର ହେଲା ମନୋରଥ ।
ସ୍ୱପ୍ନରେ ଘୁରିଲି ଜ୍ୟୋସ୍ନାରେ ଭିଜିଲି
ଫଗୁଣ ଖୋଜିଲି ନିତି,
ବର୍ଷା ବସନ୍ତର ଚିତ୍ରିତ ସମ୍ଭାର
ଗାଉଥିଲା ପ୍ରୀତିଗୀତି ।
ଜାଣି ମୁଁ ନଥିଲି ବିଧିର ବିଧାନ
ଅଳିକ କ୍ଷଣିକ ଛବି,
କେତେ ଅନ୍ଧାକାର ସକାଳର ଦୃଶ୍ୟ
ଅସ୍ତହେବା ପରେ ରବି ।
ପଛେ ରହିଲାଣି ସ୍ୱପ୍ନର ମହଲ
କମନୀୟ ଅଭିନୟ,
ସାଇଁ ସାଇଁ ଶବ୍ଦ ଶୂନ୍ୟେ ଶୁଭିଲାଣି
ମନେ ଜାଗିଲାଣି ଭୟ ।
କଳାବାଦଲରେ ପୂରିଲାଣି ପଥ
ଭାଙ୍ଗିଲାଣି ନୀଡ଼ ଧୀରେ,
ବୈଶାଖର ତାତି ଛୁଇଁଲାଣି ମାଟି
ହୃଦ ଭିଜେ ଅଶ୍ରୁ ନୀରେ ।
ଅଜଣା ମୂଳକେ ଯାତ୍ରୀ ମୁଁ ଯେ ଏବେ
ପୃଥକ ଅଜଣା ପଥେ,
ଚାଲିବାକୁ ହେବ ଏକା ଏକା ମୋତେ
ମରୁ ମରୀଚିକା ସାଥେ ।
କାହିଁ କେତେଦୂର ଲମ୍ବିଛି ଏ ପଥ
ଦିଗ ଦିଶେ ଅନ୍ଧକାର,
ସେହି ଅନ୍ଧକାର ସତ୍ୟର ସମ୍ଭାର
ସୃଜନର ରୂପକାର ।
ଦୃଶ୍ୟମାନ ହୁଏ ଅଦୃଶ୍ୟ ଜଗତ
ଚକ୍ଷୁ ପଲକେ ମୋ କେତେ,
ଶେଷହୀନ କ୍ଳାନ୍ତି ଅନ୍ୱେଷଣେ ଶାନ୍ତି
ଲଂଘେ ଗିରିଶୃଙ୍ଗ ଯେତେ ।
ପଥ ଗାଏ କେତେ ଅଜଣା ସଂଗୀତ
ବାର୍ତ୍ତାଦିଏ ପ୍ରଭାତର,
ମୋହାଚ୍ଛନ୍ନ ରାତି ଅପସରି ଯାଏ
ପଥିକ ମୁଁ ନିର୍ବିକାର ।

+ ଅଧ୍ୟାପକ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା- କେନ୍ଦୁଝର
ମୋ:୮୨୪୯୧୩୭୦୯୧

## ବଦଳି ଯାଉଛି ଯୁଗ...

ଶ୍ରୀକୃଷ୍ଣ ସାମଲ

ଆଜି ଜୀବନ ମାନେ ଯନ୍ତ୍ରଣା,
ପ୍ରେରଣା ମାନେ ପ୍ରତାରଣା,
ପ୍ରେମ ମାନେ ଛଳନା,
ପୀୟୁଷ ନୁହେଁ ପ୍ରୀତି,
ବନ୍ଧନ ମାନେ ମିଛ,
ଜାୟା ଆଜି ମାୟା,
ପତି ଆଜି ଭୀତି,
ଏମିତି ଏକ ସମାଜରେ,
ବଂଚିଛି ମଣିଷ ।
ଏଥିପାଇଁ ଦାୟୀ କିଏ ?
ଉଗ୍ର ଆଧୁନିକତା,
ଏଥିପାଇଁ ସାହା କିଏ ?
ବିଧାତା,
ବିଧାତାଙ୍କୁ ପ୍ରଶ୍ନ,
ଉଗ୍ର ଆଧୁନିକତା କ'ଣ
ଆବଶ୍ୟକତା ଥିଲା ବିଧାତା ?
ନା ଏହା ଆପେ ଆପେ ଧସେଇ ପଶି,
ପଙ୍ଗୁ କରି ସାରିଲାଣି ସମାଜକୁ,
ବିପଥଗାମୀ କରାଇସାରିଲାଣି
ଯୁବ ମାନସକୁ,
ଶିଖାଇ ସାରିଲାଣି
ସ୍ୱେଚ୍ଛାଚ୍ଚର ଓ ବ୍ୟଭଚ୍ଚର,
ସଂସ୍କୃତି, ସଦ୍‌ଭାବନା,
ସତ୍‌କାମନା, ସତ୍ ବ୍ୟବହାର,
ସଦାଚ୍ଚର ଆଜି କ୍ଷୁର୍ଣ୍ଣ ।
ଏଣୁ ଏଭଳି ଏକ ସମାଜରେ
ବଂଚିବା ଅପେକ୍ଷା,
ଆସ ନା ଉଗ୍ର ଆଧୁନିକତାକୁ,
ବଙ୍ଗୋପସାଗରରେ ଫିଙ୍ଗି ଦେଇ,
ଗଢିବା ଏକ ନୂଆ
ଯୁଗ ଓ ନୂଆ ସମାଜ ।

+ ଶ୍ରୀକୃଷ୍ଣ ନିବାସ
କରିଆ, ମୟୂରଭଞ୍ଜ
ମୋ-୯୪୩୭୩୨୦୬୭୯

# ଦେଶଦ୍ରୋହୀ ନେତା

ସୀତାରାମ ପାତ୍ର

ଭାରତରୁ ଇଂରେଜ ଶାସନରୁ ମୁକ୍ତି ପାଇ ସ୍ୱାଧୀନ ହେଲା ସତ୍ୟ, କିନ୍ତୁ ଇଂରେଜମାନଙ୍କ କୁଟବୁଦ୍ଧି କାରଣରୁ ଭାରତ ବିଭାଜିତ ହୋଇଗଲା । ଭାରତରୁ ବିଭାଜିତ ହୋଇ ସୃଷ୍ଟି ହୋଇଥିବା ପାକିସ୍ତାନ ଏବେ ଭାରତର ବଡ଼ ଶତ୍ରୁ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଯାହା ଦେଖିବାକୁ ମିଳୁଛି, ତାହା ହେଲା ପାକିସ୍ତାନ ଠାରୁ ଭାରତର ବଡ଼ ଶତ୍ରୁ ହେଉଛନ୍ତି ଭାରତର କେତେକ ନେତା । ସେମାନଙ୍କୁ ନେତା କହିବା ତ’ ଭୁଲ ହେବ ବରଂ ଦେଶଦ୍ରୋହୀ ନେତା କହିବା ଅଧିକ ସମୀଚିନ ହେବ । ଏହି ପରିପ୍ରେକ୍ଷୀରେ ଜାମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ କନ୍‌ଫେରେନ୍ସର ଅଧକ୍ଷ ଏବଂ ବର୍ତ୍ତମାନ ପାର୍ଲାମେଣ୍ଟସଦସ୍ୟ ଫାରୁକ୍ ଅବଦୁଲ୍ଲାଙ୍କ ବକ୍ତବ୍ୟକୁ ତର୍ଜମା କରାଯାଇପାରେ । ଚୀନ୍ ସହାୟତାରେ କାଶ୍ମୀରରେ ପୁଣି ୩୭୦ ଧାରା ଲାଗୁ କରାଯିବ ବୋଲି ଫାରୁକ୍‌ଙ୍କ ବୟାନ କେତେ ସମୀଚିନ ? ଦ୍ୱିତୀୟରେ, ଅଗଷ୍ଟ ୫, ୨୦୧୯ରେ ଜାମ୍ମୁ-କାଶ୍ମୀରରୁ ୩୭୦ଧାରା ଉଚ୍ଛେଦ ହେବା ପୂର୍ବରୁ ମେହେବୁବା ମୁଫତିଙ୍କୁ ନଜରବନ୍ଦୀ କରାଯାଇଥିଲା । ୧୪ମାସ ପରେ ତାଙ୍କୁ ମୁକ୍ତ କରାଯିବା ପରେ ମେହେବୁବା, ଫାରୁକ୍ ଅବଦୁଲ୍ଲା, ଉମର ଅବଦୁଲ୍ଲା, କେତେକ ବାମପନ୍ଥୀ ନେତାଙ୍କ ସମେତ ୬ଟି ଆଂଚଳିକ ଦଳ ଫାରୁକ୍‌ଙ୍କ ବାସଭବନରେ ଏକ ମିଳିତ ବୈଠକ କରି ଜାମ୍ମୁ-କାଶ୍ମୀରରେ ପୁଣି ୩୭୦ଧାରା ଲାଗୁ କରିବା ପାଇଁ ଏକ ମେ (ପିପୁଲ୍ସ ଆଲିଆନ୍ସ ଫର ଦି ଗୁପ୍‌କର ଡିକ୍ଲାରେସନ) ଗଠନ କରିଛନ୍ତି । ଏହି ମେଂଟର ଅଧକ୍ଷ ରହିଛନ୍ତ ନ୍ୟାସନାଲ କନଫେରେନ୍ସର ଅଧକ୍ଷ ଫାରୁକ୍ ଅବଦୁଲ୍ଲା । ଆହୁରି ପାଦେ ଆଗକୁଯାଇ ମେହେବୁବା ମୁଫ୍‌ତି କହିଛନ୍ତିଯେ, ଜାମ୍ମୁ-କାଶ୍ମୀରର ନଫେରିବା ପର୍ଯ୍ୟନ୍ତ ଜାତୀୟ ପତାକା ଉଡ଼ାଇ ଦିଆଯିବନାହିଁ । ୩୭୦ଧାରା ଉଚ୍ଛେଦ ପୂର୍ବରୁ (୨୦୧୯ ମସିହା ଏପ୍ରିଲ ମାସରେ) ନ୍ୟାସନାଲ କନ୍‌ଫେରେନ୍ସ ନେତା ତଥା ଜାମ୍ମୁ କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା କହିଥିଲେ, କେନ୍ଦ୍ର ସରକାର ୩୫-ଏକୁ ଉଚ୍ଛେଦ କଲେ ଜାମ୍ମୁ କାଶ୍ମୀରରେ ପୃଥକ ପ୍ରଧାନମନ୍ତ୍ରୀ ବ୍ୟବସ୍ଥା ଅଣାଯିବ ।

୧୯୪୯ ମସିହା ଅକ୍ଟୋବର ୧୭ ତାରିଖରେ ଭାରତୀୟ ସମ୍ବିଧାନରେ ୩୭୦ଧାରା ଅନ୍ତର୍ଭୁକ୍ତ କରାଯାଇଥିଲା । ପ୍ରକାଶଯୋଗ୍ୟଯେ, ଭାରତ ସ୍ୱାଧୀନ ହେବାପରେ ୫୬୧ଟି ଗଡ଼ଜାତ ରାଜ୍ୟ ଭାରତର ସଂଘୀୟ ବ୍ୟବସ୍ଥାରେ ସାମିଲ ହୋଇଥିବା ବେଳେ କାଶ୍ମୀରର ତତ୍କାଳୀନ ମହାରାଜ ହରିସିଂହ କାଶ୍ମୀରକୁ ଭାରତ ଓ ପାକିସ୍ତାନ ଠାରୁ ଅଲଗା ରଖିବା ଲକ୍ଷରେ ଥିଲେ । ତେଣୁ କାଶ୍ମୀରକୁ ସେ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ସାମିଲ କରିନଥିଲେ । କିନ୍ତୁ କାଶ୍ମୀରକୁ ଅଧିକାର କରିନେବାକୁ ପାକିସ୍ତାନ ସେନା କାଶ୍ମୀର ଉପରେ ଆକ୍ରମଣ କରି ଗୋଟିଏ ପରେ ଗୋଟିଏ ଅଂଚଳ ଦଖଲ କରିବା ସହିତ ଏହିସବୁ ଅଂଚଳରେ ହତ୍ୟା, ଲୁଟ୍, ପୋଡ଼ାଜଳା କରିଥିଲେ, ଯାହାର ପ୍ରତିରୋଧ ହରିସିଂହ କରିନପାରି ଭାରତର ସହାୟତା ଲୋଡ଼ିଥିଲେ ଏବଂ ଅନ୍ୟାନ୍ୟ ଗଡ଼ଜାତ ରାଜ୍ୟ ଭଳି କାଶ୍ମୀରକୁ ଭାରତ ସହ ମିଶ୍ରଣ କରିବାକୁ ୧୯୪୭ ଅକ୍ଟୋବର ୨୬ ତାରିଖରେ ଇନ୍‌ଷ୍ଟ୍ରୁମେ ଅଫ୍ ଆକ୍‌ସେନ’ (ଆଇଓଏ)ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତିରେ ଥିବା କିଛି ସର୍ତ୍ତ, ୩୭୦ଧାରାର ମୂଳଦୁଆ ପକାଇଥିଲା । ୧୯୪୯ ଅକ୍ଟୋବର ୧୭ରେ ଭାରତୀୟ ସମ୍ବିଧାନରେ ଅନ୍ତର୍ଭୁକ୍ତ ହୋଇଥିଲା । କିନ୍ତୁ ହରିସିଂହଙ୍କ ହୋଇଥିବା ଚୁକ୍ତିର ସର୍ତ୍ତ ଅନୁସାରେ ୩୭୦ ଧାରାରେ କାଶ୍ମୀରକୁ ଭାରତୀୟ ସମ୍ବିଧାନରୁ ପୃଥକ ରଖାଗଲା । ଭାରତର ଅବିଚ୍ଛେଦ ଅଙ୍ଗ ହୋଇମଧ୍ୟ କାଶ୍ମୀର ଭାରତୀୟ ସଂଘୀୟ ବ୍ୟବସ୍ଥାର ଅଂଶ ହୋଇନଥିଲା । କେବଳ ବିଦେଶ ବ୍ୟାପାର, ପ୍ରତିରକ୍ଷା ଓ ଦୂରସଂଚାର ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କର ଅଧୀନ ନଥିଲା କାଶ୍ମୀର । କାଶ୍ମୀରର ନିଜସ୍ୱ ସମ୍ବିଧାନ, ନିଜର ଆଇନ, ସ୍ୱତନ୍ତ୍ର ପତାକା ଓ ଦ୍ୱୈତ ନାଗରିକ ବ୍ୟବସ୍ଥା କାରଣରୁ ତାହା ଭାରତର ଅନ୍ୟରାଜ୍ୟ ଠାରୁ ସ୍ୱତନ୍ତ୍ର ଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ସବୁ ବ୍ୟବସ୍ଥା ଅସ୍ଥାୟୀ ଥିଲା । ଏଭଳି ବ୍ୟବସ୍ଥାକୁ ନେହେରୁ ସରକାରର ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ତତ୍କାଳୀନ ଆଇନମନ୍ତ୍ରୀ ତଥା ସମ୍ବିଧାନର ଜନକ ବି.ଆର ଆମ୍ବେଦକର ବିରୋଧ କରିଥିଲେ । ଏହି ବିରୋଧକୁ ଭ୍ରୂକ୍ଷେପ ନକରି ୩୭୦ ଧାରାର ଚିଠା ପ୍ରସ୍ତୁତ କରିବାକୁ କହିଥିଲେ, ଯାହାକୁ ଆମ୍ବେଦକର କରିପାରିବେ ନାହିଁବୋଲି ନେହେରୁଙ୍କୁ ରୋକ୍‌ଠୋକ୍ ଭାବେ ମନାକରିଦେଇଥିଲେ । ପରବର୍ତ୍ତି ସମୟରେ ଆମ୍ବେଦକରଙ୍କୁ ରାଜି କରାଇ ଚିଠା ପ୍ରସ୍ତୁତ କରାଯାଇଥିବା ବୋଲି କୁହାଯାଉଥିଲେ ମଧ୍ୟ ଏଥିରେ ସନ୍ଦେହ ରହିଛି । ନେହେରୁ ଓ ଶେଖ୍ ଅବଦୁଲ୍ଲା ମିଶି ଏହି ଚିଠା ପ୍ରସ୍ତୁତ କରିଥିବା ଶୁଣାଯାଏ । ସେ ଯାହା ହେଉନା କାହିଁକି, ଏଭଳି ଏକ ଧାରା ସମ୍ବିଧାନରେ ନେହେରୁ ସାମିଲ କରିବାର ବିଷଫଳ ଆଜି ମଧ୍ୟ ଦେଶ ଓ ଦେଶବାସୀଙ୍କୁ ଭୋଗ କରିବାକୁ ପଡୁଛି । ୧୯୫୪ ମେ ୧୪ ତାରିଖରେ ରାଷ୍ଟ୍ରପତି ଏକ ଆଦେଶନାମା ଜାରିକରି ଥିଲେ, ଯାହାଦ୍ୱାରା ଜାମ୍ମୁ-କାଶ୍ମୀର ଭାରତର ସୁପ୍ରିମ୍‌କୋର୍ଟ ପରିସରଭୁକ୍ତ ହୋଇଥିଲା । ଭାରତର ସମ୍ବିଧାନକୁ ଦେଶର ସବୁରାଜ୍ୟ ମାନିବାକୁ ବାଧ୍ୟ ହେଲେ କିନ୍ତୁ ୩୭୦ ଧାରା ପାଇଁ ତାହା ଜାମ୍ମୁ - କାଶ୍ମୀର ଭାରତୀୟ ଆଇନ ବ୍ୟବସ୍ଥାକୁ ମାନିବାକୁ ବାଧ୍ୟନୁହେଁ । କେବଳ ଏତିକି ନୁହେଁ ୧୯୫୪ ମେ ୧୪ ତାରିଖରେ ଧାରା ୩୫ (ଏ) ସାମିଲ କରାଯାଇ ଜାମ୍ମୁ-କାଶ୍ମୀର ଅଧିବାସୀଙ୍କୁ କେତେକ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଗଲା । ସେଗୁଡ଼ିକ ହେଲା, ଜାମ୍ମୁ-କାଶ୍ମୀରରେ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଓ ଜମି କିଣିବାର ଅଧିକାର ରହିଲା ନାହିଁ, ନିଜସ୍ୱ ଆଇନ୍, ପ୍ରଣୟନର କ୍ଷମତା ରହିଲା, ଯାହା ଫଳରେ ଏହି ରାଜ୍ୟ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇମଧ୍ୟ ଭାରତ ଠାରୁ ଭିନ୍ନବୋଲି ପ୍ରମାଣିତ ହେଉଛି ଏବଂ ଏହାର ସୁଯୋଗ ନେଇ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଓ ବିଚ୍ଛିନ୍ନତାବାଦୀମାନେ ଲୋକଙ୍କ ମନରେ ଭାରତବିରୋଧୀ ବିଷମଞ୍ଜି ବୁଣିବାରେ ସକ୍ଷମ ହେଲେ । ପରିଣାମ ସ୍ୱରୂପ କାଶ୍ମୀର ଅଶାନ୍ତ ହେବା ସହିତ ପାକିସ୍ତାନର ସହାୟତାରେ ବିଚ୍ଛିନ୍ନତାବାଦୀମାନେ କାଶ୍ମୀରରେ ସକ୍ରିୟ ହୋଇ ଉଠିଲେ । ୧୯୫୬ ନଭେମ୍ବର ୧୭ତାରିଖରେ ଏହି ଅସ୍ଥାୟୀ ବ୍ୟବସ୍ଥା (୩୭୦ଧାରା)କୁ ଉଚ୍ଛେଦ କରିବା ସମ୍ପର୍କରେ ଜାମ୍ମୁ-କାଶ୍ମୀର ବିଧାନ ସଭାରେ ନିଷ୍ପି ହୋଇପାରିନଥିଲା । ଅପରପକ୍ଷରେ, ଜାମ୍ମୁ-କାଶ୍ମୀରରେ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୩୭୦ଧାରା ଓ ଧାରା ୩୫-ଏ ଉଚ୍ଛେଦ ଦାବି କରଉଥିବା ବେଳେ ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ପୂର୍ବତନ ସିଲିସିଟର ଜେନେରାଲ ସନ୍ତୋଷ ହେଗ୍‌ଡ଼େ ୩୭୦ଧାରା ଓ ଧାରା ୩୫-ଏ ସମ୍ପର୍କରେ କହିଥିଲେ ଯେ, ଏହି ଧାରା ଲାଗୁ ହେବାର ଉଦ୍ଦେଶ୍ୟ ପୂରଣ ହୋଇସାରିଥିବାରୁ ଏହାକୁ ହଟାଇ ଦିଆଯିବା ଦରକାର । ଏହି ଦୁଇଟି ଧାରା ଦେଶ ପାଇଁ ସମସ୍ୟା ସୃଷ୍ଟି କରୁଛି । ଏହି ଧାରା ଅଧିକ ଦିନ ରହିଲେ ଅଧିକ ସମସ୍ୟା ସୃଷ୍ଟି ହେବା ସହିତ ଦେଶରେ ଅନ୍ୟରାଜ୍ୟ ତୁଳନାରେ ସ୍ୱତନ୍ତ୍ର ସୁବିଧା ପାଇବା ଦିଆଯାଇପାରିବ ନାହିଁ ।

ଉପରୋକ୍ତ ଘଟଣାମାନ ତର୍ଜମା କଲେ ସ୍ପଷ୍ଟ ପ୍ରମାଣିତ ହେଉଛିଯେ ୩୭୦ଧାରା ଏକ ଅସ୍ଥାୟୀ ବ୍ୟବସ୍ଥା ହୋଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ କିମ୍ବା ଏହାକୁ ଆଧାର କରି ରାଜନୈତିକ ଫାଇଦା ନେବା ଲକ୍ଷରେ କେତେକ ରାଜନୈତିକ ଦଳ ଓ ନେତା ୩୭୦ଧାରାକୁ ଉଠାଇ ନଥିଲେ । ତା.୦୫.୦୮.୨୦୧୯ ରିଖରେ ଜାମ୍ମୁ-କାଶ୍ମୀର ପୁର୍ନଗଠନ ବିଲ୍ ରାଜ୍ୟସଭାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆଗତ କରିଥିଲେ ଏବଂ ତାହା ଗୃହୀତ ହେବାପରେ ଲୋକସଭାରେ ତା.୦୬.୦୮.୨୦ରେ ମଧ୍ୟ ଏହିବିଲ ଗୃହୀତ ହେବା ସହିତ ତା.୦୯.୦୮.୨୦୨୦ରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ଦୀର୍ଘ ୭୨ବର୍ଷ ପରେ ଜାମ୍ମୁ-କାଶ୍ମୀରରୁ ୩୭୦ଧାରା କାଶ୍ମୀରରୁ ହଟିଥିଲା । କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ହେବା ପରେ କଂଗ୍ରେସ ସମେତ ପିଡିପି, ନ୍ୟାସନାଲ କନ୍‌ଫେରେନ୍ସ, ଜେଡିୟୁ, ଡିଏମ୍‌କେ ଓ ବାମପନ୍ଥୀ ଦଳ ୩୭୦ଧାରା ଉଚ୍ଛେଦକୁ ବିରୋଧ କରିଥିବା ବେଳେ ଏବେ ପିଡିପିର ନେତ୍ରୀ ମେହେବୁବା ମୁଫ୍‌ତି, ନ୍ୟାସନାଲ କନ୍‌ଫେରେନ୍ସର ଅଧକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ନ୍ୟାସନାଲ କନ୍‌ଫେରେନ୍ସର ନେତା ଉମର ଅବ୍‌ଦୁଲ୍ଲା (ଏହି ତିନି ଜଣ କାଶ୍ମୀରର ମୁଖ୍ୟମନ୍ତ୍ରୀ ଥିଲେ) ଏବେ ଯେଭଳି ଭାବରେ କାଶ୍ମୀର ପ୍ରସଙ୍ଗରେ ବୟାନ ଦେଉଛନ୍ତି, ତାହା ସମ୍ପୂର୍ଣ୍ଣ ଭାବରେ ଦେଶ ବିରୋଧୀ ।

ଏହି ୩ ନେତା (ମେହେବୁବା ମୁଫ୍‌ତି, ଫାରୁକ୍ ଅବ୍‌ଦୁଲ୍ଲା, ଉମର ଅବ୍‌ଦୁଲ୍ଲା)ଙ୍କ ଦେଶବିରୋଧୀ ବିବୃତି ଲୋକଙ୍କ ସ୍ୱାର୍ଥରେ ନୁହେଁ ବରଂ ନିଜର ସ୍ୱାର୍ଥରେ ବାଧା କାରଣରୁ । ଏହି ୩ଜଣ ରାଜନୀତି ନାମରେ କାଶ୍ମୀରରେ ନିଜର କ୍ଷମତା ବଳରେ ସବୁକିଛି ସୁବିଧା ହାସଲ କରିପାରୁଥିଲେ, ୩୭୦ ଧାରା ଉଚ୍ଛେଦପରେ ସେହି କ୍ଷମତା ଓ ସ୍ୱାର୍ଥରେ ପାଣି ଢାଳି ହୋଇଯାଇଥିବାରୁ ଏମାନେ ନିଜ ସ୍ୱାର୍ଥକୁ ପୁନର୍ବାର ଫେରାଇ ଆଣିବା ପାଇଁ ଏମାନେ ବିକଳ । ସେଥିପାଇଁ ଦେଶର ସ୍ୱାର୍ଥ ତ ଦୂରରକଥା ଦେଶ ପୁଣିଥରେ ପରାଧୀନ ହୋଇଗଲେ ବି ସେମାନଙ୍କ ପାଇଁ କିଛି ଫରକ ପଡ଼ିବ ନାହିଁ । ଫାରୁକ୍‌ଙ୍କ ବୟାନ, ‘ଚୀନ୍‌ର ସହାୟତାରେ ପୁଣି ୩୭୦ ଧାରା ଲାଗୁ କରାଯିବ’ ଏହାକୁ ପ୍ରମାଣ କରିବା ସହିତ ତାଙ୍କର ଜାତୀୟତା ବୋଧ କେତେ ତାହାମଧ୍ୟ ପ୍ରମାଣ କରୁଛି । ପ୍ରକାଶଯୋଗ୍ୟଯେ, ଭାରତର ଭୂଖଣ୍ଡକୁ ଅଧିକାର କରିବା ଲକ୍ଷରେ ଦୀର୍ଘ ୭ମାସ ହେଲା ଚୀନ୍ ଭାରତ ସୀମାରେ ଉତ୍ତେଜନା ବଢ଼ାଇବା କରିବା ସହିତ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିଛି । ସମ୍ଭାବ୍ୟ ଯୁଦ୍ଧ ପାଇଁ ସୀମାରେ ସୈନ୍ୟବାହିନୀ ଜାଗ୍ରତ ଥିବା ବେଳେ ସାଧାରଣ ଲୋକମାନେ ଚୀନ ସାମଗ୍ରୀ ପ୍ରତି ବିମୁଖ ହେଲେଣି । ଏପରିସ୍ଥଳେ ଜାମୁ-କାଶ୍ମୀରର ୩ପୂର୍ବତନ ମୁଖ୍ୟମନ୍ତ୍ରୀ କାଶ୍ମୀରକୁ ଜାତୀୟ ସ୍ରୋତରୁ ବିଚ୍ଛିନ୍ନ କରି ପୁନଶ୍ଚ ବିଚ୍ଛିନ୍ନତାବାଦୀ, ଆତଙ୍କବାଦୀ ଓ ଭାରତର ସବୁଠାରୁ ବଡ଼ ଶତ୍ରୁ ଚୀନ୍, ଯିଏ ଭାରତର ବିରାଟ ଭୂଖଣ୍ଡକୁ ଅଧିକାର କରିରଖିଛି । କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ପାକିସ୍ତାନର ରାଜଧାନୀରେ ଭାରତ ସପକ୍ଷବାଦୀମାନେ ବ୍ୟାନର ଓ ପତାକା ଉଡ଼ାଇଥିବା ବେଳେ ଇସଲାମାବାଦର କଡ଼ାସୁରକ୍ଷା ବଳୟରେ ଥିବା ରେଡଜୋନ୍‌ରେ ଅଖଣ୍ଡ ଭାରତ ମାନଚିତ୍ର ସମ୍ବଳିତ ପତାକା ଉଡ଼ାଯାଇଥିଲା ଏବଂ ଲାଗିଥିବା ବ୍ୟାନଟି ଦୀର୍ଘ ସମୟଧରି ଇସ୍‌ଲାମାବାଦ ସେକ୍ଟର-୬, ପ୍ରେସକ୍ଲବ ନିକଟରେ ଲାଗିଥିଲା । ଅଥଚ, ଭାରତର ଏହି ନେତାମାନେ ୩୭୦ ଧାରାକୁ ବିରୋଧ କରିବା ସହିତ ଆବଶ୍ୟକ ହେଲେ ବିଦେଶୀ ହାତକୁ କାଶ୍ମରୀକୁ ଟେକି ଦେବାକୁ କୁଣ୍ଠାବୋଧ କରୁନାହାନ୍ତି ନିଜର ସ୍ୱାର୍ଥ ପାଇଁ । ଏହି ନେତାମାନଙ୍କୁ ଦେଶଦ୍ରୋହୀ କୁହାଯିବନାହିଁତ କଣ କୁହାଯିବ ? ଏହି ଦେଶଦ୍ରୋହୀମାନଙ୍କୁ ଗିରଫ କରି ଶିଘ୍ର ଫାଶି ଖୁଣ୍ଟରେ ଝୁଲାଇବାର ବ୍ୟବସ୍ଥା କେନ୍ଦ୍ରସରକାର କରିବା ଜରୁରୀ ହୋଇପଡ଼ିଛି, ନଚେତ୍ ଏହି ନେତାମାନେ ପୁନଶ୍ଚ ପରିସ୍ଥିତିକୁ ଅଶାନ୍ତ କରିଦେବାର ସମ୍ଭାବନା ଅଧିକ ରହିଛି ।

ସୋର, ବାଲେଶ୍ୱର
ମୋ:୯୪୩୭୩୪୦୮୫୦

## କୁକୁର ପୋଷିଲେ ହୃଦଘାତ ଆଶଙ୍କା କମ



କୁକୁର ପ୍ରେମୀମାନଙ୍କ ପାଇଁ ଖୁସି ଖବର ! ଘରେ କୁକୁର ପୋଷୁଥିବା ଲୋକମାନଙ୍କ ନିକଟରେ ହୃଦଘାତ ହେବାର ଆଶଙ୍କା କମ ରହିଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । କୁକୁର ପୋଷିବା ଦ୍ୱାରା ହୃଦଘାତ ଜନିତ ମୃତ୍ୟୁ ଆଶଙ୍କା ୨୨ ପ୍ରତିଶତ କମିଯାଇଥାଏ ବୋଲି ‘ଆମେରିକା ହାର୍ଟ ଆସୋସିଏସ’ ପକ୍ଷରୁ କରାଯାଇଥିବା ଏହି ଅଧ୍ୟୟନରେ ଦାବି କରାଯାଇଛି । କେବଳ ହୃଦ୍‌ଘାତ ନୁହେଁ କୁକୁର ପୋଷୁଥିବା ଲୋକମାନଙ୍କ ନିକଟରେ ହୃଦୟ ସମ୍ବଧିତ ଅନ୍ୟାନ୍ୟ ରୋଗ ହେବାର ଆଶଙ୍କା ମଧ କମ ରହିଥାଏ । ପୂର୍ବରୁ କରାଯାଇଥିବା ବିଭିନ୍ନ ଅଧ୍ୟୟନଗୁଡ଼ିକରେ ଏହା ଜଣା ପଡ଼ିଥିଲା ଯେ, କୁକୁର ପୋଷୁଥିବା ଲୋକମାନେ କମ ଉଚ୍ଚ ରକ୍ତଚାପର ଶିକାର ହୋଇଥାନ୍ତି । ସଦ୍ୟ କରାଯାଇଥିବା ଅଧ୍ୟୟନରୁ ମିଳିଥିବା ତଥ୍ୟାନୁଯାୟୀ, କୁକୁର ପୋଷିବା ଦ୍ୱାରା ଘରେ ସକାରାତ୍ମକ ପରିବେଶ ପରିବେଶ ସୃଷ୍ଟି ହୋଇଥାଏ । ଯାହା ମଣିଷର ମାନସିକ ସ୍ଥିତିକୁ ସ୍ଥିର ରଖିବାରେ ସହାୟକ ହୋଇଥାଏ ଫଳରେ ହୃଦୟ ସୁସ୍ଥ ରୁହେ । ଏହା ବ୍ୟତୀତ କୁକୁର ପୋଷୁଥିବା ଲୋକମାନେ କୁକୁରକୁ ବୁଲାଇବା ବାହାନାରେ ନିଜ ବ୍ୟସ୍ତ ଜୀବନରୁ ସମୟ କାଢ଼ିବାକୁ ବାଧ ହୁଅନ୍ତି । ଏହା ଏକ ପ୍ରକାର ଶାରୀରିକ ପରିଶ୍ରମ ହୋଇଥିବାରୁ କୁକୁରକୁ ପ୍ରତ୍ୟେକ ଦିନ ବୁଲାଇବା ବ୍ୟାୟାମ ଭଳି କାର୍ଯ୍ୟ କରିଥାଏ । ଏଣୁ ଅନ୍ୟମାନଙ୍କ ତୁଳନାରେ କୁକୁର ପୋଷୁଥିବା ଲୋକଙ୍କ ଶରୀରରେ କୋଲେଷ୍ଟ୍ରଲର ମାତ୍ରା କମ ରହିଥାଏ । ପ୍ରତ୍ୟେକ ଦିନ ପୋଷ୍ୟ ଜୀବଜନ୍ତୁଙ୍କ ସଂସ୍ପର୍ଶରେ ରହିବା ଦ୍ୱାରା ଶରୀରରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି ହୋଇଥାଏ ବୋଲି ମଧ ବିଜ୍ଞାନରେ ଦାବି କରାଯାଇଛି ।



## ରୋଷେଇ ଘର ଟିପ୍ସ

♦ ଦୋସା କିମ୍ବା ଇଡଲି ପାଇଁ ପ୍ରସ୍ତୁତ କରୁଥିବା ଘୋଳ ଖଟା ହୋଇଗଲେ, ସେଥିରେ ନଡ଼ିଆ ପାଣି ମିଶାଇଦିଅନ୍ତୁ । ଖଟାପଣ ଦୂର ହୋଇଯିବ ।

♦ ପିଆଜ ଫ୍ରାଏ କରୁଥିବା ସମୟରେ ସେଥିରେ ଅଳ୍ପ ଚିନି ମିଶାଇଲେ ତାହା ଶୀଘ୍ର ବାଦାମୀ ରଙ୍ଗ ହୋଇଥାଏ ।

♦ ରାଜମା ସିଝାଉଥିବା ସମୟରେ ସେଥିରେ ଲୁଣ ମିଶାନ୍ତୁ ନାହିଁ । ଦେଖିବେ ରାଜମା ଶୀଘ୍ର ସିଝିଯିବ ।

♦ ଭାତ ପେଜକୁ ନ ଫିଙ୍ଗି ଅଳ୍ପ ଲୁଣ ସେଇ ମିଶ୍ରଣରେ ମିଶାଇ ରଖନ୍ତୁ । ତହିଁ ଆରଦିନ କେଶ ଧୋଇବା ସମୟରେ ଏହାର ପ୍ରୟୋଗ କରି ଥଣ୍ଡା ପାଣିରେ ଧୋଇନେବେ । କେଶ ଝଡ଼ାରୁ ଶୀଘ୍ର ମୁକ୍ତି ପାଇବେ ।



♦ ନୁଡଲ୍ସକୁ ସିଝାଇବା ପରେ ସେଥିରେ ଅଳ୍ପ ଥଣ୍ଡା ପାଣି ମିଶାଇ ପୁଣି ଛାଣିନେଲେ ତାହା ପରସ୍ପର ସହ ଲାଗିନଥାଏ ।

♦ ଶୁଖିଲା ଲଙ୍କା ଡବାରେ ଅଳ୍ପ ହେଙ୍ଗୁ ମିଶାଇ ରଖନ୍ତୁ । ଦେଖିବେ, ଲଙ୍କାକୁ ଆପଣ ଅଧିକ ଦିନ ବ୍ୟବହାର କରିପାରିବେ ।

♦ ପିଆଜ କାଟିବାର କିଛି ସମୟ ପୂର୍ବରୁ ଫ୍ରିଜ୍‌ରେ ରଖି କାଟିବା ଆରମ୍ଭ କରନ୍ତୁ । ଏପରି କଲେ ଆଖିରୁ ପାଣି ବାହାରିନଥାଏ ।

♦ କଟା ହୋଇଥିବା ସେଓ କଳା ପଡ଼ିବା ପୂର୍ବରୁ ସେଥିରେ ଲେମ୍ବୁରସ କିମ୍ବା ଲୁଣ ଲଗାଇ ଦିଅନ୍ତୁ । ସେଓ କଳା ହେବ ନାହିଁ ।




## ବିଟ୍‌ର ଇତିହାସ

ବଜାରରେ ମିଳୁଥିବା ବିଟ୍‌ର ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ପ୍ରଥମେ ଏହା କେବଳ ୟୁରୋପରେ ଲୋକପ୍ରିୟ ଥିଲା । ଏବେ କିନ୍ତୁ ସମଗ୍ର ବିଶ୍ୱରେ ଏହାର ଢ଼େର ଚାହିଦା । ଅବଶ୍ୟ ଭାରତରେ ବିଟ୍‌କୁ ଖାଦ୍ୟଭାବେ ବହୁ ବିଳମ୍ବରେ ଗ୍ରହଣ କରାଗଲା । କିମ୍ବଦନ୍ତୀ ଅନୁସାରେ ଦକ୍ଷିଣ ଭାରତରେ ସର୍ବପ୍ରଥମେ ବିଟ୍‌କୁ ବ୍ୟବହାର କରାଯାଇଥିଲା । ମହାନ୍ତ ଦାର୍ଶନିକ ଭାସ୍କୋଡାଗାମା ଏହାକୁ ସାଥିରେ ଆଣିଥିଲେ । ବିଶେଷ ଭାବେ ଶରୀରରେ ଏହା ରକ୍ତ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ବିଟ୍‌ରୁଟ୍‌ରେ ଆଦୌ ଫ୍ୟାଟ୍ ନଥିବାରୁ ଏହା ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ ଭାବେ ବିବେଚନା କରାଯାଏ । ଏଥିରେ କମ୍ ମାତ୍ରାରେ କ୍ୟାଲେରୀ ଓ ଅଧିକ ମାତ୍ରାରେ ଫାଇବର ଥାଏ । ଏଥିରେ ଥିବା ଭିଟାମିନ୍ ଓ ବିଟାକେରାଟିନ୍ ତଥା ପ୍ରାକୃତିକ ଆଣ୍ଟି ଅକ୍ସିଡାଣ୍ଟ ଭଳି କାର୍ଯ୍ୟ କରିଥାଏ । ନିୟମିତ ବିଟ୍‌ରୁଟ୍ ଜୁସ୍ ପିଇଲେ ହିମୋଗ୍ଲୋବିନ୍ ମାତ୍ରା ବଢ଼େ । ଶୀତଦିନ ପାଇଁ ବିଟ୍ ଖୁବ୍ ଭଲ । ଏହା ଶରୀରକୁ ଶକ୍ତି ଯୋଗାଏ । ଫଳରେ ଜଣେ ବ୍ୟକ୍ତି ସହଜରେ ଥକି ପଡ଼େ ନାହିଁ ।



## ବିଶ୍ୱର ପ୍ରଥମ ଭୂତଳ ହୋଟେଲ୍

ଚୀନ୍‌ର ଟେକ୍ନୋଲଜି ଦୁନିଆ ସବୁଠୁ ଅଲଗା । ପରିବର୍ତ୍ତିତ ସମୟ ସହ ତାଳ ଦେଇ କିଛି ନା କିଛି ନୂଆ ଉଦ୍ଭାବନରେ ସବୁବେଳେ ଆଗରେ ଥାଏ ଚୀନ୍ । ଭୂମିଠୁ ନେଇ ଆକାଶ, ସବୁକ୍ଷେତ୍ରରେ ନିଜର ଅଦ୍ଭୁତ କାର୍‌ନାମା କରିବା ପରେ ଏବେ ଆଉ ଏକ ଉଦାହାରଣ ସୃଷ୍ଟ କରିଛି ଚୀନ୍ । ଯାହାକୁ ଦେଖିବା ପରେ ବିଶ୍ୱାବାସୀ ହତଚକିତ । ଚୀନ୍ ଏଭଳି ଏକ ହୋଟେଲ୍ ନିର୍ମାଣ କରିଛି, ଯାହା ପାଣି ଭିତରେ ଅବସ୍ଥିତ । ୧୭ ମହଲାର ହୋଟେଲ ଶାଙ୍ଘାଇ ସିଟିର କେନ୍ଦ୍ରରେ ପ୍ରାୟ ଏକ ଘଣ୍ଟାର ରାସ୍ତାରେ



ଏହା ଅବସ୍ଥିତ । ଏ ହୋଟେଲରେ ରାତିକ ରହଣି ପାଇଁ ୪୯୦ ଡଲାର୍ ବା ଭାରତୀୟ ମୁଦ୍ରାରେ ୩୪,୫୭୬ ଟଙ୍କା ଦେବାକୁ ପଡ଼ିବ । ଏହି ବିଳାସପୂର୍ଣ୍ଣ ହୋଟେଲଟି ଏକ ଚଟ୍ଟାଣ ଉପରେ ନିର୍ମିତ । ଯାହା ପୂର୍ବରୁ କୋଇଲା ଖାଦାନ ଥିଲା । ଝରଣାର ଜଳରାଶି ଚଟ୍ଟାଣ ଉପରେ ଦେଇ ଏତେ ସୁନ୍ଦର ଭାବେ ପ୍ରବାହିତ ହେଉଛି, ଯାହା ହୋଟେଲ୍‌ର ଆହୁରି ଆର୍କଷଣୀୟ କରିଦେଉଛି । ଚଟ୍ଟାଣକୁ କାଟି ତା ଉପରେ ହୋଟେଲ ତିଆରି କରିବା ଥିଲା ଇଞ୍ଜିନିୟର୍‌ଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ୍ । ଏଥିପାଇଁ ୨୮୮ ମିଲିୟନ୍ ଡଲାର୍ ଖର୍ଚ୍ଚ ହୋଇଛି ।

## ପ୍ରଦୂଷଣରୁ ବର୍ତ୍ତିବାର ଉପାୟ

ପ୍ରଦୂଷଣ ଚତୁର୍ଦ୍ଦିଗରୁ ଆମମାନଙ୍କୁ କବଳିତ କରିଛି । ସେଥିରୁ ରକ୍ଷା ପାଇବାକୁ ହେଲେ ନିଜ ତରଫରୁ ହିଁ ପଦକ୍ଷେପ ନେବାକୁ ପଡ଼ିବ ।

- ଗାଡ଼ି ମଟରର ଯଥାସମ୍ଭବ କମ୍ ବ୍ୟବହାର କରନ୍ତୁ । କିଛି କିଣାକିଣି କରିବାର ଥିଲେ କିମ୍ବା କାହାକୁ ଦେଖା କରିବାକୁ ଯାଉଥିଲେ ଆପଣ ଚାଲିକରି ମଧ ଯାଇପାରିବେ । ଏହା ଆମ ସ୍ୱାସ୍ଥ୍ୟ ପାଇଁ ମଧ ଭଲ ।
- ଘରୁ ବାହାରିଲେ ମାସ୍କ ଲଗାଇ ଯାଆନ୍ତୁ । ଘର ଭିତର ଯଥାସମ୍ଭବ ପରିଷ୍କାର ରଖିବା ଆବଶ୍ୟକ ।
- ନିଶ୍ୱାସ ନେବାବେଳେ କଷ୍ଟ ହେଉଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।
- ସକାଳ ବେଳା ବାଲକୋନି କିମ୍ବା ଛାତ ଉପରେ କିଛି ସମୟ ବୁଲାବୁଲି କରନ୍ତୁ ।
- ଆପଣ ଏକ ଏୟାର-ପ୍ୟୁରିଫାୟାର ଲଗାଇପାରନ୍ତି, କିନ୍ତୁ ମନେରଖନ୍ତୁ ତାହା ମଧ ଏକ ଯନ୍ତ୍ର । ସମୟକ୍ରମେ ତାହାର କୁପ୍ରଭାବ ମଧ ପଡ଼ିବ ।
- ନିଜ ଭୋଜନରେ ନିୟମିତ ଓମେଗା ଥ୍ରୀ ଫ୍ୟାଟି ଏସିଡ୍, ରସୁଣ ଓ ମହୁକୁ ମିଶାନ୍ତୁ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।



# ରାଜ୍ୟରେ କୋଭିଡ୍-୧୯ ମହାମାରୀ ସ୍ଥିତିରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ କ୍ରିୟାଶୀଳ ଏବଂ ପ୍ରଶଂସନୀୟ : ମନ୍ତ୍ରୀ ରଘୁନନ୍ଦନ ଦାସ

ଭୁବନେଶ୍ୱର,୧୭।୧୧ (ନି.ପ୍ର): କୋଭିଡ୍-୧୯ ମହାମାରୀ ସମୟରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ସୁଦୂରପ୍ରସାରୀ ଏବଂ ପ୍ରଭାବଶାଳୀ ରହିଥିଲା । 'କୋଭିଡ୍-୧୯ ମହାମାରୀ ସ୍ଥିତିରେ ଗଣମାଧ୍ୟମର ଭୂମିକା ଏବଂ ମହାମାରୀର ଗଣମାଧ୍ୟମ ଉପରେ ପ୍ରଭାବ' ବିଷୟବସ୍ତୁ ଉପରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ୱେବିନାରରେ ଗଣମାଧ୍ୟମର ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ବୁଦ୍ଧିଜୀବୀ ଅଂଶଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଳସଂପଦ ତଥା ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଲେ ଯେ ଗଣମାଧ୍ୟମ ହେଉଛି ସାଧାରଣ ଜନତାର ସ୍ୱର । ପ୍ରେସ୍ ଲୋକତନ୍ତ୍ରର ମୂଳଦୁଆ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ବିବେଚିତ ପ୍ରେସ୍ ଆମର ଗଣତାନ୍ତ୍ରିକ ମୂଳଦୁଆକୁ ମଜବୁତ୍ କରିଛି । ଓଡ଼ିଶାରେ କରୋନା ମୁକାବିଲା ଦିଗରେ ଲକ୍‌ଡାଉନ୍, ସଟ୍‌ଡାଉନ୍‌ଠାରୁ ଆରମ୍ଭ କରି ଅନ୍‌ଲକ୍ ୧ରୁ ଏବେ ଚାଲିଥିବା ଅନ୍‌ଲକ୍ ୬ ପର୍ଯ୍ୟନ୍ତ ଗଣମାଧ୍ୟମ କୋଭିଡ୍ ସଂକ୍ରମଣକୁ ରୋକିବା ଦିଗରେ ଏବଂ ଜନସାଧାରଣଙ୍କ ଜୀବନ ଓ ଜୀବିକାକୁ ଦୃଷ୍ଟିରେ ରଖି ଯେଉଁପରି ସକ୍ରିୟ ସାହସିକତାର ସହ ସମ୍ବାଦ ପରିବେଷଣ କରି ଆସିଛି ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ କୋଭିଡ୍ ସଂଗ୍ରାମରେ ପ୍ରାଣବଳୀ ଦେଇଥିବା ଦେଶ ତଥା ରାଜ୍ୟର କର୍ତବ୍ୟରତ ସାମ୍ବାଦିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ କ ପ୍ରାସିନ୍ଧୁ ମିଶ୍ର କହିଲେ ଯେ କ ରୋନା ମହାମାରୀ ସମୟରେ ଗଣମାଧ୍ୟମର ବନ୍ଧୁମାନେ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ସେତୁ ଭାବେ କାର୍ଯ୍ୟକରି ସମ୍ବାଦ ପରିବେଷଣ କରିଛନ୍ତି । ସେମାନେ ସବୁ ସମ୍ମାନର ଉର୍ଦ୍ଧ୍ୱେ । ଆଗାମୀ ଦିନରେ ସମ୍ବାଦପତ୍ର ତଥା ଗଣମାଧ୍ୟମ ସଂସ୍ଥା ବର୍ତ୍ତମାନର ସ୍ଥିତିରୁ ଉଧୁରି ନିଜ ନିଜର ବୃତିଗତ କାର୍ଯ୍ୟକୁ ସଠିକ୍ ଭାବେ ପରିଚାଳନା କରିପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସଂପାଦକ ଡକଫର ଲେନିନ୍ ମହାନ୍ତି କହିଥିଲେ ଯେ କୋଭିଡ୍ ସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିମାନେ ବହୁ ଆହ୍ୱାନର ସମ୍ମୁଖୀନ ହୋଇ ସମ୍ବାଦ ସଂଗ୍ରହ କରି ଜନସାଧାରଣଙ୍କ ପାଖରେ ସୂଚନା ପହ °ଚାଇବାରେ ସକ୍ଷମ ହୋଇଥିଲେ । ଏ ଦିଗରେ ରାଜ୍ୟର ସୂଚନା ଓ ଲୋକସଂପର୍କ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଅଧିକାରୀମାନେ ଯେଉଁ ଭଳି ଭାବେ ନୂଆ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ପ୍ରତ୍ୟେହ ସମ୍ବାଦ ଓ ସୂଚନା ପ୍ରଦାନ କରୁଥିଲେ ତାହା ଅତ୍ୟନ୍ତ ପ୍ରଶଂସନୀୟ ।

# ଭଦ୍ରକ ଡାଇବେଟ୍‌ସ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ




ଭଦ୍ରକ,୧୭।୧୧ (ହି.ସ): କୋବିଡ ଗାଇଡ୍ ଲାଇନ୍ ମଧ୍ୟରେ 'ଭଦ୍ରକ ଡାଇବେଟିସ ଫାଉଣ୍ଡେସନ' ପକ୍ଷରୁ ଭଦ୍ରକରେ ବିଶ୍ୱ ମଧୁମେହ ଦିବସ ପାଳନ କରାଯାଇଛି । ଏଥି ନିମନ୍ତେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଭଦ୍ରକ ଅତିରିକ୍ତ ଏସ୍‌ପି ବିକାଶ ଦାଶ ପତାକା ହଲାଇ ଏହାର ଶୁଭାରମ୍ଭ କରିଥିଲେ । ସକାଳ ୭ଟା ସମୟରେ ସ୍ଥାନୀୟ ପ୍ରଜାପତି କଲ୍ୟାଣ ମଣ୍ଡପ ଠାରୁ ବାହାରିଥିବା ଏହି ପଦଯାତ୍ରାରେ କିଛି ବୁଦ୍ଧିଜୀବୀ ଏବଂ ଔଷଧ ବିତରକ କମ୍ପାନୀର ପ୍ରତିନିଧିମାନେ ବିଭିନ୍ନ ପ୍ରକାର ପ୍ଲାକାର୍ଡ ଓ ବ୍ୟାନର ମାଧ୍ୟମରେ ସହରର ଲୋକମାନଙ୍କୁ ସଚେତନତାର ବାର୍ତ୍ତା ଜଣାଇଥିଲେ । ଏହି ପଦଯାତ୍ରାରେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ଡାକ୍ତର ରଞ୍ଜିତ ଖଟୁଆ, ଫାଉଣ୍ଡେସନର ସମ୍ପାଦିକା ବସୁମିତ୍ରା ସମାହ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ଚାଚା ନେହେରୁ ଓ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଦିବା ୧୧ ଘଟିକାରେ ଫାଉଣ୍ଡେସନ କାର୍ଯ୍ୟାଳୟ ନିକଟ ଆରଡି ଛକ ଠାରେ ଏକ ଜନ ସଚେତନତା ତଥା ଡାଇବେଟିସ ଚିହ୍ନଟ ଶିବିରକୁ ଭଦ୍ରକର ପୂର୍ବତନ ଉପଜିଲ୍ଲାପାଳ ଅନିରୁଦ୍ଧ ଦାସ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଡାକ୍ତର ରଞ୍ଜିତ କୁମାର ଖଟୁଆ ପରିଚାଳନା କରିଥିଲେ । ଅନୁଷ୍ଠାନର ସଂପାଦିକା ବସୁମିତ୍ରା ସାହୁ ସଂପାଦକୀୟ ବିବରଣୀ ପାଠ କରିଥଲେ । ଏହି ଅବସରରେ ୧୦୦ ଜଣଙ୍କ ରକ୍ତ ପରୀକ୍ଷା, ଇସିଜି, ଥାଇରଏଡ, ଭିପିଟି ଭଳି ଆଧୁନିକ ପ୍ରଣାଳୀର ପରୀକ୍ଷା କରାଇ ଉପଯୁକ୍ତ ପରାମର୍ଶ ପ୍ରଦାନ କରାଯାଇଥିଲା । ଏହି ଶିବିରକୁ ଫାଉଣ୍ଡେସନର ଉପଦେଷ୍ଟା ଡ. ରଞ୍ଜିତ ଖଟୁଆ, ସ୍ୱେଚ୍ଛାସେବୀ ତଥା ବହୁ ଔଷଧ ବିତରକ କମ୍ପାନୀର କର୍ମକର୍ତ୍ତା ସହଯୋଗ ଓ ପରିଚାଳନା କରିଥିଲେ ।

# ରାୟଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ୱେବିନାର ମାଧ୍ୟମରେ ଜାତୀୟ ପ୍ରେସ୍ ଦିବସ ପାଳିତ

ରାୟଗଡ,୧୭।୧୧ (ନି.ପ୍ର): କୋଭିଡ-୧୯ ଗାଇଡଲାଇନ ନିର୍ଦ୍ଦେଶାବଳୀ ଅନୁସାରେ ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ୱେବିନାର ମାଧ୍ୟମରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଏହି ୱେବିନାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତଚନ୍ଦ୍ର ପଣ୍ଡା ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ଡଃ.ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ମାନୀତ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବାଦଲ କୁମାର ତା' ଓ ରାୟଗଡ ମହାବିଦ୍ୟାଳୟର ଅଧ୍ୟାପିକା ଡଃ.ମାନସୀ ମହାନ୍ତି ଯୋଗଦାନ କରି ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଓ କାର୍ଯ୍ୟାବଳୀ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ବେହେରା ମହାମାରୀ କରୋନା ସମୟରେ ରାୟଗଡ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକମାନେ ପ୍ରତିକୂଳ ପରିବେଶରେ ମଧ ଜିଲ୍ଲାବାସୀ ଏବଂ ଜିଲ୍ଲା ପ୍ରଶାସନକୁ ଖବର ପରିବେଶଣ କରିଥିବାରୁ ସମସ୍ତଙ୍କୁ ସେ ସାଧୁବାଦ ଜଣାଇଥିଲେ । ଚଳିତ ବର୍ଷ ଜାତୀୟ ପ୍ରେସ ଦିବସରେ 'ମହାମାରୀ କରୋନା ସମୟରେ ଗଣମାଧ୍ୟମର ଭୂମିକା ଓ ଗଣମାଧ୍ୟମ ଉପରେ ପ୍ରଭାବ' ବିଷୟବସ୍ତୁକୁ ନେଇ ଆଲୋଚନା କରାଯାଇଥିଲା । ଏହି ୱେବିନାର କାର୍ଯ୍ୟକ୍ରମରେ ଜିଲ୍ଲା ସଦର ମହକୁମା ଓ ବିଭିନ୍ନ ବ୍ଲକର ସାମ୍ବାଦିକମାନେ ଅଂଶଗ୍ରହଣ କରି ନିଜର ମତାମତ ଉପସ୍ଥାପନା କରିଥିଲେ ।

## ବାଲି ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର କୋର୍ଟଚାଲାଣ

କୋରେଇ,୧୭।୧୧ (ନି.ପ୍ର): ରାତ୍ରୀକାଳୀନ ପୋଟ୍ରୋଲିଙ୍ଗ ସମୟରେ ପାଣିକୋଇଲି ପୁଲିସ ମାଧପୁର ନିକଟରୁ ଏକା ବାଲି ବୋଝେଇ ଟ୍ରକକୁ ଯାଂଚ୍ ସମୟରେ ଏହା ଚୋରା ବାଲି ବୋଲି ଜଣାପଡିଥିଲା । ବାଲିର କୌଣସି କାଗଜପତ୍ର ନଥିବାରୁ ପୁଲିସ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତ ରଣପାଳ ଗ୍ରାମର ଧ୍ରୁବ ବେହେରାଙ୍କ ପୁଅ ନାରାୟଣକୁ ଗିରଫ କରିଥିଲା । ଏନେଇ ଏକ ମାମଲା ରୁଜୁ ହେବା ସହ ଡ୍ରାଇଭରକୁ କୋର୍ଟଚାଲାଣ କରାଯାଇଛି ।

# ମାନସିକ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ ଦାବୀ

ନୂଆପଡା,୧୭।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତ ଅନ୍ତର୍ଗତ ବଙ୍କାପୁର ଗ୍ରାମର ପହରୀ ତାଣ୍ଡି, ବୟସ ୩୯ ବର୍ଷ । ବାପା ଦେବ ତାଣ୍ଡି ଏବଂ ମାଁ ବନିତା ତାଣ୍ଡି । ସ୍ତ୍ରୀ ସୁନିତା ଓ ପୁଅ କୁମରମଣୀକୁ ନେଇ ହସଖୁସିରେ ସଂସାର ଚଳୁଥିବା ବେଳେ ହଠାତ ତାଙ୍କ ପରିବାର ଉପରେ ବିପଦ ମାଡି ଆସିଲା । ୧୫ ବର୍ଷ ପୂର୍ବେ ଠିକ ପୁଅ ଜନ୍ମ ପରେ ପରେ ପ୍ରହରୀଙ୍କ ମାନସିକ ଅବସ୍ଥା ଖରାପ ହୋଇପଡିଲା । ପରିବାର ଲୋକେ ଖଡିଆଳ ଡାକ୍ତରଖାନା ସହ ମିଶନ ଡାକ୍ତରଖାନା, ବିଷମ କଟକ ଆଦି ଡାକ୍ତରଖାନାରେ ଚିକିତ୍ସା କରାଇଲେ । କିନ୍ତୁ ତାଙ୍କର ଅବସ୍ଥାରେ କୌଣସି ପରିବର୍ତନ ଆସିଲା ନାହିଁ । ପରିବାରର ଏକମାତ୍ର ସମ୍ବଳ ୨ ଏକର ଜମିକୁ ବିକ୍ରୟ କରିବାକୁ ପଡିଲା । ବର୍ତମାନ ପରିବାରର ଅବସ୍ଥା ନକହିଲେ ସରେ । ପୁଅ କୁମରମଣୀ ଏବେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସ୍ୱାମୀ, ପୁଅ, ଶାଶୁ, ଶ୍ୱଶୁରଙ୍କ ଦାୟୀତ୍ୱ ସ୍ତ୍ରୀ ସୁନିତା ଉପରେ । ପୂର୍ବରୁ ରାସନ କାର୍ଡରେ ୫ କିଗ୍ରା ଚାଉଳ ମିଳୁଥିବା ବେଳେ ଆଧାର ସଂଯୋଗ ହୋଇ ନପରିବାରୁ ତାହା ମଧ୍ୟ କାଟି ଦିଆଗଲା । ମାନସିକ ଦିବ୍ୟାଙ୍ଗତା ପ୍ରମାଣପତ୍ର ନଥିବାରୁ ମାସିକ ଭତା ମଧ୍ୟ ମିଳି ପାରୁନାହିଁ । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ମାନସିକ ଭିନ୍ନକ୍ଷମ ପ୍ରହରୀଙ୍କୁ ଚିକିତ୍ସା ବ୍ୟବସ୍ଥା କରିବା ସହ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି । ଏନେଇ ସରପଂଚ ଯମୁନା ବାଗଙ୍କୁ ଯୋଗାଯୋଗ କରାଯିବାରୁ ମାଗଣାରେ ଚାଉଳ ଯୋଗାଣର ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେବା ସହ ମାନସିକ ଭିନ୍ନକ୍ଷମ ପ୍ରମଣାପତ୍ର ମିଳିଲେ ଭତାର ବ୍ୟବସ୍ଥା କରିଦେବେ ବୋଲି ପ୍ରକାଶ କରିଥିଲେ ।

# ଇପିଏଫ ପେନସନ ପ୍ରାପ୍ତ କର୍ମଚାରୀ ସଂଘର ଦାବି ଦିବସ ପାଳନ

କେନ୍ଦ୍ରାପଡ଼ା,୧୭।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଇପିଏଫ ପେନସନ ଭୋଗୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ବୈଠକ ଜିଲ୍ଲା ସଦର ମହକୁମା ତିନିମୁହାଣୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ବସନ୍ତ କୁମାର ଦାସ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସଂଘର ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସମେତ ପାରାଦ୍ୱୀପ ବିଅରିଜ୍, ବାରିପଦା ସ୍ପିନିଙ୍ଗ ମିଲ, କୋଣାର୍କ ଟିଭି, ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ଓ ବିଭିନ୍ନ କଳକାରଖାନା ରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ପ୍ରତିନିଧି ମାନେ ଯୋଗଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ସର୍ବ ସମ୍ମତିକ୍ରମେ ୩ଟି ଦାବି ଗୃହିତ ହୋଇଥିଲା । ସର୍ବନିମ୍ନ ପେନଶନ ୯ ହଜାର ଟଙ୍କା ସହ ମହଙ୍ଗ ଭତା ପ୍ରଦାନ, ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନଶନ ପ୍ରଦାନ ଇପିଏଫ ପେନସନ ଭୋଗୀ ମାନଙ୍କୁ ଆୟୁସମାନ ଭାରତ ଯୋଜନା ରେ ସାମିଲ କରିବା ପ୍ରଭୃତି ଦାବି ଗୁଡିକ ରହିଛି । ଏହାଦ୍ୱାରା ଦେଶର ୬୬ ଲକ୍ଷ ଇପିଏଫ ପେନଶନ ଭୋଗୀ ମାନେ ଉପକୃତ ହୋଇ ଦୁର୍ଦ୍ଦଶାରୁ ମୁକ୍ତି ପାଇପାରିବେ । ବୈଠକରେ ଉପ ସଭାପତି କାହ୍ନୁ ଚରଣ ଦାସ, ସାଧାରଣ ସଂପାଦକ ଲୋକାନାଥ ରାଉତ, ଯୁଗ୍ମ ସଂପାଦକ ପିତାମ୍ବର ମହାନ୍ତି ଓ କୋଷାଧ୍ୟକ୍ଷ ଗୋପବନ୍ଧୁ ପତି ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

## ଶ୍ରୀମନ୍ଦିରରେ ହରିହର ବେଶ

ପୁରୀ,୧୭।୧୧ (ନି.ପ୍ର): କାର୍ତିକ ଶୁକ୍ଳ ପତିପଦା ଯୁକ୍ତ ଦ୍ୱତୀୟା ରେ ଶ୍ରୀମନ୍ଦିରରେ ବଡ଼ଠାକୁରଙ୍କ 'ହରି ହର' ବେଶ ଅନୁଷ୍ଠିତ ହୋଇଯାଇଛିକ୍ଷ ଠାକୁରଙ୍କ ଅବକାଶ ପୂଜା ସକାଳ ଘ.୭.୦୫ ରେ ଶେଷ ହେବାପରେ ମଇଲମ ସକାଳ ଘ.୭.୧ଦ ରେ ବଢି ବଡ଼ଠାକୁର ଶ୍ରୀବଳଭଦ୍ର ମହାପ୍ରଭୁଙ୍କର 'ହରି ହର' ବେଶ ସକାଳ ଘ.୮.୧୦ ରେ ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ଦିରରେ କାର୍ତିକ ମାସ ଦୀପାବଳୀ ଅମାବାସ୍ୟା ଠାରୁ ଶୁକ୍ଳ ଦଶମୀ ମଧ୍ୟରେ ପଡୁଥିବା 'ସୋମବାର' ରେ ଶ୍ରୀବଳଭଦ୍ର ଙ୍କୁ ପରମ୍ପରା ମତେ 'ହରି ହର ବେଶ ହୋଇଥାଏ କ୍ଷ ମହା କାର୍ତ୍ତିକ ମାସରେ ଶ୍ରୀମନ୍ଦିର ରେ ଠାକୁରଙ୍କର ୬ ଗୋଟି ବିଷ୍ଣୁ ସମ୍ପର୍କିତ ବେଶ ଅନୁଷ୍ଠିତ ହେଉଥିବାବେଳେ 'ହରି ହର' ବେଶଟି 'ଶିବ,ବିଷ୍ଣୁ' ଉଭୟଙ୍କ ସମନ୍ୱୟ ଅକାମ୍ଯ ରୂପ ଅଟେ । ଶ୍ରୀବଳଭଦ୍ର ଙ୍କୁ ବାସୁଦେବ ମନ୍ତ୍ର ରେ ପୂଜା କରାଯାଉ ଥିବା ବେଳେ,ଶ୍ରୀକଣ୍ଠକ୍ଷଦି ନ୍ୟାସ କରାଯାଇଥାଏ । ତତ୍ୱତଃ ଏହା 'ହରିହର'ସମନ୍ୱୟ ପୂଜା ଶରୀର ତାଙ୍କର ଶିବ ହେଲାବେଳେ ମନ୍ତ୍ର ତାଙ୍କର ବାସୁଦେବ ମନ୍ତ୍ର ତେଣୁ ସେ 'ହରି' (ବିଷ୍ଣୁ, ବା ବାସୁଦେବ ମନ୍ତ୍ର) ଓ 'ହର'(ଶିବ,ଶ୍ରୀକଣ୍ଠ ।ଦି ନ୍ୟାସ) ସମନ୍ୱୟ ଅଟନ୍ତି..ଏକାଧାରରେ 'ହରି ଓ ହର' ଶ୍ରୀବିଗ୍ରହମାନଙ୍କ ସକାଳଧୂପ ପରେ 'ରାଧା ଦାମୋଦର' ଅନୁଷ୍ଠିତ ବେଳେ ପରମ୍ପରା ମତେ ଶ୍ରୀବଳଭଦ୍ର ଠାକୁରଙ୍କର ଶ୍ରୀଅଙ୍ଗ ରେ ଅର୍ଦ୍ଧେକ ଶ୍ୱେତ ବସ୍ତ୍ର ଲାଗି ହୋଇ ଅନ୍ୟ ଅର୍ଦ୍ଧେକ କୃଷ୍ଣ ବସ୍ତ୍ରରେ ମଣ୍ଡିତ କରାଯାଇଥିଲା, ଧଳା ଓ କଳା ଉଭୟ ବସ୍ତ୍ରରେ ସଜ୍ଜିତ ହୋଇ ଥିଲେ । ଏହି ଚିତାକର୍ଷକ ବେଶରେ ବଡ଼ଠାକୁର ଶ୍ରୀଭୁଜ ରେ ସୁବର୍ଣ୍ଣ ନଳୀ ଭୁଜ, କର୍ଣ୍ଣରେ କୁଣ୍ଡଳ କଟିରେ ଓଡ଼ିଆଣି, ଚନ୍ଦ୍ର, ସୂର୍ଯ୍ୟ ତଥା ବିଭିର୍ଣ୍ଣ ପ୍ରକାରର ସୁବର୍ଣ୍ଣ ମାଳି ଧାରଣ କରିଥିଲେକ୍ଷ ନୀତି ସମାପନ ପରେ ଅନ୍ୟନ ନୀତି ମାନ ଅନୁଷ୍ଠିତ ହୋଇଥିଲା ।

# ଜାତୀୟ ପ୍ରେସ ଦିବସ ପାଳିତ

ପୁରୀ,୧୭।୧୧ (ନି.ପ୍ର): ପୁୀ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଆଜି ଜଗନ୍ନାଥ ବଲ୍ଲଭ ପ୍ରାଙ୍ଗଣ ପରିସରରେ ପାଳିତ ହୋଇଛି । ଭାରତୀୟ ପ୍ରେସ ପରିଷଦ ଦ୍ୱାରା ପ୍ରଦତ୍ତ ପ୍ରସଙ୍ଗ 'କରୋନା ମହାମାରୀର ଗଣମାଧ୍ୟମ ଉପରେ ପ୍ରଭାବ ଏବଂ ଗଣମାଧ୍ୟମର ଭୂମିକା' ଶୀର୍ଷକ ଉପରେ ଆଲୋଚନା ହୋଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ବିନୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ । କରୋନା ସମୟରେ ଗଣମାଧ୍ୟମ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ଯୋଗୁଁ କରୋନା ମହାମାରୀ ମୁକାବିଲା କରିବାରେ ସହାୟକ ହେଉଛି । କରୋନା ସଂପର୍କିତ ଖବର ମୁଦ୍ରଣ ଓ ପ୍ରସାରଣ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ଯଥୋଚିତ ନୀୟମ ପାଳନ ପୂର୍ବକ ନିର୍ଭିକତାର ସହ କାର୍ଯ୍ୟ କରିଛନ୍ତି । ମହାମାରୀ ମୁକାବିଲା ବେଳେ ସହଯୋଗ କରିଥିବାରୁ ଉପ ଜିଲ୍ଲପାଳ ଭବତାରଣ ସାହୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣେଇଥିଲେ । ଏହି ଅବସରରେ ସାମ୍ବାଦିକ ଶ୍ରୀ ଜଗନ୍ନାଥ ବସ୍ତିଆ, ଶ୍ରୀ ଆଲୋକ ଆଶୁତୋଷ ନାୟକ, ଶ୍ରୀ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଶ୍ରୀ ନିରଞ୍ଜନ ମିଶ୍ର, ଶ୍ରୀ ନୃସିଂହ ଚରଣ ମହାନ୍ତି, ଶ୍ରୀ ସରୋଜ ମିଶ୍ର ପ୍ରମୁଖ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଗୁରବୀର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଜିତେନ୍ଦ୍ରିୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମବରଦାରେ ୬୫ତମ ସମବାୟ ଦିବସ ପାଳିତ

ଧର୍ମଶାଳା,୧୭।୧୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତସ୍ଥ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ୬୫ତମ ସମବାୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦିପ ଦାସ ଯୋଗ ଦେଇ ପତାକା ଉତୋଳନ କରିଥିଲେ । ଏହି ପତାକା ସପ୍ତାହ ଧରି କାର୍ଯ୍ୟାଳୟ ସମ୍ମୁଖରେ ରହିବାର ବିଧି ରହିଛି । ଏହି କାର୍ଯ୍ୟକ୍ରମରେ ସମବାୟ ସମିତି ସମ୍ପାଦକ ପ୍ରସନ୍ନ ବିଶୋଇ,ସହ-ସମ୍ପାଦକ ଅଜିତ ବାରିକ, ଲକ୍ଷ୍ମୀପ୍ରୀୟା ପାତ୍ରୀ, ଶ୍ରମିକ ନେତା ମୁସଲିମ ଅଲ୍ଲୀ ସମେତ ବହୁ ଅଗ୍ରଣୀ କୃଷକମାନେ ଉପସ୍ଥିତ ରହିଥିଲେ ।

# ପାଣିକୋଇଲି ସରପଂଚଙ୍କ ମାତୃ ବିୟୋଗ

କୋରେଇ,୧୭।୧୧ (ନି.ପ୍ର): ପାଣିକୋଇଲି ପଂଚାୟତର ସରପଂଚ କାର୍ତିକ ଚନ୍ଦ୍ର ପଣ୍ଡାଙ୍କ ମାତୃ ବିୟୋଗ ଘଟିଛି । ସରପଂଚଙ୍କ ମା ସର ପଣ୍ଡାଙ୍କର ୯୩ ବର୍ଷରେ ପରଲୋକ ଘଟିଛି । ଏହି ଖବର ପ୍ରଚାରିତ ହେବା ମାତ୍ରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ବହୁ ମାନ୍ୟଗଣ୍ୟ, ସମାଜସେବୀ, ରାଜନେତା, ବୁଦ୍ଧିଜିବୀ ତାଙ୍କ ବାସ ଭବନରେ ପହଂଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ମରଶରୀର ନିକଟରେ ପୁଅ କାର୍ତିକ, ବିନାୟକ, ଅଶୋକ, ନାତି, ନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୟ ସ୍ୱଜନ ଉପସ୍ଥିତ ଥିଲେ । ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ଯାଜପୁର ପୌରାଧକ୍ଷ ଭବ ପ୍ରକାଶ ଦାସ, କୋରାଇ ବିଧାୟକ ଅଶୋକ କୁମାର ବଳ, କଳିଙ୍ଗନଗର ପଲିଟେକନିକ ଅଧ୍ୟକ୍ଷ ଇଂ ଆଲେକଜାଣ୍ଡାର ଦାସ, ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ଘଡାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୀକାରୀ ବରାଳ, ଯୁବ ବିଜଡି ସଭାପତି ପ୍ରତାପ ମହାନ୍ତି, ଯୁବ ନେତା ତାରକେଶ୍ୱର ମହାନ୍ତି,ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ପଥରପଦା ପଂଚାୟତ ବିଜେଡି ସଭାପତି ସନ୍ତୋଷ କୁମାର ବେହେରାଙ୍କ ସମେତ ବହୁ ରାଜନେତା ଶ୍ରୀ ପଣ୍ଡାଙ୍କ ବାସଭବନରେ ପହଂଚି ଶୋକ ବ୍ୟକ୍ତ କରିଛନ୍ତି ।

# ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ସହଭାଗିତାରେ ବାରିପଦାରେ ଅକ୍ଷୟ ଆରୋଗ୍ୟମ୍ ଉଦ୍‌ଘାଟିତ

## ଅଧିକ ସ୍ୱାସ୍ଥ୍ୟସେବା ପାଇଁ ବିଶେଷଜ୍ଞ ମାନଙ୍କ ପରାମର୍ଶ ମିଳିବ



ବାରିପଦା,୧୭।୧୧ (ନି.ପ୍ର): ଆଜି ପବିତ୍ର ଧନ୍ୱନ୍ତରି ଜୟନ୍ତୀ ଉତ୍ସବ ଉପଲକ୍ଷେ ଓଡିଶାରେ ବିଶ୍ୱସ୍ତରୀୟ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବା ଭୁବନେଶ୍ୱରର ହାଇଟେକ ମେଡିକାଲ କଲେଜ ହସ୍ପିଟାଲ ଏବଂ ଅକ୍ଷୟ ଆରୋଗ୍ୟମ୍‌ର ମିଳିତ ସହଭାଗିତାରେ ବାରିପଦାର ଟ୍ରାଫିକ ଛକଠାରେ ପ୍ରଥମଥର ପାଇଁ ରେଫାରେଲ ସେଂଟର ଓ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ସନ୍ଧ୍ୟାରେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ଦ୍ଦେଶକ ଡା. ରାକେଶ ପାଣିଗ୍ରାହୀ ଉଦ୍‌ଘାଟନ ଉତ୍ସବ ଅବସରରେ ପ୍ରଦୀପ ପ୍ରଜ୍ୱଳନ ପରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ବାରିପଦାରେ ଓଡିଶାରେ ପ୍ରଥମ ଥର ପାଇଁ ଏହିଭଳି ରେଫାରେଲ କେନ୍ଦ୍ର ସ୍ଥାପିତ ହୋଇଛି । ଏହି ରେଫାରେଲ କେନ୍ଦ୍ର ଦ୍ୱାରା ମୟୂରଭଞ୍ଜ ଓ ମୟୂରଭଞ୍ଜ ପଡୋଶୀ ଜିଲା କେନ୍ଦୁଝର ଓ ଝାଡଖଣ୍ଡ ତଥା ପଶ୍ଚିମବଙ୍ଗର ସୀମାନ୍ତ ଅଂଚଳ ରୋଗୀମାନେ ଉପକୃତ ହୋଇ ପାରିବେ । ବିଶେଷତଃ ଗ୍ରାମାଂଚଳର ଅଭାବୀ, ଦାରିଦ୍ର୍ୟ ସୀମାରେଖା ତଳେ ଓ ମଧ୍ୟବିତ୍ତ ଗୋଷ୍ଠୀର ରୋଗୀମାନେ ଏହି ରେଫାରେଲ ସେଂଟରରେ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କୃଷକ ଯୋଜନା ଅଧୀନରେ ସ୍ୱାସ୍ଥ୍ୟ ସେବା ପାଇବା ସହିତ ଅଳ୍ପ ଖର୍ଚ୍ଚରେ ଉତ୍ତମ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦ୍ୱାରା ରୋଗ ନିରୂପଣ ଓ ନିଦାନ ପାଇଁ ପରାମର୍ଶ ପାଇ ପାରିବେ ବୋଲି ଜଣାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ହାଇଟେକ ମେଡିକାଲ କଲେଜ ହସ୍ପିଟାଲର ସିଇଓ ସୁଶାନ୍ତ କୁମାର ଆଚାର୍ଯ୍ୟ ଯୋଗଦେଇ ପୂର୍ବ ଭାରତରେ ପ୍ରଥମେ ବେସରକାରୀ ଭାବେ ହାଇଟେକକ ମେଡିକାଲ କଲେଜ ହସ୍ପିଟାଲ ସ୍ଥାପିତ ହୋଇଥିବା ସହିତ ସ୍ୱଳ୍ପ ବ୍ୟୟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି । ଆଜି ମଧ୍ୟାହ୍ନରେ ଅକ୍ଷୟ ଆରୋଗ୍ୟମ୍ ରେଫାରେଲ କେନ୍ଦ୍ର ବର୍ଷୀୟାନ ସାମ୍ବାଦିକ ଡ. ବିଜୟ କୁମାର ଅଗରୱାଲା ଓ ରାଜ୍ୟ ସରକାରଙ୍କ ପୂର୍ବତନ ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିନୟ କୁମାର ଅଗରୱାଲାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କର ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ସଂଜୀବନୀ ଅଗରୱାଲା ମଧ୍ୟ ଉପସ୍ଥିତ ଥିଲେ । ଅକ୍ଷୟ ଆରୋଗ୍ୟମ୍ ରେଫାରେଲ ଓ ଇନଫର୍ମେସନ କେନ୍ଦ୍ର ଉଦ୍‌ଘାଟିତ ହେବା ଫଳରେ ଆଦିବାସୀ ଅଧ୍ୟୁଷିତ ମୟୂରଭ ଜିଲାର ରୋଗୀମାନେ ଅଧିକ ସ୍ୱାସ୍ଥ୍ୟ ସେବା ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇ ଆଉ ଭୁବନେଶ୍ୱର ବା କଟକକୁ ଯିବାକୁ ପଡିବ ନାହିଁ । ଏଠାରେ ପ୍ରତ୍ୟେକ ଦିନ ଉତ୍ତମ ବିଶେଷଜ୍ଞମାନଙ୍କ ଦ୍ୱାରା ରୋଗ ନିରୂପଣ ଓ ନିଦାନ ପାଇଁ ରୋଗୀମାନଙ୍କୁ ପରାମର୍ଶ ଦେବାର ବ୍ୟବସ୍ଥା ରହିଛି । ଅକ୍ଷୟ ଆରୋଗ୍ୟମ୍‌ର ନିର୍ଦ୍ଦେଶକ ଅକ୍ଷୟ କୁମାର ଅଗରୱାଲା ଉପସ୍ଥିତ ସାମ୍ବାଦିକମାନଙ୍କୁ କହିଲେ ଯେ ଏହି ରେଫାରେଲ କେନ୍ଦ୍ରରେ ହୃଦ୍‌ରୋଗ, ସ୍ନାୟୁରୋଗ, ଅସ୍ଥିଶଲ୍ୟ ରୋଗ, ପାକସ୍ଥଳୀ ରୋଗ, ମନୋବିଜ୍ଞାନ ସମ୍ବନ୍ଧୀୟ ରୋଗ, ସ୍ତ୍ରୀରୋଗ, ଚକ୍ଷୁ ରୋଗ, ଦନ୍ତରୋଗ ଓ ଅନ୍ତଃସ୍ରାବୀ ଗ୍ରନ୍ଥି ରୋଗର ବିଶେଷଜ୍ଞ ଡାକ୍ତରମାନେ ରୋଗୀମାନଙ୍କ ପରୀକ୍ଷା ସହିତ ପରାମର୍ଶ ଦେବାର ବ୍ୟବସ୍ଥା ରହିଛି । ଏହି କେନ୍ଦ୍ରରେ ପ୍ୟାଥଓଲୋଜି ଓ ଫିଜିଓଥେରାପି ସହିତ ଦିନରାତି ୨୪ ଘଂଟା ଫାର୍ମାସି ସେବା ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ହାଇଟେକ ମେଡିକାଲ କଲେଜର ମାର୍କେଟିଂ ନିର୍ଦ୍ଦେଶକ ଅବିନାଶ ପାଣି କହିଛନ୍ତି ।

# ସହାୟତା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କୁ ଭେଟିଲା କଂଗ୍ରେସ

ଭୁବନେଶ୍ୱର,୧୭।୧୧ (ନି.ପ୍ର): ଫନି ବାତ୍ୟାକୁ ଦେଢ଼ ବର୍ଷ ବିତି ଯାଇଥିଲେ ବି ଆଜି ପର୍ଯ୍ୟନ୍ତ ପିପିଲି, ଡେଲାଙ୍ଗ ବ୍ଲକ / ତହସିଲରେ କୌଣସି ଗୋଟିଏ ବାସହରାଙ୍କୁ ବାସଗୃହ ଯୋଗାଇନଦେବା ଏବଂ ବିନା କାରଣରେ ହଜାର ହଜାର ଫନି କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଆକାଉଂଟକୁ ଦୀର୍ଘ ସମୟ ଧରି ଅଚଳ କରିବା ଘଟଣାକୁ ନେଇ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ରାଜୀବ ଭବନ ଯାଇ ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀଯୁକ୍ତ ପ୍ରଦୀପ ଜେନାଙ୍କୁ ଭେଟି ଅଚଳ ହୋଇଥିବା ବ୍ୟାଙ୍କ ଖାତାକୁ ତୁରନ୍ତ ସଚଳ କରିବା ଓ ହିତାଧିକାରୀ ତାଲିକାରେ ସ୍ଥାନ ପାଇନଥିବା ଫନି କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ପାଇଁ ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶଯୋଗ୍ୟ ଯେ ଗତ ୨୦୧୯ ମସିହା ମଇ ମାସରେ ହୋଇଥିବା ପ୍ରଳୟଙ୍କାରୀ ବାତ୍ୟାରେ ହଜାର ହଜାର ପରିବାର ବାସହରା ହୋଇଯାଇଥିଲେ । କିନ୍ତୁ ବଡ ଦୁଃଖ ଓ ପରିତାପର ବିଷୟ ବାତ୍ୟାକୁ ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ ଏବେ ସୁଦ୍ଧା ପିପିଲି, ଡେଲାଙ୍ଗ ଦୁଇ ତହସିଲରେ ଘରଭଙ୍ଗା ସର୍ଭେ କାମ ଚାଲିଛି । ଯାହାକି ସୂଚନା ଅଧିକାରୀ ଆଇନ୍ ଦ୍ୱାରା ପ୍ରାପ୍ତ ତଥ୍ୟ ବୟାନ କରୁଛି । ପ୍ରାଥମିକ ତଦନ୍ତ ପରେ ଘର ଭାଙ୍ଗିଥିବା ଲୋକଙ୍କୁ ଯେଉଁ ସହାୟତା ରାଶି ସରକାର ତାଙ୍କ ବ୍ୟାଙ୍କଖାତାକୁ ପଠାଇଥିଲେ, ଏବେ ସରକାର ସେଥିରୁ ଅଧିକାଂଶ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ଖାତାକୁ ଅଚଳ କରି ରଖିଛନ୍ତି ଏବଂ ଦଳୀୟ ଭିତିରେ ସେହି ବ୍ୟାଙ୍କ ଖାତାକୁ ସଚଳ କରାଯାଉଅଛି । ଏପରିକି ସଂପୂର୍ଣ୍ଣ ଘର ଭାଙ୍ଗି ଯାଇଥିବା ଲୋକଙ୍କୁ ଘରଭଙ୍ଗା ହିତାଧିକାରୀ ତାଲିକାରେ ସାମିଲ କରାଯାଇନାହିଁ ଏବଂ ସବୁଠୁ ଦୁର୍ଭାଗ୍ୟ ଏବଂ ପରିତାପର ବିଷୟ ଫନି ବାତ୍ୟାର ଶିକାର ହୋଇଥିବା ପିପିଲି କି ଡେଲାଙ୍ଗ ବ୍ଲକର ଜଣେ ମଧ୍ୟ ବାସହରାଙ୍କୁ ସରକାର ପକ୍କାଘର ଯୋଗାଇ ଦେଇ ପାରିନାହାନ୍ତି । ସମସ୍ତ ଘଟଣାକୁ ଶୁଣିବା ପରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀଯୁକ୍ତ ଜେନା ବ୍ୟାଙ୍କ ଖାତା ସଚଳ କରିବା ପାଇଁ ଏବଂ ବାକି ରହିଥିବା ଫନି କ୍ଷତିଗ୍ରସ୍ତଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ନିରୁପମା ପାତ୍ର, ଏସ୍.କେ. ମହାବୁବ୍, ମହେନ୍ଦ୍ର ନାୟକ ଓ ଇନ୍‌ତାଜ୍ ଅଲ୍ଲୀ ପ୍ରମୁଖ ସାମିଲ ଥିଲେ ।

# ବାଲେଶ୍ୱରବାସୀଙ୍କ ହକ୍ ପାଇଁ ଲଢ଼େଇ ପ୍ରସ୍ତୁତି

## ପ୍ରତିଷ୍ଠା ହେଲା ଯୁବ ସଂଗଠନ'ବାଲେଶ୍ୱର ଲୋକ ମୋର୍ଚ୍ଚା'



ବାଲେଶ୍ୱର,୧୭।୧୧ (ନି.ପ୍ର): ଜିଲ୍ଲାର ବିଭିନ୍ନ କ୍ଷେତ୍ର ଦେଖାଦେଇଥିବା ବିପର୍ଯ୍ୟସ୍ତ ଅବସ୍ଥା ସାଙ୍ଗକୁ ଜନସାଧାରଣଙ୍କ ସମସ୍ୟା ସମାଧାନ ଓ ଜିଲ୍ଲାବାସୀଙ୍କ ଅକ୍ ଆଦାୟର ଆଭିମୁଖ୍ୟ ନେଇ ଅନ୍ୟଏକ ଯୁବ ସଂଗଠନ 'ବାଲେଶ୍ୱର ଲୋକ ମୋର୍ଚ୍ଚା' ଆଜି ପ୍ରତିଷ୍ଠା ହୋଇଛି। ଯୁବନେତା ବିକ୍ରମ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ନବ ଗଠିତ ବାଲେଶ୍ୱର ଲୋକ ମୋର୍ଚ୍ଚାର ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଗୋଷ୍ଠୀ, ବର୍ଣ୍ଣ ଓ ଦଳ ଭିତ୍ତିକ ମାନସିକତାରୁ ଉର୍ଦ୍ଧ୍ୱରେ ରହି ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନକୁ ଏହି ସଂଗଠନ ଆଗ୍ରାଧିକାର ଦେବ ବୋଲି ଆବାହକ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ, କୃଷି ଓ ଗମନାଗମନ ପ୍ରଭୃତି ଅବସ୍ଥାର ସୁଧାର ପାଇଁ ଗଣତାନ୍ତ୍ରିକ ଉପାୟରେ ଏହି ସଂଗଠନ ତା'ର ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି। ବିଶେଷ କରି ଜିଲ୍ଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଉଦ୍ଦେଶ୍ୟରେ ତତ୍କାଳୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ଏମ୍ସ ସେଟଲାଇଟ ସେଣ୍ଟର ଓ ଉନ୍ନତମାନର ହସପିଟାଲ ପ୍ରତିଷ୍ଠା ପ୍ରକଳ୍ପର ମନ୍ଥରତାକୁ ନେଇ ସଂଗଠନର କର୍ମକର୍ତ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏନେଇ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ନିର୍ବାଚିତ ଲୋକପ୍ରତିନିଧି, ରାଜ୍ୟ ସରକାର ଏମିତିକି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଉଚିତ ପଦକ୍ଷେପ ନିଆଯିବ ବୋଲି ସଂଗଠନର କର୍ମକର୍ତ୍ତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଜିଲ୍ଲାର ନିଷ୍କାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ ସହ କୃଷି ଜଳସେଚନ ପାଇଁ କୋଷ୍ଟ କେନାଲର ପୁନରୁଦ୍ଧାର ଦିଗରେ ଉଚିତ ପଦକ୍ଷେପ ନିଆଯିବ। ପ୍ରାଥମିକ ପର୍ଯ୍ୟାୟରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ତିନିତାଲାରେ ଥିବା ମହିଳା ମେଡିସିନ ୱାର୍ଡ଼କୁ ଲିଫ୍ଟ ବ୍ୟବସ୍ଥା କରିବା ଓ ମରଣଯନ୍ତା ପାଲଟିଥିବା ଗୋପାଳଗାଁ ରାସ୍ତା ସମେତ ସହରର ବିଭିନ୍ନ ଶୋଚନୀୟ ରାସ୍ତାଘାଟର ନବୀକରଣ ଦାବିରେ ଖୁବଶୀଘ୍ର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବାଲେଶ୍ୱର ଲୋକ ମୋର୍ଚ୍ଚାର ସଭାପତି ଅସିତ୍ ଦାସ ଓ ସାଧାରଣ ସମ୍ପାଦକ ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ରାଜନୀତି ଦଳ ସହ ସମ୍ପର୍କ ଥିବା ବ୍ୟକ୍ତିମାନେ ଏହି ସଂଗଠନ ସହ ସମ୍ପୃକ୍ତି ଥିବା ବେଳେ ଏହା ଜନସାଧାରଣଙ୍କ ସମସ୍ୟା ସମାଧାନରେ ବିଶେଷ ସହାୟକ ହେବ ବୋଲି ସେମାନେ କହିଛନ୍ତି। ମହତ ଉଦ୍ଦେଶ୍ୟରେ ଜନ୍ମ ନେଇଥିବା ଏହି ସଂଗଠନ ଆଗାମୀ ଦିନରେ ଜନସାଧାରଣଙ୍କୁ ଉଚିତ ସେବା ପ୍ରଦାନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଏହାକୁ ଆଗେଇ ନେବା ନିମନ୍ତେ କର୍ମକର୍ତ୍ତାମାନେ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଆବାହକ ଜୟରାମ ଦାସ, ନୀଲମ ଦାସ, ଉପ-ସଭାପତି ନିଶିଥ ବାରିକ, ପ୍ରବୀର ଶଙ୍କର ଦାଶ ଓ ତାପସ ଦାସ, ସମ୍ପାଦକ ଶୁଭମ ସାଇ ମହାପାତ୍ର, ଜୟଶ୍ରୀ ବିଶ୍ୱାଳ, ଆଶିଷ ସାହୁ ଓ ସମ୍ବିତ୍ ବିଶ୍ୱାଳ, ଉପଦେଷ୍ଟା ପ୍ରଦୀପ୍ତ ମହାପାତ୍ର, ଜ୍ୟୋତିର୍ମୟୀ ସାମଲ, ରାଜଲକ୍ଷ୍ମୀ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଭାଗ୍ୟ ଉଦିତ୍ ଦାସପଟ୍ଟନାୟକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

### ୬ମାସ ହେଲା ମିଳିନି ପାର୍ଟ ଟାଇମ ଶିକ୍ଷକଙ୍କୁ ଦରମା

କେନ୍ଦ୍ରାପଡ଼ା,୧୭।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ସ୍କୁଲ ମାନଙ୍କରେ ନିଯୁକ୍ତି ପାଇଥିବା ପାର୍ଟ ଟାଇମ ଶିକ୍ଷକ ମାନେ ବନ୍ଦ ଥିବା ଦରମା ଦେବାପାଇଁ ଦାବିକରି ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଏହି ବର୍ଗର ବହୁ ଶିକ୍ଷକ ଓ ଶିକ୍ଷୟତ୍ରୀ ଜିଲ୍ଲା କାର୍ଯ୍ୟାଳୟରେ ପହଁଚି ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାରେ ଥିବା ୩୧୨ଟି ସରକାରୀ ସ୍କୁଲରେ ଏହି ଶିକ୍ଷକ ମାନେ ମାସକୁ ୪୩୦୦ ଟଙ୍କା ଲେଖାଏଁ ଦରମାରେ କାମ କରି ଆସୁଥିଲେ। ୨୦୧୩ ମସିହାରୁ କାମକରି ଆସୁଥିବା ବେଳେ କରୋନା ସଂକ୍ରମଣ ମଧ୍ୟରେ ୨୦୨୦ ଜୁନ୍ ମାସରୁ ସେମାନଙ୍କୁ ଦରମା ମିଳିନାହିଁ। ଏନେଇ ଏହି ଶିକ୍ଷକ ଶିକ୍ଷୟତ୍ରୀ ମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସହିତ ଜିଲ୍ଲାପାଳଙ୍କୁ ଭେଟି ଦରମା ପ୍ରଦାନ କରିବାକୁ ଏକ ଦାବିପତ୍ର ପ୍ରଦାନ କିରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅଜୟ କୁମାର ପଣ୍ଡା, ନିରାକାର ମହାରଣା, ଦିଲିପ କୁମାର ମହାରଣା, ଚିନ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସୂର୍ଯ୍ୟନାରାୟଣ ପାଢ଼ୀଙ୍କ ଏକାଦଶାହରେ ପୁରାତନ ଛାତ୍ର-ଛାତ୍ରୀ ସଂଘର ସ୍ମୃତିଚାରଣ ସଭା

ଉଦଳା,୧୭।୧୧ (ନି.ପ୍ର): କୁଶଳଦା ହାଇସ୍କୁଲର ପୁର୍ବତନ ଯଶସ୍ୱୀ ପ୍ରଧାନଶିକ୍ଷକ ତଥା ପ୍ରଖ୍ୟାତ ଶିକ୍ଷାବିତ ସୂର୍ଯ୍ୟନାରାୟଣ ପାଢ଼ୀଙ୍କ ଏକାଦଶାହ ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର-ଛାତ୍ରୀ ସଂଘର ଆନୁକୁଲ୍ୟରେ ସ୍ୱର୍ଗତ ପାଢ଼ୀଙ୍କ କୁଶଳଦାସ୍ଥ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର-ଛାତ୍ରୀ ସଂଘର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଶିକ୍ଷାବିତ ସନାତନ ଜେନା ଅଧକ୍ଷତା କରିଥିବାବେଳେ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଂଘର ସମ୍ପାଦକ ଶିକ୍ଷାବିତ ରବିକାନ୍ତ ମହାପାତ୍ର ପ୍ରାରମ୍ଭିକ ସୁଚନା ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତଥା ସ୍ୱର୍ଗୀୟ ପାଢ଼ୀଙ୍କ ମଧ୍ୟମ ପୁତ୍ର ଜିଲ୍ଲାର ମୁଖ୍ୟ ବନଖଣ୍ଡ ଅଧିକାରୀ ବଟକୃଷ୍ଣ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହସମ୍ପାଦକ ତଥା ସି.ଆର.ସି.ସି. ପ୍ରିୟବ୍ରତ ବାରିକ ସୁଲଳିତ କଣ୍ଠରେ ଗୁରୁବନ୍ଦନା ଗାନ କରିଥିଲେ।



ଗୁରୁବନ୍ଦନା ପରେ ବିଶିଷ୍ଟ ପ୍ରବଚକ ଶିକ୍ଷକ ତଥା ବିଦ୍ୟାଳୟର ପୁରାତନ ଛାତ୍ର ଲକ୍ଷ୍ମୀଧର ପୁଥାଳ ଗାୟତ୍ରୀ ମନ୍ତ୍ର ଗାନ କରିଥିବାବେଳେ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ସ୍ୱର୍ଗୀୟ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତିଚାରଣ ସଭାରେ ସ୍ୱର୍ଗୀୟ ପାଢ଼ୀଙ୍କର ଗୁଣମୁଗ୍ଧ ଓ ଅଗଣିତ ପ୍ରିୟ ପୁରାତନ ଛାତ୍ର-ଛାତ୍ରୀ ଓ ଶିକ୍ଷକ ମାନଙ୍କ ମଧ୍ୟରୁ ଡ଼. ଅରବିନ୍ଦ ବେହେରା, ଦିବାକର ନାୟକ, ଲକ୍ଷ୍ମୀଧର ପୁଥାଳ, କୁଳମଣୀ ନାୟକ, ରବିକାନ୍ତ ମହାପାତ୍ର, ଆଦିକନ୍ଦ ବେଜ, ସମରଜିତ ମହାପାତ୍ର, ନରେନ୍ଦ୍ରନାଥ ରାଉତ, ଭଗବାନ ନାୟକ, ରଜତ କୁମାର ପଣ୍ଡା ଓ ହିମାଂଶୁ ଶେଖର ଦାସ ପ୍ରମୁଖ ସ୍ୱର୍ଗୀୟ ପାଢ଼ୀଙ୍କୁ ଜଣେ ଅନନ୍ୟ ଅସାଧାରଣ, ସ୍ଥିତପ୍ରଜ୍ଞ ଓ କାଳଜୟୀ ଶିକ୍ଷକ ବୋଲି ବର୍ଣ୍ଣନା କରିବା ସହ ଗଭୀର ଶ୍ରଦ୍ଧାଳି ଅର୍ପଣ କରିଥିଲେ। ଅନ୍ୟ ଯେଉଁମାନେ ଏହି ସ୍ମୃତିଚାରଣ ସଭାରେ ଉପସ୍ଥିତ ରହି ଏହାକୁ ସଫଳ କରିବାରେ ସହାୟତା କରିଥିଲେ ସେମାନଙ୍କ ମଧ୍ୟରେ ପୁର୍ବତନ ମନ୍ତ୍ରୀ ବୀରଭଦ୍ର ସିଂହ, ଡ଼. ଅମୀୟ ବେହେରା, ଦୀନମଣି ଦାସ, ମନମୋହନ ମହାପାତ୍ର, ଇଂ. ରାଧାକୃଷ୍ଣ ରାଉତ, ମାନବେନ୍ଦ୍ର ରାୟ, ଅଧ୍ୟାପକ କରୁଣାକର ମହାପାତ୍ର, ଅମର କୁମାର ପାୟକ, ଅଜୟ କୁମାର ପାଢ଼ୀ, ସଂଜୟ କୁମାର ପାଢ଼ୀ, ସୁକଲ୍ୟାଣୀ ପାଢ଼ୀ, ଅବକାଶ ପରିଛା, ଅମ୍ବୁଜ କୁମାର ପରିଛା, ହାଡ଼ିବନ୍ଧୁ ସିଂହ ଓ କପିଳେନ୍ଦ୍ର ବାରିକ ପ୍ରମୁଖ ଥିଲେ। ସ୍ମୃତିସଭା ଶେଷରେ ଶିକ୍ଷକ ତଥା ସ୍ୱର୍ଗୀୟ ପାଢ଼ୀଙ୍କ ନାତୁଣୀ ଜ୍ୱାଇଁ ସାର୍ଦ୍ଦିକ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅସୁସ୍ଥତା, ଦୂରତା ତଥା ଅନ୍ୟାନ୍ୟ କାରଣରୁ ଯେଉଁ ପୁରାତନ ଛାତ୍ର-ଛାତ୍ରୀ ମାନେ ସ୍ମୃତିଚାରଣ ସଭାରେ ଯୋଗ ଦେଇ ପାରିନଥିଲେ ସେମାନଙ୍କ ପାଇଁ ଛାତ୍ର-ଛାତ୍ରୀ ସଂଘର ସଭାପତି ଯତୀନ୍ଦ୍ର ମୋହନ ଶତପଥୀଙ୍କ ସଭାପତିତ୍ୱରେ ସନ୍ଧ୍ୟା ୭ ଘଟିକା ସମୟରେ ଏକ ଭରଚ୍ୟୁଆଲ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ସ୍ୱର୍ଗତ ପାଢ଼ୀଙ୍କୁ ଜଣେ ନିଆରା, ଛାତ୍ର ବତ୍ସଳ ଓ ପ୍ରତିଭାବାନ ଶିକ୍ଷକ ବୋଲି ବର୍ଣ୍ଣନା କରାଯାଇଥିଲା। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାରସ୍ୱତ ସାଧକ ଭାଗୀରଥି ପରିଡ଼ା ବିଶିଷ୍ଟ ଆଧାତ୍ମ୍ୟବାଦୀ ସାଧକ ଡ଼ା. ବ୍ରହ୍ମାନନ୍ଦ ହୋତା, ସଂପାଦକ ରବିକାନ୍ତ ମହାପାତ୍ର, ପୁରାତନ ଛାତ୍ର ତଥା ଶିକ୍ଷାବିତ ଆଦିକନ୍ଦ ବେଜ, ଅଧ୍ୟାପକ ସନ୍ତୋଷ କୁମାର ବେଜ, ବାଗ୍ମୀ ଭଗବାନ ନାୟକ, ଶିକ୍ଷକ ଦେବବ୍ରତ ବାରିକ ଥିଲେ। ସଭାଶେଷରେ ଶିକ୍ଷକ ପ୍ରିୟବ୍ରତ ବାରିକ ଧନ୍ୟବାଦ ଦେଇଥିବା ବେଳେ ବିନୀତ କୁମାର ମହାପାତ୍ର ସଭାରେ ସଂଯୋଜନା କରିଥିଲେ।

### କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୮୧ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୧୭।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୮୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି। ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୫୬୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୯୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି


O-560

OFFICE OF THE EXECUTIVE ENGINEER
RWSS DIVISION, RAIRANGPUR
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com

e-PROCUREMENT NOTICE
IDENTIFICATION No.42 RWSS/RRPUR-2020-2021 /Dated 13.11.2020

The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt & contractor of equivalent Grade/ class registered with Central Govt./ Railways.

1. Nature of work :- Shifting and Laying of Pipeline of PWS to Raruan on widening of Raruan-Sukruli ODR Road from CH-0/000 to 6/528. under RWS&S Division, Rairangpur.
2. No. of work :- 01(One) no
3. Period of Completion : 03(three) months
4. Cost of tender :- 6000.00
5. Estimated cost :- 13.68 lakhs
6. Class of Contractor :-(As mentioned in Tender Call Notice)
7. Date and time of availability of bid documents in Portal: -from 9 hoursof 19.11.2020 to 17.30 to hours of 03.12.2020
8. Receipt of bid cost, bid security, documents: - Online only
9. Date & time of opening of technical bid: - Dt. 04.12.2020 at 11.00 hours onwards.
10. Other Documents: - (As mentioned in DTCN)
11. The bidders have to participate in on-line bidding only. Further details can be seen from the website https://www.tendersodisha.gov.in.
12. Any addendum / Corrigendum / Cancellation of tender can also be seen in the said website.
13. Concession of 10 % will be considered to ST/SC contractors up to B class only on submission of an affidavit over the general category contractors failing which such concession will not be extended to him/her.

OIPR: 25010/11/0017/2021

Executive Engineer
RWSS Division, Rairangpur


### ଜଳେଶ୍ୱର କଂଗ୍ରେସର ସାଂଗଠନିକ ବୈଠକ

ଜଳେଶ୍ୱର,୧୭।୧୧ (ନି.ପ୍ର): ବାଲେଶ୍ୱର ଜିଲାରେ କଂଗ୍ରେସର ନୂତନ ସଭାପତି ଚୟନ ପରେ ଆଜି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମର ଦେବକୁମାର ନନ୍ଦୀଙ୍କ ଘରେ କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବରିଷ୍ଠ ଆଇନ୍‌ଜିମୀ ସତ୍ୟସୁନ୍ଦର ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଜିଲାର ସଭାପତି ସଂଜୀବ କୁମାର ଗିରିଯୋଗ ଦେଇ ତୃଣମୂଳ ସ୍ତରରୁ ଜଳେଶ୍ୱରର ସାଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ବିତ କରିବାଲାଗି ଯୁବଗୋଷ୍ଠିକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଜଳେଶ୍ୱରର ବିଭିନ୍ନ ଯୋଜନାରେ ବାଟମାରଣ ହେଉଥିବାର ସେମାନେ ଅଭିଯୋଗ କରିଥିଲେ। ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଯୋଗ ଦେଇ ଆଗାମୀ ଦିନରେ ମ୍ୟୁନିସିପାଲଟି ଓ ପଂଚାୟତ ନିର୍ବାଚନ ଥିବାରୁ କଂଗ୍ରେସ କିପରି ଶକ୍ତିଶାଳି ହେବ ତାର ରଣନିତୀ ସଂପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ରିଆଜ ଖା, ଜଗଦୀଶ ନନ୍ଦି, ରାଜିବ ପରିଡା, ହେମନ୍ତ ଗିରି, ପଦ୍ମଲୋଚନ ବେହେରା, କାଦମ୍ବିନୀ ରାୟ, ଗୋପାଳ କୃଷ୍ଣ ଜେନା, ମଣ୍ଟୁ ଦେ, ସତ୍ୟନାରାୟଣ ଗୁପ୍ତା, ସନ୍ତୋଷ କାମିଳା, ସୁଧାଂଶୁ ଜେନା, ନିଳାମ୍ବର ଜେନା, ଚିତ୍ତରଂଜନ ପରିଡା, ସୁଶାନ୍ତ କୁମାର ଦେ, ସପନ ଜେନା ପ୍ରମୁଖ ଏଥିରେ ଯୋଗ ଦେଇ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଡିସେମ୍ବର ତୃତୀୟ...

ସେହିପରି ଶ୍ରୀମନ୍ଦିର ଭକ୍ତଙ୍କ ଦର୍ଶନ ନିମନ୍ତେ ଖୋଲିବା ନିମନ୍ତେ ସ୍ୱତନ୍ତ୍ର କମିଟି ମାଧ୍ୟମରେ ଆସନ୍ତା ୩୦ ଦିନ ମଧ୍ୟରେ ନିଷ୍ପତ୍ତି ନିଆଯିବ। ଏପରିକି ଦର୍ଶନ ବ୍ୟବସ୍ଥା ପାଇଁ ମଧ୍ୟ ଛତିଶା ନିଯୋଗର ଏକ ସ୍ୱତନ୍ତ୍ର ବୈଠକ ଡକାଯାଇ ଡିସେମ୍ବର ତୃତୀୟ ସପ୍ତାହ ମଧ୍ୟରେ ଦର୍ଶନ ପାଇଁ ଚୂଡ଼ାନ୍ତ ନିଷ୍ପତି ନିଆଯିବ। ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ ଡକ୍ଟର କ୍ରିଷନ କୁମାର କହିଥିଲେ ଯେ ମନ୍ଦିର ବନ୍ଦ ଥିବାରୁ ହୁଣ୍ଡିରୁ କୌଣସି ଆୟ ହେଉନାହିଁ। ଫଳରେ ଶ୍ରୀମନ୍ଦିର ପାଣ୍ଠିରେ ଅର୍ଥ ହ୍ରାସ ପାଇଛି। ଅନ୍ୟପକ୍ଷରେ ଶ୍ରୀଜୀଉମାନଙ୍କର ଦୈନନ୍ଦିନ ନୀତିକାନ୍ତି ପ୍ରଥା ଅନୁଯାୟୀ ଜାରି ରହିଥିବାବେଳେ କୋଭିଡ ମଧ୍ୟରେ ରଥଯାତ୍ରା ହୋଇଥିବାରୁ ଏଥିପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଛି। ଏଥିଯୋଗୁଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୋଭିଡ୍ କେୟାର ସେଂଟର ମଧ୍ୟ ପ୍ରତିଷ୍ଠା କରାଯାଇଥିଲା। ମନ୍ଦିର ଖୋଲିବା ପ୍ରସଙ୍ଗ ଡକ୍ଟର କୁମାର କହିଛନ୍ତି ଯେ ଏଥିପାଇଁ ମୁଖ୍ୟ ପରିଚାଳକଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କରାଯାଇଛି। ଭକ୍ତମାନେ କିଭଳି ଆସି ସୁରୁଖୁରୁରେ ଦର୍ଶନ କରିବେ ସେ ସଂକ୍ରାନ୍ତରେ ନିଷ୍ପତି ନିଆଯିବ। ନୀତି ପ୍ରଶାସକ ଓ ସେବାୟତମାନଙ୍କ ମତାମତ ଏ ସଂକ୍ରାନ୍ତରେ ଲୋଡ଼ାଯିବ। ଅନ୍ୟପଟେ ଐତିହାସିକ କରିଡ଼ର ନିର୍ମାଣ ନେଇ ଅଧିକୃତ ହୋଇଥିବା ଜମି ଶ୍ରୀମନ୍ଦିର ଖାତାକୁ ଆସିଥିବାବେଳେ ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପକୁ ସ୍ୱାଗତ କରାଯିବା ସହ ପରିଚାଳନା କମିଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛି। ଆସନ୍ତା ୧୯ ତାରିଖରେ ରୂପା କବାଟ ଡିଜାଇନ ଫାଇନାଲ ପାଇଁ ୨୦ଜଣିଆ କମିଟି ନିଷ୍ପତି ନେବାକୁ ଥିବାବେଳେ ପ୍ରାଥମିକ ସ୍ତରରେ ଆଠଗୋଟି ଦ୍ୱାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହେବ। ୨୭ ତାରିଖରେ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ କରାଯିବାକୁ ଥିବାବେଳେ ସେହି ବେଶ ଶୃଙ୍ଖଳିତ ଭାବେ ସମାପନ କରାଯିବାକୁ ନେଇ ଆଜି ବୈଠକରେ ଆଲୋଚନା ହୋଇଥିବାବେଳେ ଆଗାମୀ ଶନିବାର ଦିନ ଏନେଇ ଅଧିକ ଆଲୋଚନା କରାଯିବ। ସେବାୟତ କଲ୍ୟାଣ ନେଇ କରୋନା ସମୟରେ ୪ଥର ସହାୟତା ରାଶି ଯୋଗାଇ ଦିଆଯାଇଥିବାବେଳେ ପଂଚମ ଥର ଦିଆଯିବା ପାଇଁ ନିଷ୍ପତି ଉପରେ ଆଜି ବୈଠକରେ ଆଲୋଚନା କରାଯାଇଛି।

### ସ୍ୱାଭିମାନ ଅଂଚଳବାସୀଙ୍କ...

ତେଣୁ ସ୍ୱାଭିମାନ ଅଂଚଳରେ ଅଧିକ ହଳଦୀ ଚାଷ ସହିତ ପ୍ରକ୍ରିୟାକରଣ ଓ ବ୍ରାଂଡିଂ ପାଇଁ ପଦକ୍ଷେପ ନିଆଯାଇଛି। ବିଜୁଳି ସେବା ପାଇଁ ୩୩ / ୧୧କେଭି ସବ ଷ୍ଟେସନ କାମ ଖୁବ ଶୀଘ୍ର ଶେଷ ହେବ ଏବଂ ୧୧ କେଭି ୩ ଫେଜ ଲାଇନ ସଂଯୋଗ ଦିଆଯିବ। ଗାଁ ଗାଁ ରେ କଂକ୍ରିଟ ରାସ୍ତାଠାରୁ ଆରମ୍ଭ କରି ୭୮ କିମି ପିଚୁ ରାସ୍ତା ଓ ୭ଟି ସେତୁ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି। ଭଲ ପିଇବା ପାଣି ପାଇଁ ୨୦ କୋଟି ଟଙ୍କାରେ ଗୋଟିଏ ମେଗା ପାଇପ ୱାଟର ପ୍ରଜେକ୍ଟ ଆରମ୍ଭ ହୋଇଛି ଏବଂ ୨୫୦ଟି ନଳକୂପ କାମ ଶେଷ ହୋଇଛି। ୩୨ କୋଟି ଟଙ୍କା ଖର୍ଚ୍ଚରେ ଜଳସେଚନ ପାଇଁ ୪୩ଟି ଲିଫ୍ଟ ଇରିଗେସନ ପ୍ରକଳ୍ପ ଏବଂ ୪୧୯ଟି କ୍ଲଷ୍ଟର ଡିପ ବୋରୱେଲ କରାଯିବ। ଏହାଦ୍ୱାରା ୧୭୦୦ ହେକ୍ଟର ଜମିକୁ ପାଣି ମିଳିପାରିବ। ସ୍ୱାଭିମାନ ଅଂଚଳର ୮୨ଟି ଅଙ୍ଗନବାଡି କେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପ କେନ୍ଦ୍ର କାମ ଚାଲିଛି ଏବଂ ଖୁବ ଶୀଘ୍ର ଏହା ଶେଷ ହେବ ବୋଲି ସେ କହିଛନ୍ତି ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି ତଥା କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଲେ ଯେ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଂଳର ବିକାଶରେ ବୈପ୍ଳବିକ ପରିବର୍ତନ ଆସିଛି। ନବରଙ୍ଗପୁର ସାଂସଦ ଶ୍ରୀ ରମେଶଚନ୍ଦ୍ର ମାଝୀ ଏବଂ ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାକା ମଧ କାର୍ଯ୍ୟକ୍ରମରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ୱାଭିମାନ ଅଂଚଳ ବିକାଶ ସଂପର୍କିତ ଏକ ଚଳଚ୍ଚିତ୍ର ପଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ପ୍ରମୁଖ ସଚିବ, ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି ବିଭାଗ ସଚିବ, ଭାରତ ଇନଫ୍ରାଟେଲ ର ରାଜ୍ୟ ମୁଖ୍ୟ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

### ବିଧାନସଭା ପୂର୍ବରୁ ...

ବାଚସ୍ପତି ଡ. ପାତ୍ର କହିଛନ୍ତି ଶୀତକାଳୀନ ଅଧିବେଶନ ୪୦ ଦିନ ଚାଲିବ। ଗତଥର ଭଳି ଏଥର ମଧ୍ୟ ସମସ୍ତ ମନ୍ତ୍ରୀ ମଣ୍ଡଳର ସଦସ୍ୟ , ବିଧାୟକ/ବିଧାୟିକା, ବିଧାନସଭାର ସମସ୍ତ କର୍ମଚାରୀ, ଗଣମାଧ୍ୟମ ଓ ପୋଲିସ୍ କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ ହେବ। ଉଲ୍ଲେଖ୍ୟଯୋଗ୍ୟ ଆସନ୍ତା ୨୦ ତାରିଖରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଗତ ଅଧିବେଶନ ଭଳି ଏଥର ମଧ କରୋନା କଟକଣା ମଧରେ ଅଧିବେଶନ ଚାଲିବ। ଏହି ଅଧିବେଶନ ପାଇଁ ବିଧାନସଭା ପରିସରକୁ ଦିନକୁ ଦୁଇଥର ବିଶୋଧନ କରାଯିବ।

### ରାଜ୍ୟରେ ଆଉ...

କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲାର ୬୨ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି। ସୁବର୍ଣ୍ଣପୁର ଜିଲ୍ଲାର ୬୦ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୭୦ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି। ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୭୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ଜଣେ ୭୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

### ଲେଖାଶ୍ରୀଙ୍କ ମନ୍ତବ୍ୟ ...

ପ୍ରାର୍ଥୀ ହେବାରୁ ବିଶ୍ୱ ଜାଣିଲା ଯେ ଜଗନ୍ନାଥ ଓଡ଼ିଶାରେ ଅଛନ୍ତି। ବିଜେପି ଦଳ ଏଭଳି ଗର୍ବ ଏବଂ ଅହଂକାର ପରିତ୍ୟାଗ କରୁ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜଗନ୍ନାଥଙ୍କୁ ସମସ୍ତେ ଭକ୍ତି କରିଥାଆନ୍ତି। ରଥଯାତ୍ରା ଆମେରିକା, ଇଂଲଣ୍ଡ, ଜାପାନ, ଫ୍ରାନ୍ସ ପ୍ରଭୃତି ସାରା ବିଶ୍ୱରେ ବହୁଦେଶରେ ପାଳିତ ହେଉଛି। ବିଶ୍ୱର ବହୁଦେଶରୁ ବିଦେଶୀ ଲୋକ ପୁରୀ ଆସି ଜଗନ୍ନାଥଙ୍କ ସମ୍ପର୍କରେ ଜାଣନ୍ତି। ଆମେରିକା ଓ ଇଂଲଣ୍ଡ ପ୍ରଭୃତି ଦେଶର ଲୋକ ଜାଣନ୍ତି ଜଗନ୍ନାଥ ମନ୍ଦିର ପୁରୀରେ। ପଶ୍ଚିମବଙ୍ଗର ଲକ୍ଷ ଲକ୍ଷ ଭକ୍ତ ପୁରୀ ଆସିଥାନ୍ତି। ଭାରତର ଘରେ ଘରେ ଜାଣନ୍ତି ଜଗନ୍ନାଥ ମନ୍ଦିର କେଉଁଠି ମାତ୍ର ଏ କଥା ବିଜେପି ଦଳ ବା ତାଙ୍କର ନେତ୍ରୀ ନଜାଣିପାରିବା ଦୁର୍ଭାଗ୍ୟଜନକ। ଶ୍ରୀମତୀ ସାମନ୍ତସିଂହାର ସମ୍ବିତ ପାତ୍ରଙ୍କୁ ଖୁସି କରିବାକୁ ଯାଇ ଜଗନ୍ନାଥଙ୍କୁ ନ୍ୟୁନ କରିଦେଇଛନ୍ତି। ଜଣେ ଓଡ଼ିଆ କଦାପି ଏକଥା ସହ୍ୟ କରିପାରିବ ନାହିଁ। ସମ୍ବିତ ପାତ୍ର ପୁରୀରେ ଲୋକସଭାରେ ପ୍ରାର୍ଥୀ ହେବା ପୂର୍ବରୁ ଜଗନ୍ନାଥ ମନ୍ଦିର କଲିକତାରେ ଥିବା କଥା ଲୋକ ଭାବୁଥିଲେ ବୋଲି କହିବା ଏକ ହୀନମନ୍ୟତା ଏବଂ ଅବିବେକିତା ଓ ଅଂହଭାବ। ବିଜେପି ଦଳ କିଭଳି ଭାବରେ ତାଙ୍କର ମନ୍ତବ୍ୟକୁ ଏପର୍ଯ୍ୟନ୍ତ ନିନ୍ଦାକଲା ନାହିଁ ଏହା ମଧ ଚିନ୍ତାର ବିଷୟ। ନିଜର ମନ୍ତବ୍ୟ ପାଇଁ ଶ୍ରୀମତୀ ସାମନ୍ତସିଂହାର କ୍ଷମା ମାଗନ୍ତୁ ବୋଲି ଜଟଣୀ ବିଧାୟକ ଶ୍ରୀ ରାଉତରାୟ ଦାବି କରିଛନ୍ତି।

### ଦେଓ ଓ ମଧ୍ୟମ ଜଳ...

ଦେବୀଗଡ, ପୁରୁଣାପାଣି ଓ ସାନବାରାହାକାମୁଡା ଆଦି ୪ଟି ଗ୍ରାମ ସଂପୂର୍ଣ୍ଣ ବୁଡି ଅଂଚଳ ଗ୍ରାମ ଥିବାବେଳେ ବଡବାରାହାକାମୁଡା, କଦଳୀବାଡି, ରାଣିଭୋଳ, ବଡ ରାମଚନ୍ଦ୍ରପୁର, ଠାକୁରପାଟଣା ଓ ଶ୍ୟାମଚନ୍ଦ୍ରପୁର ଆଦି ୬ଟି ଗ୍ରାମ ଆଂଶିକ ବୁଡି ଅଂଚଳ ଗ୍ରାମର ବିସ୍ଥାପିତ ପରିବାର ଲୋକ ମାନଙ୍କୁ ସରକାରଙ୍କ ପୂର୍ନବାସ ଓ ଥାଇଥାନ ନିତିନିୟମାନୁସାରେ ଅନୁକମ୍ପା ସହାୟତା ପ୍ରଦାନ କରାଯାଇଥିବାବେଳେ ବହୁ ପ୍ରତିକ୍ଷିତ ଦେଓ ଜଳସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ବିତ କରାଯାଇ ଆଗାମୀ ୨୦୨୧ ଜୁନ୍ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରାଯିବା ବୈଠକରେ ଆଲୋଚନା ହୋଇଥିଲା। ଏଥି ପାଇଁ ବିସ୍ଥାପିତ ଓ ଥାଇଥାନ ସଂପର୍କୀତ ଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ, ସଂପୃକ୍ତ ବିଭାଗ ଓ ଜନପ୍ରତିନିଧ ଙ୍କ ସମ୍ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆଗେଇ ନେବାକୁ କେନ୍ଦ୍ରାଂଚଳ ରାଜସ୍ୱ କମିସନର ଶ୍ରୀ ସାମଲ ପରାର୍ମଶ ଦେଇଥିଲେ। ଏ ଦିଗରେ ବିଶେଷ କରି ପୁରଣା ବିସ୍ଥାପିତ ପରିବାରଙ୍କୁ ନୂତନ ବିସ୍ଥାପିତ ଅନୁଦାନ ରାଶି ସମାନ ହେବା ପାଇଁ ଅନୁକମ୍ପା ସହୟତା ପ୍ରଦାନ କରାଯିବା ପାଇଁ ଆଲୋଚନା କରାଯାଇ ଆବଶକୀୟ ରାଶି ପ୍ରଦାନ କରିବା ପାଇଁ ସରକାର ଙ୍କ ଅନୁମୋଦନ ନିମନ୍ତେ ସୁପାରିଶ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଏଥିପାଇଁ ୨୦୧୭ ଜାନୁୟାରୀ ମାସ ସୁଦ୍ଧା ଯେଉଁ ମାନଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ ହୋଇଥିବ ନୂତନ ବିସ୍ଥାପିତ ହିସାବରେ ନିଆଯାଇ ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯିବା ପାଇଁ ଅନୁମୋଦନ ନିମନ୍ତେ ନିଷ୍ପତି ନିଆଯାଇଥିଲା। ସେହିପରି ସମସ୍ତ ବିସ୍ଥାପିତ ମାନଙ୍କ ପୁନଃ ଥଇଥାନ ଓ ପାରିପାର୍ଶ୍ଵିକ ବିକାଶ କାର୍ଯ୍ୟକ୍ରମରେ ବିସ୍ଥାପିତ କୋଲନୀ ଅଂଚଳରେ ଗମନା ଗମନ ରାସ୍ତା ସଂଯୋଗୀକରଣ, ପାନୀୟ ଜଳଯୋଗାଣ, ବିଦ୍ୟୁତ୍ ଆଲୋକ ଯୋଗାଣ ପିଲାମାନଙ୍କ ଶିକ୍ଷା ବ୍ୟବସ୍ଥା ଆଦି ଆନୁସଙ୍ଗିକ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ସହ ଭିତିଭୂମି ବିକାଶ କାର୍ଯ୍ୟକ୍ରମ ତ୍ୱରାନ୍ବିତ କରାଯିବା ନିଷ୍ପତି ଗ୍ରହଣ କରାଯାଇଛି। ଏହି ବୈଠକରେ ବିସ୍ଥାପିତ ମାନଙ୍କୁ ସମସ୍ତ ସୁବିଧା ପ୍ରଦାନ ପୂର୍ବକ ବୁଡି ଅଂଚଳରୁ ଏହିବର୍ଷରୁ ବିସ୍ଥାପିତ ହୋଇ ନୂତନ କୋଲନୀରେ ସ୍ଥାନାନ୍ତର ପାଇଁ ବିହିତ ପଦକ୍ଷେପ ପାଇଁ କେନ୍ଦ୍ରାଂଚଳ ଗୁରୁତ୍ୱାରୋପ କରିଥିଲେ।

### ଦୁଇଶହ ବର୍ଷର...

ଏଥି ସହିତ ପୂଜାଡାଲାରେ ନଡ଼ିଆକୋରା ମିଠାଇ ଭୋଗକୁ ମଧ୍ୟ ଏଠାରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଅପୁତ୍ରିକ ନାରୀ ପୁତ୍ରବତୀ ହେବା ପାଇଁ କାହିଁ କେଉଁ ଅମଳରୁ ଏହି ପରମ୍ପରା ଚଳି ଆସୁଛି। ଏଠାରେ ଭକ୍ତମାନେ କରୁଥିବା ମାନସିକ ପୂର୍ଣ୍ଣ ହେଉଥିବା ବେଳେ ପ୍ରତିବର୍ଷ ହଜାରେରୁ ଉର୍ଦ୍ଧ୍ୱ ବ୍ରତୀ ଡଲା ଲଗାଇଥା'ନ୍ତି। ମାତ୍ର ଚଳିତ ବର୍ଷ କରୋନା କଟକଣା ଓ ସତର୍କତାକୁ ଗୁରୁତ୍ୱ ଦେଇ ବ୍ରତଧାରୀମାନେ ଅଧିକ ଭିଡ଼ ନ କରି ସାମାଜିକ ଦୂରତା ରକ୍ଷା ପୂର୍ବକ ମାଆଙ୍କଠାରେ ସଂକଳ୍ପ କରିଥିବା ଦେଖିବାକୁ ମିଳିଥିଲା। ମୟୂର ବାହାନ ସହିତ ଚିରକୁମାର ପ୍ରଭୁ କାର୍ତ୍ତିକ ଦେବଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ବାରବାଟୀର ଏହି ମଣ୍ଡପ ବେଶ୍ ଆର୍ଷଣୀୟ ହୋଇଥିଲା।

### ଆଇତିପୁର ଓ ଥାଉରି ପ୍ରାଥମିକ ସ୍କୁଲକୁ ମିଶ୍ରଣର ପ୍ରତିବାଦ

କେନ୍ଦ୍ରାପଡ଼ା,୧୭।୧୧ (ନି.ପ୍ର): ଜିଲ୍ଲାର ମାର୍ଶାଘାଇ ବ୍ଲକରେ ଥିବା ଥାଉରି ପ୍ରାଥମିକ ବିଦ୍ୟାଳୟ ଓ ମହାକାଳପଡା ବ୍ଲକରେ ଥିବା ଆଇତିପୁର ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ଗ୍ରାମବାସୀ ମାନେ ବିରୋଧ କରିଛନ୍ତି। ଏହି ଦୁଇ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଥିବାରୁ ଅବିଭାବକ ଓ ଗ୍ରାମବାସୀ ମାନେ ଏହାର ପୁନଃ ବିଚାର ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଦୁଇଶହ ବର୍ଷର ବାରବାଟୀ ବୁଢ଼ାକାର୍ତ୍ତିକଙ୍କ ପୂଜା ସମ୍ପନ୍ନ

ବାଲେଶ୍ୱର,୧୭।୧୧ (ନି.ପ୍ର): ଉତ୍କଳୀୟ ପରମ୍ପରାରେ ବାର ମାସରେ ୧୩ ପର୍ବ ମଧ୍ୟରୁ ମାର୍ଗଶୀର ମାସ ସଂକ୍ରାନ୍ତିରେ ଚିରକୁମାର ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜାର ମହତ୍ୱ ବେଶ୍ ଅଧିକ। ରାଜ୍ୟର କୋଣ ଅନୁକୋଣରେ ଏହି ପୂଜା କରାଯାଉଥିବା ବେଳେ ବାଲେଶ୍ୱରରେ କିଛିଟା ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ସାର୍ବଜନୀନ ମଣ୍ଡପ ସାଙ୍ଗକୁ ମାନସିକଧାରୀମାନେ ନିଜ ଘରେ କୁମାର କାର୍ତ୍ତିକଙ୍କ ପୂଜା କରିଥିଲେ ବି ବାଲେଶ୍ୱର ସହରର ବାରବାଟୀର ବୁଢ଼ା କାର୍ତ୍ତିକ ନିଆରା ପୂଜା ସମସ୍ତଙ୍କୁ ଆକର୍ଷିତ କରିଥାଏ। ୧୮୩୭ ମସିହାରୁ ପାଖାପାଖି ୨ଶହ ବର୍ଷ ଧରି ଏହି ମଣ୍ଡପରେ ପ୍ରଭୁ କାର୍ତ୍ତିକେଶ୍ୱର ପୂଜା ପାଇ ଆସୁଛନ୍ତି। ନିଶାର୍ଦ୍ଧରେ ବୁଢ଼ାବଳଙ୍ଗ ନଦୀର ବାଲିଘାଟରୁ ଘଟ ଉତ୍ତୋଳନ ସହ ରାତ୍ରିର ୪ ପ୍ରହରରେ ଷୋଡ଼ଶ ଉପଚାର ପୂଜା ମାଧ୍ୟମରେ ପ୍ରଭୁ ବୁଢ଼ା କାର୍ତ୍ତିକଙ୍କୁ ଏଠାରେ ଆରଧନା କରାଯାଇଥାଏ। ମାନସିକ ଧାରୀମାନେ ଗୋଟିଏ ଦିନ ଆଗରୁ ଏକବାର ପାଳନ ସହ ପୂଜା ଦିନ ଉପବାସ ରହି ପ୍ରଭୁଙ୍କୁ ଭକ୍ତି ଓ ନିଷ୍ଠାର ସହ ପୂଜା କରିଥା'ନ୍ତି। ଭୋର ଭୋର ପ୍ରଭୁଙ୍କୁ ବିସର୍ଜନ କରିବା ପରେ ଉପବାସ ଥିବା ଶ୍ରଦ୍ଧାଳୁମାନେ ଭୋଗ ଗ୍ରହଣ କରିଥା'ନ୍ତି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଏଠାରେ ମାନସିକଧାରୀମାନେ ପୂଜାଡାଲାରେ ଫଳମୂଳ ଓ ଅନ୍ୟାନ୍ୟ ଭୋଗ ସାମଗ୍ରୀ ସହ ଖେଳଣା ପ୍ରଦାନ କରିଥା'ନ୍ତି। ଛୋଟପିଲାମାନଙ୍କୁ ପିତାମାତାମାନେ ବାବୁ, ବୁଢ଼ା ଆଦି ସମ୍ବୋଦନ କରିବା ସହ ତାଙ୍କ ହାତରେ ଖେଳଣାଟିଏ ଧରାଇ ଦେଲେ ସେମାନେ ଯେମିତି ଖୁସୀ ହୋଇଥା'ନ୍ତି, ସେହିଭଳି ଏଠାରେ କୁମାର କାର୍ତ୍ତିକଙ୍କୁ ବୁଢ଼ା ବୋଲି ସମ୍ବୋଧନ କରାଯାଇଥାଏ ବୋଲି ସ୍ଥାନୀୟ ଅଞ୍ଚଳର ପୁରୁଖା ଲୋକେ ସୂଚନା ଦେଇଛନ୍ତି। ସେଇଥିପାଇଁ ପ୍ରତ୍ୟେକ ମାନସିକଧାରୀ ଭୋଗଡାଲାରେ ଛୋଟ ହେଉପଛେ ଖେଳଣାଟିଏ ରଖିବାକୁ କେବେ ଭୁଲିନଥା'ନ୍ତି।

▶▶ପୃଷ୍ଠା ୭

## ୧୯ରେ କିଷାନ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୭।୧୧ (ନି.ପ୍ର): ଓଡିଶା ପ୍ରଦେଶ କିଷାନ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୧୯ ତାରିଖ ପୂର୍ବାହ୍ନରେ କଂଗ୍ରେସ ଭବନ ଠାରେ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଅମୀୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ଖରିପ୍ ଧାନର ଅଭାବୀ ବିକ୍ରୀ ଓ ଟୋକନ୍ ସମସ୍ୟା, କୃଷକ ବିରୋଧି ତିନୋଟି କଳା କୃଷି ଆଇନ୍‌ର ପ୍ରତ୍ୟାହାର, କୃଷି ଋଣ ଛାଡ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରେ କୃଷି ଓ କୃଷକମାନଙ୍କ ସମସ୍ୟା ଓ ଏହାର ସମାଧାନ ଏବଂ ସାଂଗଠନିକ କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ଆଲୋଚନା କରାଯିବ।

# ୧୧ ବ୍ଲକ ପାଇଁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଚୁକ୍ତି ସ୍ୱାକ୍ଷର

### ଇ ଏବଂ ପି ସେକ୍ଟରରେ କ୍ରମାଗତ ସଂସ୍କାର ଭାରତକୁ ଉର୍ଜା କ୍ଷେତ୍ରରେ କରିଛି ଆତ୍ମନିର୍ଭର : ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ଭୁବନେଶ୍ୱର,୧୭।୧୧ (ନି.ପ୍ର): ନୂଆଦିଲ୍ଲୀ ଠାରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଓପନ୍ ଏକରେଜ୍ ଲାଇସେନ୍ସି ପଲିସି(ଓଏଏଲପି)ର ପଂଚମ ବିଡ୍ ରାଉଣ୍ଡ ଅଧୀନରେ ପୁରସ୍କାର ପ୍ରାପ୍ତ ୧୧ଟି ତୈଳ ଏବଂ ଗ୍ୟାସ ବ୍ଲକ ପାଇଁ ଚୁକ୍ତିସ୍ୱାକ୍ଷର କରିଛି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନ୍ୱେଷଣ ଏବଂ ଉତ୍ପାଦନ(ଇ ଏବଂ ପି) ସେକ୍ଟରରେ ଭାରତ ସରକାରଙ୍କ କ୍ରମାଗତ ବଜାର ସହଯୋଗୀ ସଂସ୍କାର ଫଳରେ ଇଜ୍ ଅଫ୍ ଡୁଇଙ୍ଗ ବିଜନେସକୁ ପ୍ରୋତ୍ସାହନ ମିଳିଛି ଏବଂ ଭାରତକୁ ଉର୍ଜା କ୍ଷେତ୍ରରେ ଆତ୍ମନିର୍ଭର କରିଛି । ଆଗାମୀ ଦିନରେ ଟେକ୍ନୋଲୋଜି ଏବଂ ଅନ୍ୟାନ୍ୟ ଉପାୟରେ ଘରୋଇ ଉତ୍ପାଦନକୁ ବୃଦ୍ଧି କରିବା ତଥା ଦେଶର ଆମଦାନୀ ନିର୍ଭରତାକୁ ହ୍ରାସ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି ଶ୍ରୀ ପ୍ରଧାନ। ଓଏଓଲପିର ପଂଚମ ରାଉଣ୍ଡ ଅଧୀନରେ ବିଗତ ବର୍ଷ ମାନଙ୍କରେ ବ୍ଲକ ପୁରସ୍କୃତ ହେବା ନୂଆ ଅନ୍ୱେଷଣ ଲାଇସେନ୍ସିଂ ପଲିସି(ଏନଇଏଲପି) ଦିଗରେ ବୃହତ ପଦକ୍ଷେପ। ଏହି ଅବସରରେ ଶ୍ରୀ ପ୍ରଧାନ ଇ ଏବଂ ପି ବ୍ଲକର ବିଡିଂ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ରାଷ୍ଟ୍ରାୟତ ତୈଳ ଉଦ୍ୟୋଗ ଇଣ୍ଡିଆନ ଅଏଲ ଏବଂ ଓଏନଜିସିକୁ ଅଭିନନ୍ଦନ ଜଣାଇଛନ୍ତି। ଏହା ଦ୍ୱାରା ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଅନ୍ୱେଷଣ ପ୍ରକ୍ରିୟା ଏବଂ ଉତ୍ପାଦନରେ ଦ୍ରୁତ ବୃଦ୍ଧି ହେବ। ଓଏଏଲପିରେ ଏନଇଏଲପିର ସମସ୍ତ ନିୟମାବଳିକୁ ପାଳନ କରାଯାଇଛି। ପୂର୍ବରୁ ଅନ୍ୱେଷଣ ଏକ୍ରେଜରେ ୮୦,୦୦୦ ବର୍ଗ କିମି ପରିମିତ କ୍ଷେତ୍ରରେ ଉପଲବ୍ଧ ଥିବାବେଳେ ବର୍ତମାନ ଓଏଏଲପି ପଂଚମ ରାଉଣ୍ଡରେ ପୁରସ୍କୃତ ବ୍ଲକ ଦ୍ୱାରା ଏହା ପାଖାପାଖି ବଢି ୨ ଲକ୍ଷ ୩୭ ହଜାର ବର୍ଗ କିମି ଉପଲବ୍ଧ ହୋଇଛି ବୋଲି ସେ କହିଛନ୍ତି। ଉଲ୍ଲେଖନୀୟ ଯେ, ଚଳିତବର୍ଷ ଜାନୁଆରୀ ୧୪ ତାରିଖରେ ଏହି ରାଉଣ୍ଡର ଶୁଭାରମ୍ଭ ହୋଇଥିଲା ଏବଂ କୋଭିଡ୍ ମହାମାରୀ ସତ୍ୱେ ବିଡ଼ିଂ ସଫଳତାର ସହ ଜୁନ ୩୦ରେ ସମାପ୍ତ ହୋଇଥିଲା ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ବ୍ୟାଙ୍କ ଅଧିକାରୀଙ୍କ ଘରେ ବୁଲାଇଲେ କଳାକନା

ବାଲେଶ୍ୱର,୧୭।୧୧ (ନି.ପ୍ର): ବାଲେଶ୍ୱର ସହର ସମେତ ଆଖପାଖ ଅଞ୍ଚଳରେ ସମ୍ପ୍ରତି ବଢ଼ିଚାଲିଥିବା ଅପରାଧ ସାଙ୍ଗକୁ ବିଗୁଡ଼ିଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ରାସ୍ତାଘାଟରେ ଛିନ୍‌ତାଇ ରାହାଜାନୀ ସାଙ୍ଗକୁ ଏବେ ଦୁର୍ବୃତ୍ତମାନେ ଘରେ ପଶି ଲୁଟ୍‌ତରାଜ ବି କଲେଣି। ରାଣୀପାଟଣା ଅଞ୍ଚଳରେ ରହୁଥିବା ବ୍ୟାଙ୍କ ଅଫିସରଙ୍କ ଭଡ଼ାଘରୁ ସେ ନଥିବା ବେଳେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଆଦି ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ,ବିବେକାନନ୍ଦ ମାର୍ଗ ଶାଖାର ସହକାରୀ ପରିଚାଳକ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନନ୍ଦିପଦା ଅଞ୍ଚଳର ବସନ୍ତ କୁମାର ରାଉତ ଗତ ତିନିମାସ ଧରି ସହରର ରାଣୀପାଟଣାରେ ଡାକ୍ତର ପୀତବାସ ଦାସ ତଥା ବନ୍ଦନା ଜେନାଙ୍କ ଘରେ ଭଡ଼ାରେ ରହୁଥିଲେ। ତେବେ ଡାକ୍ତର ପୀତବାସ ଦାସ କେନ୍ଦୁଝର ଜିଲ୍ଲା ପଦ୍ମପୁର ସିଏଚସିରେ ଚାକିରି କରନ୍ତି। ସେମାନେ ବି ଗତ କିଛିଦିନ ଧରି କେନ୍ଦୁଝରରେ ରହୁଥିଲେ। ଅନ୍ୟପକ୍ଷରେ ବ୍ୟାଙ୍କ ଅଧିକାରୀ ଶ୍ରୀ ରାଉତ ଦୀପାବଳି ପାଇଁ ଗତ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲା ପୈତୃକ ଗୃହକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ରାଣୀପାଟଣା ଭଡ଼ାଘରରେ ପଶି କଳାକନା ବୁଲାଇଥିଲେ। ଛାତ ସିଡ଼ିଘର କବାଟ ତାଡ଼ି ସେମାନେ ଭିତରକୁ ପଶିବା ସହିତ ଘରେ ଥିବା ନଗଦ ଟଙ୍କା ସୁନା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନେଇ ଯାଇଛନ୍ତି। ବ୍ୟାଙ୍କ ଅଧିକାରୀ ଶ୍ରୀ ରାଉତ ସୋମବାର ଦିନ ୧୦ଟାରେ ବାଲେଶ୍ୱରରେ ପହଞ୍ଚି ସିଧା ବ୍ୟାଙ୍କକୁ ଚାଲିଯାଇଥିଲେ। ଅଫିସରୁ ଫେରିବା ପରେ ଘରେ ଏଭଳି ଅବସ୍ଥା ଦେଖି ସେ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରଖିଛି।

# ମୃର୍ତ୍ତିକା ସଂଗ୍ରକ୍ଷଣ ବିଭାଗର ଫାର୍ମପୋଣ୍ଡ ଖନନରେ ଦୁର୍ନିତୀ ଗନ୍ଧ

### ଜଣେ ହିତାଧିକାରୀଙ୍କ ନାମରେ ୨ଟି ପ୍ରକଳ୍ପ : ବ୍ୟାପକ ଅନିୟମିତତା ଅଭିଯୋଗ

ଜଳେଶ୍ୱର,୧୭।୧୧ (ନି.ପ୍ର): ଜଳେଶ୍ୱର ବ୍ଲକର କେତେକସ୍ଥାନରେ ମୃର୍ତ୍ତିକ ସଂଗ୍ରକ୍ଷଣ ବିଭାଗ ପକ୍ଷରୁ ମନରେଗା ଯୋଜନାରେ ଫାର୍ମପଣ୍ଡ ଖୋଳା ଯାଇଥିବା ବେଳେ ଏଥିରେ ବ୍ୟାକପ ଦୁର୍ନିତୀ ଓ ଅନୀୟମିତତା ହୋଇଥିବାର ଅଭିଯୋଗ ଆସିଛି। ଏ ସଂର୍ପରେ ଭିଜିଲାନ୍ସ ବିଭାଗ ତଦନ୍ତ କରିବାକୁ ରାଇବଣିଆର ବହୁବ୍ୟକ୍ତି ଦାବି କରିଛନ୍ତି । ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ଅଂଚଳ ଉଚ୍ଚ ପାହାଡିଆ ହୋଇଥିବା ବେଳେ ଅଶୀଭାଗ ଲୋକ ଗରିବ ଶ୍ରେଣୀର । ଉଚ୍ଚ ପାହାଡିଆ ଓ ଶୁଷ୍କ ସକ୍ତମୃର୍ତ୍ତିକା ହୋଇଥିବାରୁ ରାଇବଣିଆର ଓଲମରା, ମାକିଡିଆ, ଖୁଦିଆମାଝିସାହି, ସର୍ଦ୍ଦାରବନ୍ଧ, ରାଇବଣିଆ, ବରଡିହା, ଖଉଆଡ , ଶ୍ୟାମନଗର ଓ କାଳିକ ପଂଚାୟତରେ ମୃର୍ତ୍ତିକ ସଂଗ୍ରକ୍ଷଣ ଓ ମୃର୍ତ୍ତିକର ଆଦ୍ରତା ରକ୍ଷାଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୨୦୧୯-୨୦୦ରୁ ଅଦ୍ୟାବଧି ଶ୍ୟାମନଗର ଓ କାଳିକ ପଂଚାୟତରେ ଓପରୋକ୍ତ ବିଭାଗ ପକ୍ଷରୁ ମନରେଗା ଯୋଜନାରେ ବହୁଫାର୍ମ ପଣ୍ଡ ଖନନ ହୋଇଛି । ଏହି ଖନନରେ ବ୍ୟାପକ ଅନୀୟମିତତ ଓ ଦୁର୍ନିତି ହୋଇଥିବାର ଅଭିଯୋଗ ହେଉଛି । ଶ୍ୟାମନଗର ପଂଚାୟତର ବେଗୁନିଆ ଗାଁରେ ୨୦ଜଣଙ୍କର ଓ ଶ୍ୟାମନଗର ଗାଁରେ ୨ଜଣଙ୍କର ଫାର୍ମପଣ୍ଡ ଖନନ ହୋଇଥିବା ସୂଚନା ଅଧିକାର ଆଇନ୍ ବଳରେ ଜଣିବାକୁ ମିଳିଛି। ପ୍ରକାଶଯୋଗ୍ୟ ବେଗୁନିଆ ଗାଁର ହିତାଧିକାରୀ ଘନଶ୍ୟାମ ପାତ୍ରଙ୍କ ନାମରେ ଏକ ଫାର୍ମପଣ୍ଡ ଖୋଳାଯାଇ ୧ଲକ୍ଷ୬୫ହଜାର ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ତାଙ୍କ ୱାର୍କ କୋଡ ନଂ ଘଟଣାସ୍ଥଳରେ ୧୦୪୦୬୫୮୫ ବୋଲି ଫଳକରେ ଲେଖା ଥିବା ବେଳେ ସୂଚନା ଅଧିକାର ଆଇନ୍ ବଳରେ ପ୍ରାପ୍ତ ତାହା ଭୁଲ ବୋଲି ଜଣାଯାଇଛି । ଘନଶ୍ୟାମ ପାତ୍ରଙ୍କ ନାମରେ ଥିବା ପୋଖରୀର କୋଡ ନଂ ୧୦୪୦୫୩୯୫ ବୋଲି ଉଲ୍ଲେଖ ରହିଛି । ସେହିପରି ଘନଶ୍ୟମ ପାତ୍ରଙ୍କ ନାମରେ ଆଉଏକ ପୋଖରି ଖନନ ହୋଇଥିବା ବେଳେ ତାର କୋର୍ଡ ନଂ ସୂଚନା ଫଳକରେ ଲେଖା ନାହିଁ । କିନ୍ତୁ ସୂଚନା ଅଧିକାର ଆଇନ୍‌ରେ ଘନଶ୍ୟାମଙ୍କ ବାପା ଭାଗବତ ପାତ୍ରଙ୍କ ନାମରେ ୧୦୪୦୫୫୮୫ କୋର୍ଡ ନଂରେ ଏକ ପୋଖରୀ ଖୋଳା ଯାଇଥିବା ଦର୍ଶାସାଇଛି । ପୁଣି ବହୁ ଲୋକଙ୍କର ନିର୍ଦ୍ଦିଷ୍ଟ ପ୍ଲଟ ରେ ଫାର୍ମପଣ୍ଡ ଖୋଳାନଯାଇ ଅନ୍ୟତ୍ର ଖୋଳାଯାଇଥିବା ଦେଖିବାକୁ ମିଳିଛି । ବହୁ ତଥ୍ୟରେ ତାଳମେଳ ରହୁନଥିବାରୁ ଗରିବ ଲୋକଙ୍କ ଲାଗି ଉଦ୍ଦିଷ୍ଟ ଏହି ଯୋଜନାର ବାଟମାରଣାକୁ ନେଇ ବହୁଲୋକ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

# ୪ର୍ଥ ଦିବସରେ ମା' ଭଦ୍ରକାଳୀଙ୍କ ସିଂହବାହିନୀ ବେଶ



ଭଦ୍ରକ,୧୭।୧୧ (ନି.ପ୍ର): ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ଚତୁର୍ଥ ଦିନରେ ମା' ସିଂହବାହିନୀ ବେଶରେ ସଜ୍ଜିତ ହୋଇଥିଲେ। ମା'ଙ୍କୁ ଆଜି ଏହି ପୀଠରେ ଦୁର୍ଗତୀ ନାଶିନୀ ସିଂହବାହିନୀ ବେଶରେ ପୂଜା କରାଯାଇଛି। ସିଂହ ମା'ଙ୍କର ବାହନ ଥିବା ବେଳେ ନାଲିପାଟ ବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ, ରୌପ୍ୟ, ଅଳଙ୍କାରରେ ଭୂଷିତା ହୋଇଛନ୍ତି ମା' ଭଦ୍ରକାଳୀ। ଚାରି ହସ୍ତରେ ଖଡ଼ଗ, ତ୍ରିଶୂଳ, ଶଙ୍ଖ, ଚକ୍ର ଧାରଣ କରି ଚତୁର୍ଦ୍ଧା ମୂର୍ତ୍ତିରେ ରକ୍ତବର୍ଣ୍ଣା ହୋଇ ପ୍ରକଟ ହୋଇଛନ୍ତି ମା'ଭଦ୍ରକାଳୀ। ମହିଷାସୁରକୁ ବଧ କରି ଧରାରୁ ପାପକୁ ବିଦାୟ ଦେଇଛନ୍ତି। ସିଂହବାହିନୀ ବେଶକୁ ଦର୍ଶନ କଲେ ଭକ୍ତଙ୍କର ଗ୍ରହଦଶା, ରିଷ୍ଟ ଖଣ୍ଡନ ତଥା ସମସ୍ତ ବିପଦ ଦୂର ହୁଏ ବୋଲି ବିଶ୍ୱାସ କରାଯାଏ। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଏହି ପୀଠକୁ ମଧ ଦୁର୍ଗା ମାଧବ ପୀଠ ବୋଲି କୁହାଯାଇଥାଏ। ତଥ୍ୟ ଅନୁଯାୟୀ ଉତ୍କଳର ଶେଷ ରାଜା ମୁକୁନ୍ଦ ଦେବ ଯେତେବେଳେ ଗୋହିରାଟିକିରୀ ଯୁଦ୍ଧ ଯାତ୍ରାରେ ଆସିଥିଲେ, ସେ ତାଙ୍କର ଅଙ୍ଗ ଦେବତା ଭାବେ ସାଙ୍ଗରେ ଆଣିଥିବା ଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଏହି ପୀଠରେ ରଖି ପୂଜା କରିଥିଲେ ଏବଂ ଅଦ୍ୟାବଧି ସେହି ଚତୁର୍ଦ୍ଧା ମୂର୍ତ୍ତି ମା' ଭଦ୍ରକାଳୀଙ୍କ ପାର୍ଶ୍ୱ ଦେବତା ଭାବେ ପୂଜା ପାଇ ଆସୁଛନ୍ତି। ଗୋଟିଏ ପାର୍ଶ୍ୱରେ ମା' ଭଦ୍ରକାଳୀ ଏବଂ ଅପର ପାର୍ଶ୍ୱରେ ମାଧବ ରୂପୀ ଜଗନ୍ନାଥ ପୂଜା ପାଉଥିବାରୁ ଏହି ପୀଠକୁ ଦୁର୍ଗା ମାଧବ ପୀଠ କୁହାଯାଇଥାଏ । ଆଜି ମା'ଙ୍କ ସିଂହ ବାହିନୀ ବେଶ ସହିତ ପୀଠରେ ନାମ ସଂକୀର୍ତ୍ତନ, ସପ୍ତଶତୀ ଚଣ୍ଡିପାଠ, ନାମଯଜ୍ଞ, ବେଦପାଠ ଆଦି ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ମା'ଙ୍କର ଜଗଦ୍ଧାତ୍ରୀ ବେଶ ଅନୁଷ୍ଠିତ ହେବ ।

## ବର୍ଦ୍ଧିତ ଫିକୁ ବିରୋଧ କରି ଓୟୁଏଟି କୁଳପତିଙ୍କୁ ଦାବିପତ୍ର

ଭୁବନେଶ୍ୱର,୧୭।୧୧ (ନି.ପ୍ର): ଅଖିଳ ଭାରତୀୟ କୃଷି ଛାତ୍ର ଆୟାମ ଏଗ୍ରିଭିଜନ ଓଡିଶା ତରଫରୁ କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ବର୍ଦ୍ଧିତ ଫି ଓ ବିଦ୍ୟାର୍ଥୀ ମାନଙ୍କଠାରୁ କରୋନା ପୂର୍ବରୁ ନେଇଥିବା ହଷ୍ଟେଲ ଫିକୁ ବିରୋଧ କରି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଦାବିପତ୍ର ଦିଆଯାଇଛି। ଛାତ୍ରଛାତ୍ରୀମାନେ କରୋନା ର୍ପୂବରୁ ହଷ୍ଟେଲ ଫି ଦେଇଥିଲେ, ମାତ୍ର କରୋନା ହେବା ପରେ ବିଶ୍ୱବିଦ୍ୟାଳୟ ବନ୍ଦ ହେବା ସହ ସେଠାରେ କେହି ରହୁ ନଥିଲେ। ପୁଣି ବର୍ଦ୍ଧିତ ଫି ବିଦ୍ୟାର୍ଥୀମାନଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଗ୍ରିଭିଜନ ଓଡିଶା ବିଶ୍ୱବିଦ୍ୟାଳୟ ଫିହ୍ରାସ କରିବା ସହ ଛାତ୍ର/ଛାତ୍ରିମାନଙ୍କ ହଷ୍ଟେଲ ଫି ଫେରାଇବାକୁ ଦାବି କରିଛି। ଯଦି ଏବାବଦରେ ଦୃଢ କାର୍ଯ୍ୟାନୁଷ୍ଠାନ ନନିଆଯାଏ ତେବେ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି,ଏଗ୍ରିଭିଜନ ରାଜ୍ୟ ସଂଯୋଜକ ଚଣ୍ଡିପ୍ରସାଦ ସୁଆର କହିଛନ୍ତି।

# ଦେଓ ଓ ମଧ୍ୟମ ଜଳ ସେଚନ ପ୍ରକଳ୍ପର ୫ମ ଆର୍ ପିଡିଏସି ବୈଠକ

### ପ୍ରକଳ୍ପ କାର୍ଯ୍ୟରେ ପୁର୍ନବାସ ଓ ଥଇଥାନ ତଥା ପାରିପାର୍ଶିକ ବିକାଶ କାର୍ଯ୍ୟକ୍ରମ ଅଗ୍ରଗତି ସ୍ଥିତି ସଂପର୍କରେ ଆଲୋଚନା ମୂଳକ ସମୀକ୍ଷା




ବାରିପଦା,୧୭।୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲାର ପାଂଚପୀଢ କରଂଜିଆ ଉପଖଣ୍ଡ ଅନ୍ତର୍ଗତ ଦେଓ ମଧ୍ୟମ ଜଳ ସଚେନ ପ୍ରକଳ୍ପର ୫ମ ଆର୍‌ପିଡିଏସସି (ପୁର୍ନବାସ ଓ ଥଇଥାନ ତଥା ପାରିପାର୍ଶିକ ବିକାଶ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ ତା. ୧୬.୧୧.୨୦୨୦ ରିଖ ପୂର୍ବାହ୍ନରେ ବାରିପଦା ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ କେନ୍ଦ୍ରାଂଚଳ ରାଜସ୍ୱ କମିସନର ଓଡିଶା, କଟକ ତଥା ଅଧକ୍ଷ ଆର.ପି.ଡି.ଏସ୍.ସି, ମୟୂରଭ ଅନିଲ୍ କୁମାର ସାମଲ ଭା.ପ୍ର.ସେ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, କରଂଜିଆ ବିଧାୟିକା ବାସନ୍ତି ହେମ୍ବ୍ରମ୍, ଜିଲ୍ଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ଜିଲ୍ଲାପାଳ ମୟୂରଭ ବିନୀତ୍ ଭରଦ୍ୱାଜ୍ , ଭାପ୍ରସେ, ଜଳସମ୍ପଦ ବିଭାଗର (ଆର୍ ଆର୍) ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, କେନ୍ଦ୍ରାଂଚଳ ରାଜସ୍ୱ ଆୟୋଗ ଙ୍କ ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ, ଦେଓ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମହେନ୍ଦ୍ର କୁମାର ଭୂୟା, ଉପଜିଲ୍ଲାପାଳ କରଂଜିଆ ଡ. ରଜନୀକାନ୍ତ ବିଶ୍ୱାଳ, ପ୍ରମୁଖ ସମେତ ନିର୍ବାହୀ ଯନ୍ତ୍ରୀ ଅନିଲ୍ କୁମାର ପାଣିଗ୍ରାହୀ, ସତନ୍ତ ଭୂ-ଅର୍ଜନ ଅଧିକାରୀ ଦୁଃଖବନ୍ଧୁ ନାୟକ, ସଂପୃକ୍ତ ବିଭାଗ ପଦାଧିକାରୀ ଏବଂ ବିସ୍ଥାପିତ ତଥା ବୁଡି ଅଂଚଳର ଜନପ୍ରତିନିଧି ମାନେ ଯୋଗ ଦେଇ ଦେଓ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶେଷ କରି ବିସ୍ଥାପିତ ଅଂଚଳ ପୂର୍ଣ୍ଣବାସ ଓ ଥଇଥାନ ତଥା ପାରିପାର୍ଶିକ ବିକାଶ ଆଦି ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସୂଚନା ଯୋଗ୍ୟଯେ ମୟୂରଭ ଜିଲ୍ଲାର ପାଂଚପୀଢ କଂରଜିଆ ଉପଖଣ୍ଡ ଅଂଚଳ ହାତୀବାରୀ ଠାରେ କାର୍ଯ୍ୟକାରୀ କରାଯାଉଥିବା ମଧ୍ୟମ ଜଳସେଚନ ପ୍ରକଳ୍ପ ଯୋଜନାରେ ମୟୂରଭ ଜିଲ୍ଲାର ୬୬୭୭ ହେକ୍ଟର ଓ କେନ୍ଦୁଝର ଜିଲ୍ଲାର ୩୨୨୩ ହେକ୍ଟର ମୋଟ୍ ୯୯୦୦ ହେକ୍ଟର କୃଷି ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବା ଧାର୍ଯ୍ୟ ଲକ୍ଷ୍ୟ ଥାଇ ୧୯୯୨ ମସିହା କାର୍ଯ୍ୟକାରୀ କରାଯାଇଆସୁଥିବା ଏହି ପ୍ରକଳ୍ପ ଦ୍ୱାରା ହାତୀବାରି,

▶▶ପୃଷ୍ଠା ୭

## ୬୦ନଂ ଜାତୀୟ ରାଜପଥରେ ଆଲୋକିକରଣ ପାଇଁ ପ୍ରତାପ ଷଡଙ୍ଗୀଙ୍କ ଜାତୀୟ ରାଜପଥ ମନ୍ତ୍ରୀଙ୍କୁ ଚିଠି

ଜଳେଶ୍ୱର,୧୭।୧୧ (ନି.ପ୍ର): ବାଲେଶ୍ୱରର ନହରପାଟଣାରୁ ଖଡଗପୁର ଯାଏ ଲମ୍ବିଯାଇଥିବା ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର କୋର୍ଟ କମ୍ପ୍ଲେକ୍ସ ଠାରୁ ପର୍ଶ୍ଚିମବଂଗ ବୋର୍ଡର ପର୍ଯ୍ୟନ୍ତ ରାସ୍ତାର ସୌନ୍ଦର୍ଯିକରଣ ଓ ଆଲୋକୀକରଣ ଲାଗି ବାଲେଶ୍ୱର ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଜାତୀୟ ରାଜପଥ ମନ୍ତ୍ରୀ ନିତିନ ଗଡକରୀଙ୍କୁ ଏକ ଚିଠି ଲେଖିଥିବା ଜଣାଯାଇଛି । ଚିଠି ନଂ ୧୪୭୯ ତା ୨୨-୯-୨୦ରେ ଏ ସମ୍ପର୍କରେ ଚିଠି ଲେଖିଥିବାର ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ ଆଜି ସାମ୍ବାଦିକ ମାନଙ୍କୁ ଜଣାଇଛନ୍ତି । ସେହିପରି ୧୮ନଂ ଜାତୀୟ ରାଜପଥ, ବାଲେଶ୍ୱର-ବାରିପଦା-ଝାରପୋଖରୀଆ ଲାଗି ୫ଦଫା ଓ ଭଦ୍ରକ ବାଲେଶ୍ୱର ୧୬ନଂ ଜାତୀୟ ରାଜପଥ ଲାଗି ୬ଦଫା ଦାବୀ ସଂପର୍କରେ ଏହି ଚିଠିରେ ଉଲ୍ଲେଖ କରାଯାଇଛି ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୮ ଗିରଫ

ଭୁବନେଶ୍ୱର,୧୭।୧୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧ଟି ମାମଲା ରୁଜୁ କରିଛି । ୧୮ ଜଣଙ୍କୁ ଗିରଫ କରା ଯାଇଥିବା ବେଳେ ୫୫୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୭,୫୮,୪୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟିଲା କୁଣ୍ଡା ବୋଝେଇ ଟ୍ରକ

ଗୁଣୁପୁର,୧୭।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଥାନା ରାମନାଗୁଡା ଫାଣ୍ଡି ଠାରୁ ୧ କିଲୋମିଟର ଦୂର ପାରୀକ୍ଷିତି ଘାଟି ଅର୍ଥାତ୍ ୩୨୬ ନଂ ଜାତୀୟ ରାଜପଥ କଡରେ ସୋମବାର ମଧ ରାତ୍ରୀ ୧୨ ଟା ସମୟରେ ଏକ କୁଣ୍ଡା ପାଉଡର ବୋଝେଇ ଟ୍ରକ ରାସ୍ତା ପାର୍ଶ୍ୱରେ ଓଲଟି ପଡିଥିଲା । ଇଟ୧୬ ଜ୍ଞର ୫୭୪୭ ନଂ ବିଶିଷ୍ଟ ଟ୍ରକଟି କୁଣ୍ଡା ପାଉଡର ବୋଝେଇ କରି ଛତିଶଗଡ଼ ରାଜ୍ୟ ରାୟଗଡା ଠାରୁ ଆନ୍ଧ୍ରପ୍ରଦେଶ ସ୍ଥିତ ଭିମାଓରାମ ଯାଉଥିବା ଜଣାପଡିଛି। ଘାଟିରେ ଟ୍ରକ ଟି ତଳକୁ ଗଡ଼ିବା ସମୟରେ ବୁଲାଣି ପଡୁଥିବାରୁ ଟ୍ରକ ଟିର ଭାରସାମ୍ୟ ହରାଇ ମୁଖ୍ୟ ରାସ୍ତା କଡରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଟ୍ରକ ଡ୍ରାଇଭର ଜାଙ୍ଗାଲା ପୋଲାୟାଙ୍କ ଠାରୁ ପ୍ରକାଶ। ଟ୍ରକ ଡ୍ରାଇଭର ଜାଙ୍ଗାଲା ପୋଲାୟାଙ୍କର ଦୁର୍ଘଟଣାରେ ବାମ ଗୋଡ଼ ଭାଙ୍ଗିଯାଇଥିବା ବେଳେ ହେଲପର ଜାଙ୍ଗାଲା ତାମିଙ୍କର ସାମାନ୍ୟ ଆଘାତ ହୋଇଥିବା ଜଣାପଡିଛି। ଡ୍ରାଇଭର ଓ ହେଲପର ଉଭୟଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ରାମନାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।

## ପୋଲିସ୍ ଉପରକୁ ବୋମା ମାଡ : ଡକାୟତି ପୂର୍ବରୁ ଧରାପଡିଲେ ୫ ଅଭିଯୁକ୍ତ

ଡେଲାଙ୍ଗ,୧୭।୧୧ (ନି.ପ୍ର): ଡକାୟତି ପାଇଁ ପ୍ରସ୍ତୁତି ହେଉଥିବା ବେଳେ ପୋଲିସ ଚଢଉ କରି ୫ଅପରାଧିଙ୍କୁ ଗିରଫ କରିଛି । ସାଉରିଆ ପଂଚାୟତ ଲୁହାଗଡ ଛକ ସନ୍ନିକଟ ପୁରୁଣା ମଦ ଦୋକାନ ଠାରେ କେତକ ବ୍ୟକ୍ତି ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ବେଳେ ,ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଘଟଣାସ୍ଥଳରେ ପହଂଚିଥିଲା । ଅପରାଧିମାନେ ପୋଲିସ ଉପରକୁ ହାତ ବୋମା ଫିଙ୍ଗି ଫେରାର ହେବାକୁ ଉଦ୍ୟମ କଲାବେଳେ ଏସ ଆଇ ଉପେନ୍ଦ୍ର ନାଥ ଦାସ ଙ୍କ ପୋଲିସ ଟିମ କୌଶଳକ୍ରମେ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ସେମାନଙ୍କ ଠାରୁ ଖଣ୍ଡା,ହାତୁଡି,ଲୁହାରଡ,କଟୁରୀ ,ଦୁଇ ପ୍ୟାକେଟ୍ ଲଙ୍କାଗୁଣ୍ଡ,୨ଟି ଟର୍ଚ୍ଚ,୩ଟି ମୋଟର ବାଇକ୍,୨ଟି ହାତ ବୋମା ଜବତ କରିବା ସହ ୭ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ଗିରଫ କରିଥିଲେ । ସେମାନେ ହେଲେ ଜଟଣୀ ଥାନା ବେଣାପଞ୍ଜରୀ ଗ୍ରାମର ରାଜୁ ଓରଫ ବସିରୁଲା ଖାଁ,ମୁକ୍ତାର ଖାଁ,ମୁଜାହିଦ୍ ଖାଁ, ସକାବତ ଖାଁ ବୋଲି ଅଭିଯୁକ୍ତ ମାନେ ପରିଚୟ ଦେଇଥିବା ବେଳେ ଆଉ ଜଣେ ଡେଲାଙ୍ଗ ଥାନା ସାଉରିଆ ପଂଚାୟତ କୁଆପଦା ଗ୍ରାମର ବୁଟୁନା ଓରଫ ସୁନୀଲ ଜେନା ବୋଲି ପୁଲିସ ପରିଚୟ ପାଇଛି ।ଅନ୍ୟ ଦୁଇ ଜଣ ଫେରାର ହୋଇଯାଥିଲେ। ସୁନୀଲ ଜେନା ବିରୋଧରେ ନରହତ୍ୟା,ଡକାୟତି,ସଂଘର୍ଷ ଆଦି ୧୨ଟି ମାମଲା ରହିଥିବା ବେଳେ ୫ଟିରେ ଗିରଫ ପରଓାନ ରହିଥିଲା । ବେଣାପଞ୍ଜରୀ ର ୪ ଅଭିଯୁକ୍ତ ନାମରେ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ମାମଲା ରହିଥିବା ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo